79th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୧୭୯ ● କଟକ ● ଶନିବାର ● ୨୪ ଜାନୁଆରୀ-୨୦୨୬ ● ମକର-୨୩ ● ସାଲ୍-୧୪୩୩
CUTTACK ● SATURDAY ● 24 JANUARY-2026 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା


## ନେତାଜୀଙ୍କର ଦୂରଦୃଷ୍ଟି ଦେଶକୁ ପ୍ରେରଣା ଦେଇଆସୁଛି: ଉପରାଷ୍ଟ୍ରପତି



କଟକ (ପିପିଏସ୍): ଭାରତର ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ୍ କଟକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମସ୍ଥାନ ସଂଗ୍ରହାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜିତ ପରାକ୍ରମ ଦିବସ ସମାରୋହରେ ଯୋଗ ଦେଇଛନ୍ତି। ସମାବେଶକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି ନେତାଜୀଙ୍କୁ ଭାରତର ଜଣେ ମହାନ ସୁପୁତ୍ର ଭାବରେ ବର୍ଣ୍ଣନା କରିବା ସହିତ ତାଙ୍କ ପ୍ରତି ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନେତାଜୀଙ୍କ ଜନ୍ମସ୍ଥାନକୁ ତାଙ୍କର ଗସ୍ତକୁ ସେ ଗଭୀର ଭାବରେ ପ୍ରେରଣାଦାୟକ ବୋଲି କହିଥିଲେ। ସେ କହିଥିଲେ ଯେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କେବଳ ଭାରତର ସ୍ୱାଧୀନତା ପାଇଁ ଲଢ଼ି ନଥିଲେ ବରଂ ସ୍ୱାଧୀନତା ପରେ ଦେଶର ଶାସନ ପାଇଁ ତାଙ୍କର ଏକ ସ୍ପଷ୍ଟ ଦୃଷ୍ଟିକୋଣ ଥିଲା। ନେତାଜୀ ଭାରତକୁ ଏକ ମଜବୁତ, ଶକ୍ତିଶାଳୀ ରାଷ୍ଟ୍ର ଭାବେ ନିର୍ମାଣ କରିବାକୁ ପରିକଳ୍ପନା କରିଥିଲେ। ଆଜାଦ ହିନ୍ଦ୍ ଫୌଜର ପରିକ୍ରମା ସଙ୍ଗୀତ 'କଦମ କଦମ୍ ବଢ଼ାଏ ଯା'ର ଉତ୍ସାହ ଉଦ୍ରେକକାରୀ ସ୍ୱରକୁ ସ୍ମୃତିଚାରଣ କରି ଉପରାଷ୍ଟ୍ରପତି କହିଥିଲେ, ମଜବୁତ ଏବଂ ଆତ୍ମନିର୍ଭର ଭାରତ ନିର୍ମାଣ ଲାଗି ନେତାଜୀଙ୍କର ଦୂରଦୃଷ୍ଟି ଦେଶକୁ ଲଗାତାର ପ୍ରେରଣା ଦେଇ ଆସୁଛି। ନେତାଜୀଙ୍କ ସାହସ, ଏକତା ଏବଂ ମାତୃଭୂମି ପ୍ରତି ସର୍ବୋଚ୍ଚ ସମର୍ପଣର ଆଦର୍ଶରୁ ପ୍ରେରଣା ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ଦିଗରେ ଆଗକୁ ବଢ଼ିବା ପାଇଁ ସାମୂହିକ ଭାବରେ ପ୍ରତିଜ୍ଞା କରିବାକୁ ସେ ନାଗରିକମାନଙ୍କୁ ଆହ୍ୱାନ କରିଥିଲେ।

ଉପରାଷ୍ଟ୍ରପତି କହିଥିଲେ, ଭାରତର ସଭ୍ୟତାଗତ ଯାତ୍ରାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏଠାରେ ଇତିହାସ, ଆଧ୍ୟାତ୍ମିକତା ଏବଂ ସଂସ୍କୃତି ଏକତ୍ରିତ ହୋଇଛି। ଜନଜାତି କଲ୍ୟାଣ, ଆଦିବାସୀ ସମ୍ପ୍ରଦାୟର ଜୀବନଧାରଣ ମାନ ଉନ୍ନତ କରିବା ପାଇଁ ଲକ୍ଷ୍ୟବଦ୍ଧ ପ୍ରୟାସ ଏବଂ ନିରନ୍ତର ଭିତ୍ତିଭୂମି ବିକାଶ ଲାଗି ସେ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ରାଜ୍ୟର ପ୍ରଗତିକୁ ନେଇ ବିଶ୍ୱାସ ପ୍ରକଟ କରି ସେ କହିଥିଲେ, ନିରନ୍ତର ସୁଶାସନ ସହିତ ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହେବ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, କଟକ ସାଂସଦ ଭର୍ତ୍ତୃହରି ମହତାବ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବିଧାୟକ ଉପସ୍ଥିତ ଥିଲେ।

## ବସ୍ ଧର୍ମଘଟ ଡାକରା ପ୍ରତ୍ୟାହୃତ

ଭୁବନେଶ୍ୱର: ବସ ଧର୍ମଘଟ ଡାକରା ପ୍ରତ୍ୟାହୃତ କରାଯାଇଥିବା ନେଇ ଘରୋଇ ବସ ମାଲିକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଓଡିଶାର ବସ୍ ମାଲିକ ସଂଘ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଥିବା ନେଇ ଘରୋଇ ବସ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଗତକାଲି ମୁଖ୍ୟମନ୍ତ୍ରୀଙ୍କ ସହ ଗତକାଲି ଆଲୋଚନା ସଫଳ ହୋଇଥିଲା। ଆଲୋଚନାରେ ପୂର୍ବଭଳି ଗାଁରୁ ବ୍ଲକ ମୁଖ୍ୟମନ୍ତ୍ରୀ ବସ ଚାଲିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ତାହା ସହ ଆଉ କେଉଁଠି ଗାଡି ଗଡ଼ିବ କି ନାହିଁ ସେନେଇ କମିଟି ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି। ବସ ଧର୍ମଘଟର ଡାକରା ଦେଇଥିଲା ଘରୋଇ ବସ ମାଲିକ ସଂଘ।

## ପରାକ୍ରମ ଦିବସ ଜାତୀୟ ଏକତାର ଅଭିନ୍ନ ପର୍ବ ହୋଇଛି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପରାକ୍ରମ ଦିବସ ଅବସରରେ ବିଶେଷ କରି ନେତାଜୀ ସୁଭାସ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଅଭିଭାଷଣ ରଖିଛନ୍ତି। ସମସ୍ତ ଦେଶବାସୀଙ୍କୁ ପରାକ୍ରମ ଦିବସର ଶୁଭେଚ୍ଛା ଜଣାଇ ଭିଡ଼ିଓ ବାର୍ତ୍ତା ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଣ୍ଡାମାନ ନିକୋବରରେ ପରିକ୍ରମା ଦିବସ ସ୍ୱତନ୍ତ୍ର। ସ୍ୱାଧୀନ ଭାରତର ପ୍ରଥମ ସୂର୍ଯ୍ୟୋଦୟର ସାକ୍ଷୀ ଆଣ୍ଡାମାନ। ଗୁଲାମୀ ଯୁଗ ଶେଷ ହୋଉ ଏବେ ନିଜ ପରିଚୟରେ ବଞ୍ଚୁଛି ଆଣ୍ଡାମାନ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ପରାକ୍ରମ ଦିବସ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, '' ଜାନୁଆରୀ ୨୩ ଏହି ଗୌରବଶୀଳ ତାରିଖ ସ୍ୱତନ୍ତ୍ର। ନେତାଜୀ ସୁଭାସ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ। ନେତାଜୀଙ୍କ ପରାକ୍ରମ, ସୌର୍ଯ୍ୟ ଆମକୁ ପ୍ରେରଣା ଦିଏ। ନେତାଜୀଙ୍କ ପ୍ରତି ଶ୍ରଦ୍ଧାଭାବରେ ପରିପୂର୍ଣ୍ଣ କରିଥାଏ। ବିଗତ ବର୍ଷରେ ପରାକ୍ରମ ଦିବସ ଦେଶର ରାଷ୍ଟ୍ରୀୟ ଭାବନା ଜାତୀୟ ଏକତାର ଅଭିନ୍ନ ପର୍ବ ହୋଇଛି। ଏହା ଏକ ସଂଯୋଗ ଜାନୁଆରୀ ୨୩ରେ ପରାକ୍ରମ ଦିବସ, ଜାନୁଆରୀ ୨୫ରେ ମତଦାତା ଦିବସ, ଜାନୁଆରୀ ୨୬ରେ ଗଣତନ୍ତ୍ର ଦିବସ, ୨୯ ଜାନୁଆରୀରେ ଭିଟି ରିଟ୍ରିଟ୍। ଗଣତନ୍ତ୍ରର ମହାପର୍ବ ପାଳନର ନୂଆ ପରମ୍ପରା ହୋଇଛି। ଏହା ଅବସରରେ ଦେଶବାସୀଙ୍କୁ ପରାକ୍ରମ ଦିବସରେ ଅନେକ ଅନେକ ଶୁଭେଚ୍ଛା। ୨୦୨୬ରେ ପରାକ୍ରମ ଦିବସରେ ମୁଖ୍ୟ ଆୟୋଜନ ଆଣ୍ଡାମାନ ନିକୋବରରେ ହେଉଛି। ସୌର୍ଯ୍ୟ, ପରାକ୍ରମ, ବଳିଦାନରେ ଓତଃପ୍ରୋତ ଆଣ୍ଡାମାନର ଇତିହାସ।'' ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି,'' ମାତ୍ର ରାଜନୀତି ସ୍ୱାର୍ଥରେ ଏହାର ଇତିହାସକୁ ଅଣଦେଖା କରାଯାଇଥିଲା। ସ୍ୱାଧୀନତାର ୭୦ ବର୍ଷ ପରେ ବି ଗୁଲାମୀର ପରିଚୟରେ ଯୋଡ଼ି ହୋଇଥିଲା। ଆମେ ଏହାକୁ ଶେଷ କରି ନୂଆ ପରିଚୟ ଦେଲୁ। ଗୁଲାମୀ ଯୁଗ ଶେଷ ହୋଇ ଏବେ ନିଜ ପରିଚୟରେ ବଞ୍ଚୁଛି ଆଣ୍ଡାମାନ। ଆଣ୍ଡାମାନର ୨୧ଟି ଦ୍ୱୀପକୁ ୨୧ ଭାରତୀୟ ସେନାଙ୍କ ନାମରେ ନାମିତ କରିଛୁ।''

## ଶଙ୍ଖ ଭବନ ଘେରିଲେ ଦଳୀୟକର୍ମୀ

ଭୁବନେଶ୍ୱର: ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନକୁ ନେଇ ବିଜେଡିରେ ଆରମ୍ଭ ହୋଇଯାଇଛି ବିଦ୍ରୋହ। ପାଟକୁରାର ଶହ ଶହ ବିଜେଡି କର୍ମୀ ଆଜି ଶ୍ରୀ ମହାପାତ୍ରଙ୍କ ସମର୍ଥନରେ ବାହାରି ଭୁବନେଶ୍ୱରରେ ଦଳୀୟ ମୁଖ୍ୟ କାର୍ଯ୍ୟାଳୟ 'ଶଙ୍ଖ ଭବନ' ଘେରାଉ କରିଛନ୍ତି। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନକୁ ନେଇ ବିଜେଡିରେ ଆରମ୍ଭ ହୋଇଯାଇଛି ବିଦ୍ରୋହ। ପାଟକୁରାର ଶହ ଶହ ବିଜେଡି କର୍ମୀ ଆଜି ଶ୍ରୀ ମହାପାତ୍ରଙ୍କ ସମର୍ଥନରେ ବାହାରି ଭୁବନେଶ୍ୱରରେ ଦଳୀୟ ମୁଖ୍ୟ କାର୍ଯ୍ୟାଳୟ 'ଶଙ୍ଖ ଭବନ' ଘେରାଉ କରିଛନ୍ତି। ସେମାନେ କେବଳ ଦଳରୁ ବିଧାୟକଙ୍କ ନିଲମ୍ବନ ବିରୋଧରେ ପ୍ରତିବାଦ କରି ନାହାନ୍ତି, ସଭାପତି ନବୀନ ପଟ୍ଟନାୟକ ତୁରନ୍ତ ତାଙ୍କ ନିଷ୍ପତ୍ତି ପରିବର୍ତ୍ତନ କରନ୍ତୁ ବୋଲି କହିଛନ୍ତି। ନିଷ୍ପତ୍ତି ନବଦଳିଲେ ସେମାନେ ବିଧାୟକଙ୍କ ସହିତ ରହିବେ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ଶଙ୍ଖ ଭବନରେ ଦଳର ବରିଷ୍ଠ ନେତାମାନେ ସେମାନଙ୍କ ସହିତ ଆଲୋଚନା କରି ଏହି ପ୍ରସଙ୍ଗରେ ସଭାପତିଙ୍କ ସହିତ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପାଟକୁରାବାସୀଙ୍କୁ ହଇରାଣ କରିଥିବାରୁ ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ଦୁଇ ଦିନ ତଳେ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିଲେ ଓ ଏନେଇ ଚାଲିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ପ୍ରୟାସ କରିଥିଲେ। କିନ୍ତୁ ତାଙ୍କ ଉଦ୍ୟମ ବିଫଳ ହୋଇଛି। ନିଲମ୍ବନ ପରଠାରୁ ବିଧାୟକ ଶ୍ରୀ ମହାପାତ୍ର ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗର ପ୍ରମାଣ ମାଗୁଥିବା ବେଳେ ଆଜି ପାଟକୁରାର ଶହ ଶହ ଦଳୀୟ କର୍ମୀ ତାଙ୍କ ସମର୍ଥନରେ ବାହାରି ପ୍ରମାଣ ମାଗିଛନ୍ତି, ତାହା ପୁଣି ଶଙ୍ଖ ଭବନ ଘେରାଉ କରି। ଶଙ୍ଖ ଭବନ ଘେରାଉ କରିବାକୁ ଆସିଥିବା ବିଜେଡି କର୍ମୀମାନେ କହିଛନ୍ତି ଯେ ସେମାନେ କେବଳ ଅରବିନ୍ଦଙ୍କ ସମର୍ଥକ ନୁହନ୍ତି। ସେମାନେ ସମସ୍ତେ ବିଜେଡିର କର୍ମୀ। ବିଧାୟକଙ୍କ ପ୍ରତି ଅନ୍ୟାୟ କରାଯାଇଥିବା ସେମାନେ କହିଛନ୍ତି। ସେ ବିଜେଡିରେ ମିଶିବା ପରଠାରୁ ସେମାନେ ତାଙ୍କ ସହିତ ଅଛନ୍ତି। ସେ କୌଣସି ଦଳ ବିରୋଧୀ କାର୍ଯ୍ୟ କରି ନାହାନ୍ତି। ସେ ଦୁର୍ନୀତି କରି ନାହାନ୍ତି କି ଦଳ ସହ ବିଶ୍ୱାସଘାତ କରି ନାହାନ୍ତି। ଏ ସବୁ ମିଥ୍ୟାଭିଯୋଗ। ବିଧାୟକଙ୍କ ସହିତ କେବଳ ଗୋଟିଏ ଜିନିଷ ଘଟିଛି। ତାଙ୍କ ବିରୋଧରେ ଚକ୍ରାନ୍ତ କରାଯାଇଛି।

## ଏପ୍ରିଲରୁ ଜନଗଣନା

ନୂଆଦିଲ୍ଲୀ : କେନ୍ଦ୍ର ସରକାର ଗୁରୁବାର ଜନଗଣନା ୨୦୨୭ ସଂକ୍ରାନ୍ତ ନୂଆ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଜନଗଣନା ବେଳେ ଲୋକଙ୍କୁ ପଚରାଯିବାକୁ ଥିବା ୩୩ ପ୍ରଶ୍ନର ତାଲିକା ଦିଆଯାଇଛି। ଲୋକଙ୍କୁ ଘର, ପରିବାର, ଗାଡ଼ି ଆଦି ସଂକ୍ରାନ୍ତରେ ତଥ୍ୟ ଦେବାକୁ ପଡ଼ିବ। ଜନଗଣନା ସମୟରେ ପରିବାରର ମୁଖିଆଙ୍କୁ ଏହିସବୁ ତଥ୍ୟ ପ୍ରଦାନ କରିବାକୁ ହେବ। ସରକାରଙ୍କ ଅନୁସାରେ, ଦୁଇଟି ପର୍ଯ୍ୟାୟରେ ଜନଗଣନା କରାଯିବ। ପ୍ରଥମ ପର୍ଯ୍ୟାୟ ଚଳିତବର୍ଷ ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ୩୦ ଦିନ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବେ। ଏଥିରେ ଘରଗୁଡ଼ିକର ତାଲିକା ଏବଂ ଘର ସଂକ୍ରାନ୍ତ ବିଭିନ୍ନ ତଥ୍ୟ ସଂଗ୍ରହ କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ଫେବୃଆରୀରୁ ଆରମ୍ଭ ହେବ। ଏଥିରେ ଜନସଂଖ୍ୟା ଗଣନା ଆରମ୍ଭ କରାଯିବ। ସରକାର ଆହୁରି କହିଛନ୍ତି, ଘରଗୁଡ଼ିକର ତାଲିକା ଆରମ୍ଭ ହେବାର ୧୫ ଦିନ ପୂର୍ବରୁ ଲୋକଙ୍କୁ ନିଜ ଆଡୁ ସୂଚନା ପ୍ରଦାନ (ସେଲ୍ଫ ଏନ୍ୟୁମରେସନ) ର ବିକଳ୍ପ ବି ଦିଆଯିବ। ଉଲ୍ଲେଖଥାଉ କି ୨୦୨୧ରେ ଜନଗଣନା ହେବାର ଥିଲା। କିନ୍ତୁ କରୋନା ମହାମାରୀ କାରଣରୁ ଏହାକୁ ସ୍ଥଗିତ ରଖାଯାଇଥିଲା।

## ମଇ ୨ରେ ନିଟ୍ ଏମ୍‌ଡିଏସ୍, ଅଗଷ୍ଟ ୩୦ରେ ପିଜି ପରୀକ୍ଷା

ଭୁବନଶ୍ୱର : ନ୍ୟାସନାଲ ବୋର୍ଡ ଅଫ୍ ଏକ୍‌ଜାମିନେସନ୍ସ ଇନ୍ ମେଡିକାଲ ସାଇନ୍ସସ୍ (ଏନବିଇଏମ୍‌ଏସ୍) ନିଟ୍-ଏମଡିଏସ୍ ୨୦୨୬ ଓ ନିଟ୍-ପିଜି ୨୦୨୬ ପ୍ରବେଶିକା ପରୀକ୍ଷା ପାଇଁ ଏକ ଆପାତକାଳୀନ କାର୍ଯ୍ୟସୂଚୀ ଘୋଷଣା କରିଛି। ୨ ମଇରେ ନିଟ୍-ଏମ୍‌ଡିଏସ୍ ୨୦୨୬ ଏବଂ ୩୦ ଅଗଷ୍ଟରେ ନିଟ୍-ପିଜି ୨୦୨୬ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ପାଇଁ ପ୍ରସ୍ତାବ ରହିଛି। ନିଟ୍-ଏମ୍‌ଡିଏସ୍ ୨୦୨୬ ପାଇଁ କଟ୍ ଅଫ୍ ଡେଟ୍ ଅଫ୍ କମ୍ପିଟିସନ୍ ଅଫ୍ ଇର୍ଣ୍ଟର୍ଣ୍ଣସିପ୍ ୩୧ ମଇ ଓ ନିଟ୍-ପିଜି ୨୦୨୬ ପାଇଁ ସେପ୍ଟେମ୍ବର ୩୦ ତାରିଖ ରଖାଯାଇଛି। ଏହି ସମୟ ଭିତରେ ଛାତ୍ରଛାତ୍ରୀ ଇର୍ଣ୍ଟର୍ନସିପ୍ ସମାପ୍ତ କରିବାକୁ ପଡିବ। ଏନବିଇଏମ୍‌ଏସ୍ ପକ୍ଷରୁ କରାଯାଇଥିବା ଘୋଷଣା ଫଳରେ ଦେଶବ୍ୟାପୀ ହଜାର ହଜାର ଆଶାୟୀଙ୍କୁ ଆଶ୍ୱସ୍ତି ମିଳିଛି। ଏହି ଦୁଇଟି ପରୀକ୍ଷା କମ୍ପ୍ୟୁଟର-ଆଧାରରେ ଅନୁଷ୍ଠିତ ହେବ।

## କନ୍ଦାଉଛି ଟ୍ରାଫିକ୍ ଯନ୍ତ୍ରଣା



ଭୁବନେଶ୍ୱର : ଯନ୍ତ୍ରଣା ଦେଉଛି ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟା। ସକାଳେ ଅଫିସ ଓ ସ୍କୁଲ କଲେଜ ଯିବା ସମୟରେ ଭିଡ଼। ସନ୍ଧ୍ୟାରେ ନାକେଦମ୍ କରୁଛି ଟ୍ରାଫିକ୍ ଜାମ୍। ବିଭିନ୍ନ ପ୍ରମୁଖ ଛକରେ ଏମିତି କଲବଲ ହେଉଛନ୍ତି ରାଜଧାନୀବାସିନ୍ଦା। ସାଧାରଣ ଲୋକଙ୍କ କଥା ଛାଡ଼ନ୍ତୁ, ଏଠି ଆମ୍ବୁଲାନ୍ସ ପାଇଁ ମଧ୍ୟ ରାସ୍ତା ନାହିଁ। ଭୁବନେଶ୍ୱର କାୟା ମେଲାଉଥିବା ବେଳେ ସମୟ ଆଗରୁ ବ୍ୟବସ୍ଥା ନକଲେ ଆଗକୁ ସ୍ଥିତି ଆହୁରି ଜଟିଳ ହୋଇପାରେ। ରାଜଧାନୀ ରାସ୍ତାକୁ ଜୁହାର। ସନ୍ଧ୍ୟା ହେଲେ ଡର ଲାଗୁଛି। ଗାଡ଼ି ଧରି ବାହାରିବାକୁ ଇଚ୍ଛା ହେଉନି। ନାକେଦମ୍ କରୁଛି ଟ୍ରାଫିକ୍ ଜାମ। ଅସମ୍ଭାଳ ଭିଡ଼ରେ ଜହଗଞ୍ଜି ହେଉଛି ଜନଜୀବନ। ଘରୁ ବାହାରିଲେ କେତେବେଳେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବେ, ଆଉ କାମ ସାରି ଘରେ ପହଞ୍ଚିବାକୁ କେତେ ସମୟ ଲାଗିବ, ଏକଥା କାହାକୁ ଜଣା ନାହିଁ। କାରଣ ଟ୍ରାଫିକ୍ ଭିଡ଼ରେ ଫସିଲା କଥା ସରିଲା। ଜୟଦେବ ବିହାର-ପଟିଆ ମୁଖ୍ୟ ରାସ୍ତାର ଟ୍ରଫିକ ସମସ୍ୟା ଭୟଙ୍କର ହୋଇଯାଉଛି। ପଛକୁ ପଛ ଗାଡ଼ିର ଲମ୍ବା ଲାଇନ୍। କେତେ ଦୂର ଯାଏଁ ଏଭଳି ଲମ୍ବିଛି ଟ୍ରାଫିକ ଆଖି ପାଉନି। ସମୟ ବଢ଼ିବା ସହ ଭିଡ଼ ବଢୁଛି ଆଉ ପଥଚାରୀ କଲବଲ ହେଉଛନ୍ତି। ଇଏ ଆଜି କି କାଲିର ଦୃଶ୍ୟ ନୁହେଁ, ନିଇତି ଏମିତି ଘାଣ୍ଟି ସନ୍ତୁଳି ହେଉଛନ୍ତି ରାଜଧାନୀ ବାସିନ୍ଦା।

ପଳାଶୁଣି ଛକ ହେଉ କି ଜୟଦେବ ବିହାର, ଅବା ନୟାପଲ୍ଲୀ। ପୁଣି ଇନଫୋସିଟି ରୋଡ୍, ମାଷ୍ଟର କ୍ୟାଣ୍ଟିନ, କଟକ ରୋଡ, ଜନପଥ, ବାଣୀବିହାର ଛକ, ସଚିବାଳୟ ମାର୍ଗ, ଉଜଚ ସ୍କୋୟାରରେ ଏଭଳି ଦୟନୀୟ ଟ୍ରାଫିକ୍ ସମସ୍ୟା ଭୋଗୁଛନ୍ତି ଲୋକ। କେତେବେଳେ ଅଧାଘଣ୍ଟା ତ କେବେ ଘଣ୍ଟାଘଣ୍ଟା ଅଟକି ରୁହନ୍ତି ବସ୍, ଛୋଟ ଗାଡ଼ି ଓ ବାଇକ ଆରୋହୀ। ଆଉ ଏସବୁ ରାସ୍ତାରେ କିଛି ଦୁର୍ଘଟଣା ଘଟିଲେ କଥା ସରିଲା। ଏମିତି କି ଆମ୍ବୁଲାନ୍ସ ଯିବାକୁ ବି ବାଟ ରହୁନି। ଆମ୍ବୁଲାନ୍ସ ପାଇଁ ସ୍ୱତନ୍ତ୍ର ରାସ୍ତା କରିବାକୁ କେବେଠାରୁ ସରକାର ଘୋଷାଣ କରିଛନ୍ତି। କିନ୍ତୁ ଏଯାଏଁ କାର୍ଯ୍ୟକାରି ହୋଇପାରିଲା ନାହିଁ। ସଡ଼କ ସୁରକ୍ଷା ବିଶେଷଜ୍ଞଙ୍କ ମତରେ, ରାସ୍ତା ପ୍ରଶସ୍ତୀକରଣ ବେଳେ ବସ୍ ବେ, ଆମ୍ବୁଲାନ୍ସ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଉନି। ଲେନ୍ ଡ୍ରାଇଭିଂ ନେଇ କୌଣସି କଟକଣା ବି ନାହିଁ। ସେହିପରି ରାସ୍ତା ଉପରେ ପାର୍କିଂ ଯୋଗୁଁ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ଭୁବନେଶ୍ୱରର କଳେବର ବଢୁଛି। ଜନସଂଖ୍ୟା ଉଛୁଳିଲାଣି। ଗାଡ଼ିମୋଟର ସଂଖ୍ୟା ଅହେତୁକ ଭାବରେ ବଢି ଚାଲିଛି। ସେହି ଅନୁସାରେ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇନି। ବିଶେଷ କରି କୌଣସି ମେଳା, ମହୋତ୍ସବ କିମ୍ବା ଲଗାତାର ଛୁଟି ଦିନ ପଡ଼ିଲେ ଅସମ୍ଭାଳ ହେଉଛି ଟ୍ରାଫିକ୍ ନିୟନ୍ତ୍ରଣ। ସାଧାରଣ ଲୋକ ଘାଣ୍ଟି ହେଉଥିବା ବେଳେ ସରକାର, ପ୍ରଶାସନ ଓ ଟ୍ରାଫିକ ପୋଲିସ ତୁରନ୍ତ ଏହାର ସମାଧାନ କାଢ଼ିବାକୁ ଦାବି ହେଉଛି।


### ସପ୍ତାହନ୍ତ ବିଚାର
ସଂଘର୍ଷ ଆଡ଼କୁ ମୁହାଁଉଛି ଆମେରିକା-ଇଉରୋପ


### ବାଟେଘାଟେ



ସିଡିଏର କାଠଯୋଡି ବନ୍ଧ ତଳ
ପାଲଟିଛି ଏବେ ବସ୍ତି
ବାଂଲାଦେଶୀଏ ଲୁଚି ଛପି ଆସି
କରନ୍ତି ଏଠାରେ ମସ୍ତି
ନଈପଠା ଜଙ୍ଗଲରୁ ଗଛ କାଟି
କରିତ ଦେଲେଣି ପଦା
ବସ୍ତି ବାସିନ୍ଦା ନିଜକୁ ଏଠାରେ
ଭାବୁଛନ୍ତି ଗୁଣ୍ଡା ଦାଦା
ପ୍ରଶାସନ ନିତି ସେଇ ବାଟେ ଯାନ୍ତି
ପଡୁନି ନଜର କା'ର
ଥାନା ରହି ଅଛି ଅନତି ଦୂରରେ
କରିବ କେ ପ୍ରତିକାର ? – ରାହୀ







# ଆଜିର ରାଶିଫଳ

**ମେଷ**
ମେଷ: ସ୍ୱାଧୀନ ଭାଷଣ, ସ୍ୱାଧୀନ ବିହାର, ସ୍ୱାଧୀନ ଜୀବନ ଓ ସ୍ୱାଧୀନ ସମିତି ଏହି ଚାରିସ୍ତମ୍ଭ ହେଉଛି ମାନବ ସଂସ୍କୃତି; ଯାହା ଆପଣଙ୍କଠାରେ ପ୍ରତିଭାତ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟେକ କାର୍ଯ୍ୟରେ ସର୍ବତ୍ର ବିଜୟୀ ହେବେ।

**ବୃଷ**
ବୃଷ: ଲକ୍ଷ୍ମୀ ବରଦାୟିକା ଅଛନ୍ତି। ଧନ, ଜନ, ଗୋପ, ଲକ୍ଷ୍ମୀ ସବୁକିଛି ପ୍ରାପ୍ତ ହେବେ। ଅନ୍ତର୍ନିହିତ ଗୁଣାବଳୀର ବିକାଶ ଘଟାଇ ଜୀବନକୁ ମହାର୍ଘ କରିପାରନ୍ତି। ଶାନ୍ତିପ୍ରିୟ ଓ ସହନଶୀଳ ମନୋଭାବର ହେବେ।

**ମିଥୁନ**
ମିଥୁନ: ସୁଖ, ଶାନ୍ତି, ସନ୍ତୋଷ ରୂପକ ଐଶ୍ୱର୍ଯ୍ୟ ପ୍ରାପ୍ତିର ସୂଚନା ମିଳୁଛି। ମାଲିମୋକଦ୍ଦମାରେ ବିଜୟୀ ହେବା ସହିତ ଧନ ଲାଭ ହେବ। ଆହର ଓ ବ୍ୟବହାରରେ 'ତ୍ୟକ୍ତ ଲଜ୍ୟ' ହୋଇପାରନ୍ତି। ବିଜୟୀ ହେବେ।

**କର୍କଟ**
କର୍କଟ: ଅଂହକାର ଶୂନ୍ୟ ହେଲେ କୃଚ୍ଛ ଓ ଏକାନ୍ତ ସାଧନାରେ ସିଦ୍ଧି ପ୍ରାପ୍ତ ହେବେ। କର୍ମଚଞ୍ଚଳ ହୋଇ ଅସାଧ ସାଧନ କରିପାରନ୍ତି। ଧର୍ମ ଚିନ୍ତାଧାରୀ ହୋଇପାରନ୍ତି। ଗୁପ୍ତ ବିଦ୍ୟାଧାୟୀ ହେବେ। ମିତବ୍ୟୟୀ ହେବେ।

**ସିଂହ**
ସିଂହ: ଆତ୍ମା ଶାଶ୍ୱତ ଓ ଚିରନ୍ତନ; ଯିଏ କି ଅଦୃଶ୍ୟ ହୋଇ ଅନ୍ତରରେ ବାସ କରନ୍ତି। କେବଳ ଆପଣଙ୍କ ଭଳି ବିଜ୍ଞ ଲୋକେ ତାଙ୍କୁ ଚିହ୍ନିପାରନ୍ତି। ସ୍ୱାର୍ଥ ସୀମିତ ହେବ। ପରୋପକାରରେ ନିଜକୁ ସମର୍ପଣ କରିପାରନ୍ତି।

**କନ୍ୟା**
କନ୍ୟା: ପରିବାର ରୂପୀ ସଂସ୍କାରଶାଳାକୁ ଉତ୍ତମ ରୂପେ ଅନୁଭବ କରିବା ଆବଶ୍ୟକ। ସ୍ୱକୀୟ ଗୁଣକୁ ନେଇ ପୂଜ୍ୟ ହୋଇପାରନ୍ତି। ଜ୍ଞାନାଲୋକରେ ଅନ୍ଧକାରରେ ବୁଡ଼ି ରହିଥିବା ସାମାଜିକ ଚଳଣିକୁ ଉଜ୍ଜ୍ୱଳ କରିପାରନ୍ତି

**ତୁଳା**
ତୁଳା: କର୍ମସ୍ଥାନରେ ସମସ୍ତ ବାଧାବିଘ୍ନ ଦୂର ହେବ ଓ ସହକର୍ମୀଙ୍କ ସହଯୋଗରେ ସମସ୍ତ କର୍ମରେ ସଫଳତା ଏବଂ ପ୍ରଶଂସା ପାଇବେ। ବାଣିଜ୍ୟ, ବ୍ୟବସାୟ ଠିକ୍ରେ ଚାଲିବ ଓ ଆୟ ହେବ। ଶତ୍ରୁମାନେ ମିତ୍ର ହେବେ।

**ବିଛା**
ବିଛା: ମାନସମ୍ମାନ ହାନି ଓ ଇତର ଜନଠାରୁ ଅପମାନ ପାଇପାରନ୍ତି। ପାରିବାରିକ ଅଶାନ୍ତି ଓ କର୍ମସ୍ଥାନରେ ଅପମାନିତ ହୋଇପାରନ୍ତି। ପୁତ୍ର, କନ୍ୟା ଅବଜ୍ଞା କରିପାରନ୍ତି। ମହିଳାମାନେ ବିଷାଦଗ୍ରସ୍ତ ହେବେ।

**ଧନୁ**
ଧନୁ: ଜଣେ ସମାଜସେବୀଭାବେ ଦୟାଧର୍ମରେ ବିଲୀନ ହୋଇପାରନ୍ତି। ସେବା ଓ ପରୋପକାରକୁ ଜୀବନର ବ୍ରତଭାବେ ଗ୍ରହଣ କରିପାରନ୍ତି। ସୁସ୍ଥ ଓ ନିରାମୟ ରହିବେ। ଦାମ୍ପତ୍ୟ ଜୀବନ ସୁଖପ୍ରଦ ହୋଇପାରେ।

**ମକର**
ମକର: ପ୍ରେମପୂର୍ଣ୍ଣ ବ୍ୟବହାରରେ ଶତ୍ରୁକୁ କରାୟତ କରିପାରନ୍ତି। ଆକସ୍ମିକ ଧନଲାଭ ଓ ଆର୍ଥିକ ଅବସ୍ଥାରେ ଉନ୍ନତି ଘଟିବ। କର୍ମରେ ଉନ୍ନତି ଓ ଦରମାରେ କିଛି ବୃଦ୍ଧି ଘଟିପାରେ। ମୂଲ୍ୟବାନ ଧାତୁ କ୍ରୟ କରିପାରନ୍ତି।

**କୁମ୍ଭ**
କୁମ୍ଭ: କର୍ମରେ ଅସ୍ଥିରତା, ବାଧାବିଘ୍ନ ଓ ଉପରିସ୍ଥ କର୍ମଚାରୀଙ୍କ ରୋଷର ଶିକାର ହେବେ। ବାପା ମା'ଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାଗ୍ରସ୍ତ ହେବେ। ପ୍ରିୟଜନଙ୍କ ସହ ମତାନ୍ତର କିମ୍ବା ତାଙ୍କଠାରୁ ଅପମାନ ପାଇପାରନ୍ତି। କର୍ମଠ ହେବେ।

**ମୀନ**
ମୀନ: କର୍ମରେ ଅନାଗ୍ରହ ଓ ସମସ୍ତ କର୍ମରେ ଅଯଥା ବିଳମ୍ବ ପରିଲକ୍ଷିତ ହେବ। ପରିସ୍ଥିତି ଖରାପ ନ ଥିଲେ ମଧ୍ୟ ମନ ଅଶାନ୍ତ ରହିବ। ବିନା କାରଣରେ ଆଜି ବହୁ ବ୍ୟସ୍ତ ରହିବେ। ମହିଳାମାନେ ବିଷାଦଗ୍ରସ୍ତ ହେବେ।

# ସୋୟା ମଞ୍ଚୁରିଆନ୍

**ଆବଶ୍ୟକ ସାମଗ୍ରୀ :** ସୋୟାବିନ, କର୍ଣ୍ଣଫ୍ଲୋର, ଲଙ୍କା ଗୁଣ୍ଡ, ଗୋଲମରିଚ, ପିଆଜ, ଶିମଳା ଲଙ୍କା, ଚିଲି ସସ୍, ସୋୟା ସସ୍, ରସୁଣ, ଅଦା, କଟା ପିଆଜ, କଞ୍ଚାଲଙ୍କା, ଟମାଟୋ ସସ୍, ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସୋୟାବିନକୁ ଗରମ ପାଣିରେ ତିନି ଚାରି ମିନିଟ ବତୁରାଇ ଦିଅନ୍ତୁ । ଏହାପରେ ସୋୟାବିନ ଗୁଡ଼ିକୁ ପାଣିରୁ ଚିପୁଡି କାଢି ନିଅନ୍ତୁ। ଏକ ପାତ୍ରରେ ବତୁରି ଯାଇଥିବା ସୋୟାବିନକୁ କର୍ଣ୍ଣଫ୍ଲୋର, ଲୁଣ, ଲଙ୍କାଗୁଣ୍ଡ ଓ ଗୋଲମରିଚ ଗୁଣ୍ଡ ପକାଇ କିଛି ସମୟ ପର୍ଯ୍ୟନ୍ତ ରଖିଦିଅନ୍ତୁ। ଏହାପରେ ତାକୁ ତେଲରେ ଛାଣି ଏକ କଡ଼େଇରେ ରଖନ୍ତୁ। ଏବେ କଡ଼େଇରେ ଅଳ୍ପ ତେଲ ଗରମ କରନ୍ତୁ। ତେଲ ଅଳ୍ପ ଗରମ ହୋଇଯିବା ପରେ ସେଥିରେ ଅଦା ରସୁଣ, ପିଆଜ କଞ୍ଚାଲଙ୍କା ଓ ଶିମିଳା ଲଙ୍କା ପକାଇ ୧ ମିନିଟ ଭାଜନ୍ତୁ । ଏହାପରେ ସେଥିରେ ଟମାଟୋ ସସ୍, ଚିଲି ସସ୍, ସୋୟା ସସ୍ ଓ ଅଳ୍ପ ଲୁଣ ପକାନ୍ତୁ। ଏହାପରେ ଏଥିରେ ଅଧାକପ୍ ପାଣି ମିଶାଇ ତାକୁ ଭଲରେ ଭାବରେ ଗୋଳାଇ ଦିଅନ୍ତୁ। ଏବେ ପୂର୍ବରୁ ରଖିଥିବା ସୋୟାବିନକୁ ଝୋଳରେ ପକାଇ ଗୋଳାଇ ଦିଅନ୍ତୁ।ଏବେ ପ୍ରସ୍ତୁତ ହୋଇଗଲା ଗରମାଗରମ 'ସୋୟା ମଞ୍ଚୁରିଆନ'। ଏହି ରେସିପିଟିକୁ ରୁଟି ବା ପରଟା ସହ ଖାଇଲେ ବେଶୀ ଭଲ ଲାଗିଥାଏ । ଏହି ରେସିପିଟିକୁ ଘରେ ବନେଇ ନିଜେ ଖାଆନ୍ତୁ ଓ ଘର ଲୋକଙ୍କୁ ପରଷନ୍ତୁ ।



# ଜାତୀୟ କନ୍ୟା ସନ୍ତାନ ଦିବସ

ଭାରତରେ ପ୍ରତିବର୍ଷ ଜାନୁଆରୀ ୨୪ରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ କରାଯାଏ। ଝିଅମାନଙ୍କ ଅଧିକାର, ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ବିଷୟରେ ସମାଜରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଏ। ତେବେ ଆସନ୍ତୁ ଜାଣିବା କେବେ ଏବଂ କାହିଁକି କନ୍ୟା ସନ୍ତାନ ଦିବସ ପାଳନ କରିବାର ଆବଶ୍ୟକତା ଅନୁଭବ ହୋଇଥିଲା। ଭାରତ ସରକାରଙ୍କ ଦ୍ୱାରା ୨୦୦୮ରେ ଜାତୀୟ କନ୍ୟା ସନ୍ତାନ ଦିବସ ଆରମ୍ଭ କରାଯାଇଥିଲା। ଏହାକୁ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିଲା। କନ୍ୟା ସନ୍ତାନ ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ସମାଜରେ ଝିଅମାନଙ୍କ ପ୍ରତି ପ୍ରଚଳିତ ଭେଦଭାବକୁ ଶେଷ କରିବା ଏବଂ ସେମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା।




୨୪ ଜାନୁଆରୀରେ କନ୍ୟା ସନ୍ତାନ ଦିବସ ପାଳନ କରିବାର କାରଣ ଇନ୍ଦିରା ଗାନ୍ଧୀଙ୍କ ସହ ଜଡ଼ିତ। ପ୍ରକୃତରେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୨୪ ଜାନୁଆରୀ ୧୯୬୬ରେ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଇଥିଲେ। ଯେତେବେଳେ ଜଣେ ଝିଅ ଦେଶର ସର୍ବୋଚ୍ଚ ପଦବୀରେ ଅଧିଷ୍ଠିତ ହୋଇଥିଲେ ଏହି ସ୍ୱତନ୍ତ୍ର ଦିନଟିକୁ ଝିଅମାନଙ୍କ ପାଇଁ ଉତ୍ସର୍ଗ କରାଯାଇଥିଲା ଏବଂ ପ୍ରତିବର୍ଷ ୨୪ ଜାନୁଆରୀକୁ ଜାତୀୟ କନ୍ୟା ସନ୍ତାନ ଦିବସ ଭାବରେ ପାଳନ କରାଯାଇ ଆସୁଛି। ପ୍ରତିବର୍ଷ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଜାତୀୟ କନ୍ୟା ଦିବସର ବିଷୟବସ୍ତୁ ସ୍ଥିର କରେ। ୨୦୨୪ କନ୍ୟା ସନ୍ତାନ ଦିବସର ବିଷୟବସ୍ତୁ ଥିଲା 'ଭବିଷ୍ୟତ ପାଇଁ କନ୍ୟା ସନ୍ତାନଙ୍କ ଦୃଷ୍ଟିକୋଣ'। ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କନ୍ୟାମାନଙ୍କର ସଶକ୍ତିକରଣ'।

# ପ୍ରତିଦିନ କଦଳୀ ଖାଉଛନ୍ତି କି ?

**ଶୀତ ଦିନ ଆସିବା ମାତ୍ରେ ଆମ ତ୍ୱଚାକୁ ନେଇ ବହୁ ଚିନ୍ତାରେ ରହିଥାଉ। କାହିଁକି ନା ଶୀତ ଦିନେ ଆମ** ଆଜିକାଲି ବଜାରରେ କୃତ୍ରିମ ଭାବରେ ପାଚିଥିବା କଦଳୀ ଦେଖିବା ସାଧାରଣ ହୋଇଗଲାଣି। ବିଶେଷକରି କ୍ୟାଲସିୟମ ଭଳି ରାସାୟନିକ ପଦାର୍ଥ ବ୍ୟବହାର କରି କଦଳି ପଚାଯାଉଛି। ଏହି ରାସାୟନିକ ପଦାର୍ଥଗୁଡ଼ିକ କେବଳ କଦଳୀର ସ୍ୱାଦ ଏବଂ ଗୁଣବତ୍ତା ଉପରେ ପ୍ରଭାବ ପକାଇ ନ ଥାଏ, ବରଂ ଆମ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଏକ ଗମ୍ଭୀର ବିପଦ ସୃଷ୍ଟି କରିପାରେ। କ୍ୟାଲସିୟମ କାର୍ବାଇଡ୍ ପେଟ ଖରାପ, ବାନ୍ତି, ଝାଡ଼ା ଏବଂ ସ୍ନାୟୁଗତ ସମସ୍ୟା ମଧ୍ୟ ସୃଷ୍ଟି କରେ। ଜଣେ ସଚେତନ ଗ୍ରାହକ ଭାବରେ, ରାସାୟନିକ ଭାବରେ ପାଚିଥିବା କଦଳୀ ଏବଂ ପ୍ରାକୃତିକ ଭାବରେ ପାଚିଥିବା କଦଳୀ ମଧ୍ୟରେ ପାର୍ଥକ୍ୟ କିପରି କରିବେ ତାହା ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରବର୍ତ୍ତୀ ସମୟରେ ଆପଣ କଦଳୀ କିଣିବା ସମୟରେ ନିଜକୁ ଏବଂ ଆପଣଙ୍କ ପରିବାରକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିବା ପାଇଁ ଏଠାରେ କିଛି ଟିପ୍ସ ଦିଆଯାଇଛି, ପଢନ୍ତୁ।



କଦଳୀ ଡେମ୍ଫର ରଙ୍ଗକୁ ଭଲଭାବରେ ଦେଖନ୍ତୁ। ଏହା ହେଉଛି ରାସାୟନିକ ଭାବରେ ପାଚିଥିବା କଦଳୀକୁ ଚିହ୍ନିବାର ପ୍ରଥମ ଏବଂ ସହଜ ଉପାୟ। ଯଦି କଦଳୀର ଅବଶିଷ୍ଟ ଅଂଶ ଉଜ୍ଜ୍ୱଳ ହଳଦିଆ ରଙ୍ଗର ହୋଇଥାଏ, କିନ୍ତୁ ଡେମ୍ଫ ସବୁଜ ଏବଂ ଟାଣ ଥାଏ, ତେବେ ଏହା କ୍ୟାଲସିୟମ କାର୍ବାଇଡ ସାହାଯ୍ୟରେ ପାଚିଥାଏ। ପ୍ରାକୃତିକ ଭାବରେ ପାଚିଲା କଦଳୀର ସବୁଆଡ ସମାନ ରଙ୍ଗ ଥାଏ। ଏଗୁଡିକର ଡେମ୍ଫ ମଧ୍ୟ ହଳଦିଆ କିମ୍ବା ହାଲୁକା ମାଟିଆ ରଙ୍ଗର ହୋଇଯାଏ ଏବଂ ଏଗୁଡ଼ିକ ଟିକିଏ ନରମ ଲାଗେ। ଏଥିରେ କୌଣସି ଦାଗ କିମ୍ବା ଛିଟ ନଥାଏ, ଯାହା ଖୁବ୍ ସୁନ୍ଦର ଦେଖାଯାଏ। ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ମଧ୍ୟରୁ ଗୋଟିଏ ଯେ ରାସାୟନିକ ଭାବରେ ପାଚିଥିବା କଦଳୀରେ ପ୍ରାୟତଃ ସାମାନ୍ୟ ରାସାୟନିକ ଗନ୍ଧ ଆସେ। ଏଗୁଡ଼ିକର ସ୍ୱାଦ ମଧ୍ୟ ସେତେ। ଏହି କଦଳୀ ଖାଇବା ବେଳେ ଚିକିତା କିମ୍ବା ପାଉଡର ଭଳି ଲାଗେ।

# କେଉଁ ଦେଶରେ ତିଆରି ହୋଇଥିଲା ବିଶ୍ୱର ପ୍ରଥମ ନୋଟ୍



ଆଜିକା ସମୟରେ ଯେତେବେଳେ ଆମେ ଟଙ୍କା ବିଷୟରେ ଚିନ୍ତା କରୁ, କାଗଜ ମୁଦ୍ରା ବହୁତ ସାଧାରଣ ମନେହୁଏ। କିନ୍ତୁ ଧାତୁ ମୁଦ୍ରା ବଦଳରେ କାଗଜ ବ୍ୟବହାର କରିବାର ଧାରଣା ଦିନେ କ୍ରାନ୍ତିକାରୀ ଥିଲା। ଆଶ୍ଚର୍ଯ୍ୟର କଥା, ବିଶ୍ୱର ପ୍ରଥମ ନୋଟ୍ ୟୁରୋପ କିମ୍ବା ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇନଥିଲା ବରଂ ହଜାର ହଜାର ବର୍ଷ ପୂର୍ବେ ଚୀନ୍ରେ ସୃଷ୍ଟି ହୋଇଥିଲା। ସପ୍ତମ ଶତାବ୍ଦୀରେ ଚୀନରେ ତାଙ୍ଗ ରାଜବଂଶ ସମୟରେ କାଗଜ ଟଙ୍କାର ସର୍ବପ୍ରଥମ ରୂପ ଦେଖାଯାଇଥିଲା। ସେହି ସମୟରେ ବାଣିଜ୍ୟ ବୃଦ୍ଧି ପାଉଥିଲା, କିନ୍ତୁ ବ୍ୟବସାୟୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମ୍ମୁଖୀନ ହେଉଥିଲେ। ତମ୍ବା ମୁଦ୍ରା ଅତ୍ୟନ୍ତ ଭାରୀ ଏବଂ ଦୂର ଦୂରାନ୍ତର ପରିବହନ ପାଇଁ ବିପଦପୂର୍ଣ୍ଣ ଥିଲା। ଏହି ସମସ୍ୟାର ସମାଧାନ ପାଇଁ, ବ୍ୟବସାୟୀମାନେ କାଗଜ ରସିଦ ଏବଂ ନୋଟ୍ ବ୍ୟବହାର କରିବା ଆରମ୍ଭ କରିଥିଲେ। ଏଗୁଡ଼ିକୁ ଫ୍ଲାଇଙ୍ଗ ମନି କୁହାଯାଉଥିଲା। ଏହି ଦଲିଲଗୁଡ଼ିକ ଜମା ହୋଇଥିବା ମୁଦ୍ରାକୁ ପ୍ରତିନିଧିତ୍ୱ କରୁଥିଲା ଏବଂ ପରେ ଏହାକୁ ମୁକ୍ତ କରାଯାଇପାରିବ।

ଦଶମ-୧୧ଶ ଶତାବ୍ଦୀରେ ସୋଙ୍ଗ ରାଜବଂଶ ସମୟରେ ଏହି ପରିବର୍ତ୍ତନ ଆସିଥିଲା। ୧୦୨୩ ଖ୍ରୀଷ୍ଟାବ୍ଦରେ, ଚୀନ୍ ସରକାର ସିଚୁଆନ୍ ପ୍ରଦେଶରେ କାଗଜ ମୁଦ୍ରା ଜାରି କରିବା ଉପରେ ଆନୁଷ୍ଠାନିକ ଭାବରେ ନିୟନ୍ତ୍ରଣ କରିଥିଲେ। ଏହି ରାଜ୍ୟ-ସମର୍ଥିତ ନୋଟଗୁଡ଼ିକୁ ଜିଆଓଜି କୁହାଯାଉଥିଲା, ଯାହା ସେମାନଙ୍କୁ ବିଶ୍ୱର ପ୍ରଥମ ସରକାରୀ ନୋଟ୍ କରିଥିଲା।

ଅନେକ କାରଣ ଚୀନ୍କୁ କାଗଜ ମୁଦ୍ରା ଆଡକୁ ଠେଲି ଦେଇଥିଲା। ତମ୍ବା ମୁଦ୍ରାର ଅଭାବ ଥିଲା, ବର୍ଦ୍ଧିତ ବାଣିଜ୍ୟ ପାଇଁ ଦ୍ରୁତ କାରବାର ଆବଶ୍ୟକ ଥିଲା, ଏବଂ ଧାତୁ ମୁଦ୍ରା ପରିବହନ କରିବା କଷ୍ଟକର ଥିଲା। କାଗଜ ମୁଦ୍ରା ଏହି ସମସ୍ତ ସମସ୍ୟାର ସମାଧାନ କରିଥିଲା। କାଗଜ ମୁଦ୍ରାର ଧାରଣା ବିଦେଶୀ ପରିଦର୍ଶକଙ୍କୁ ଆକର୍ଷିତ କରିଥିଲା। ୧୩ଶ ଶତାବ୍ଦୀରେ, ଇଟାଲୀୟ ପରିଦର୍ଶକ ମାର୍କୋ ପୋଲୋ ତାଙ୍କ ଭ୍ରମଣ କାହାଣୀରେ ଚୀନ୍ର କାଗଜ ମୁଦ୍ରା ବ୍ୟବସ୍ଥାର ଉଲ୍ଲେଖ କରିଥିଲେ, ୟୁରୋପୀୟମାନଙ୍କୁ ଏହି ଧାରଣା ପରିଚିତ କରାଇଥିଲେ।

# ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ହେଉନି କି ଝଗଡା

ଆପଣ ସମ୍ପର୍କରେ ଲାଲ ପତାକା କିମ୍ବା ସବୁଜ ପତାକା ବିଷୟରେ ଅନେକ ଥର ଶୁଣିଥିବେ। କିନ୍ତୁ ଏହି ଦୁଇଟି ମଧ୍ୟରେ ଆଉ ଏକ ପତାକା ଅଛି ଯାହାକୁ ଗୋଲାପୀ ପତାକା କୁହାଯାଏ। ଏହା ଜରୁରୀ ନୁହେଁ ଯେ ଏଥି ଯୋଗୁଁ ସମ୍ପର୍କ ଭାଙ୍ଗିଯାଏ, କିନ୍ତୁ ଏହା ନିଶ୍ଚିତ ଭାବରେ ଦମ୍ପତିମାନଙ୍କ ପାଇଁ ବହୁତ କଷ୍ଟକର ହୋଇପାରେ। ଗୋଲାପୀ ପତାକାରେ, ଦମ୍ପତିମାନେ ଏକାଠି ଥିବେ ସତ କିନ୍ତୁ ଦୂରତା ଅନୁଭବ ହେଉଥିବ।

**ଗୋଲାପୀ ପତାକା କ'ଣ:** ବିଶେଷଜ୍ଞଙ୍କ ମତେ ଗୋଲାପୀ ପତାକା ସମ୍ପର୍କରେ ଥିବା ସମସ୍ୟାର ପ୍ରତୀକ। ଯଦି ଦମ୍ପତି ଠିକ୍ ସମୟରେ ଏହାକୁ ବୁଝିପାରନ୍ତି, ତେବେ ସେମାନଙ୍କ ସମ୍ପର୍କ ଭାଙ୍ଗିବାରୁ ରକ୍ଷା କରାଯାଇପାରିବ।

ପ୍ରତ୍ୟେକ ଦମ୍ପତି ପରସ୍ପରଠାରୁ ଭିନ୍ନ। ଯଦି ଉଭୟ ପାର୍ଟନର୍ଙ୍କ ପରସ୍ପର ପ୍ରତି ପ୍ରେମ ପ୍ରକାଶ କରିବାର ଉପାୟ ଭିନ୍ନ, ତେବେ ଏହା ସେମାନଙ୍କ ମଧ୍ୟରେ ଭାବପ୍ରବଣ ଦୂରତା ସୃଷ୍ଟି କରିପାରେ। ଏହା ଏକ ଗୋଲାପୀ ପତାକା।

ଯେପରି ଜଣେ ପାର୍ଟନର୍ ଶାରୀରିକ ସ୍ପର୍ଶକୁ ପ୍ରେମ ପ୍ରକାଶ କରିବାର ଏକ ଉପାୟ ଭାବରେ ବିଚାର କରେ, ଅନ୍ୟ ପାର୍ଟନର୍ଙ୍କ ପାଇଁ, ପ୍ରେମ ପ୍ରକାଶ କରିବାର ଅର୍ଥ ହେଉଛି ଏକାଠି ବାହାରକୁ ଯିବା, ସିନେମା ଦେଖିବା କିମ୍ବା ଘର କାମରେ ସାହାଯ୍ୟ କରିବା। ଏଭଳି ଚିନ୍ତାଧାରା ଦ୍ୱାରା ଦମ୍ପତିଙ୍କ ଭାବପ୍ରବଣ ଆବଶ୍ୟକତା ପୂରଣ ହୁଏ ନାହିଁ।



**ଝଗଡା ନ ହେବା:** ଯଦି ଆପଣ ଭାବୁଛନ୍ତି ଯେ ତୁମର ପାର୍ଟନର୍ଙ୍କ ସହ ଝଗଡ଼ା ନ କରିବା ବୁଦ୍ଧିମାନର କାମ, ତେବେ ଏହା ଭୁଲ। ଝଗଡା ଏକ ସୁସ୍ଥ ସମ୍ପର୍କର ସଙ୍କେତ, କାରଣ ଝଗଡା କରିବା ଦ୍ୱାରା ଦୁହେଁ ପରସ୍ପର ସହିତ ସେମାନଙ୍କର ମନର କଥା ବାଣ୍ଟିଥାନ୍ତି, ଦୁହେଁ ପରସ୍ପରକୁ ସେମାନଙ୍କର ମନର କଥା କହିଥାନ୍ତି।

ଯେଉଁ ଦମ୍ପତିମାନେ ଝଗଡା କରନ୍ତି ନାହିଁ, ସେମାନେ ନିଜର ଭାବନାକୁ ଦମନ କରି ଚାଲିଥାନ୍ତି ଏବଂ ଯେତେବେଳେ ସମସ୍ୟାଗୁଡ଼ିକର ସମାଧାନ ହୁଏ ନାହିଁ, ସେତେବେଳେ ଅସନ୍ତୋଷ ସୃଷ୍ଟି ହୁଏ ଯାହା ଯେକୌଣସି ସମୟରେ ସମ୍ପର୍କରେ ନାଲି ପତାକା ପାଲଟିପାରେ ଏବଂ ସମ୍ପର୍କ ଶେଷ ହୋଇପାରେ।

**କଥାବାର୍ତ୍ତା ନ କରିବା:** ପ୍ରତ୍ୟେକ ସମ୍ପର୍କରେ ଯୋଗାଯୋଗ ବହୁତ ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣଙ୍କ ପାର୍ଟନର୍ଙ୍କ ସହ କୌଣସି ଯୋଗାଯୋଗ ନାହିଁ, ତେବେ ଏହା ଏକ ଗୋଲାପୀ ପତାକା କାରଣ ଏହା ଭୁଲ ବୁଝାମଣା ସୃଷ୍ଟି କରେ। ସେହି ସମୟରେ, ଯଦି ପାର୍ଟନର୍ମାନଙ୍କର ମହତ୍ତ୍ୱାକାଂକ୍ଷା ପରସ୍ପର ସହିତ ସଂଘର୍ଷ କରେ, ତେବେ ଏହା ଗୋଲାପୀ ପତାକାର ସଙ୍କେତ।

ଯେପରି ଜଣେ ସ୍ୱାମୀ ବାପା ହେବା ବଦଳରେ ନିଜ କ୍ୟାରିୟର ଉପରେ ଧ୍ୟାନ ଦେବାକୁ ଚାହେଁ କିନ୍ତୁ ସ୍ତ୍ରୀ ପିଲା ଚାହେଁ। ଏହା ଉଭୟଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରେ ଯାହା ପରେ ଫାଟରେ ପରିଣତ ହୋଇପାରେ।

ଗୋଲାପୀ ପତାକାକୁ ସବୁଜ ପତାକାରେ ପରିବର୍ତ୍ତନ:

ଯଦି ଆପଣଙ୍କ ପାର୍ଟନର୍ଙ୍କ ସହ ସମ୍ପର୍କ ଭଲ ନାହିଁ, ତେବେ ଏହାକୁ ଲାଲ ପତାକା ବଦଳରେ ସବୁଜ ପତାକାରେ ପରିଣତ କରିବାକୁ ଚେଷ୍ଟା କରନ୍ତୁ। ଏହା କେବଳ ସେତେବେଳେ ସମ୍ଭବ ଯେତେବେଳେ ଆପଣ ଆପଣଙ୍କ ପାର୍ଟନର୍ଙ୍କ ସହ କଥା ହେବେ।

ଯଦି ଦମ୍ପତିଙ୍କ ମଧ୍ୟରେ ଖୋଲା ଯୋଗାଯୋଗ ଥାଏ, ତେବେ ସେମାନେ ପରସ୍ପରକୁ ଭଲ ଭାବରେ ବୁଝିପାରିବେ, ଏହା କୌଣସି ବି ମତଭେଦକୁ ରୋକିଦେବ ଏବଂ ଉଭୟ ପରସ୍ପରର ମତକୁ ସମ୍ମାନ ଦେବା ଆରମ୍ଭ କରିବେ।

ଏହା ବ୍ୟତୀତ, ଆପଣଙ୍କ ପାର୍ଟନର୍ଙ୍କୁ ସ୍ପେସ୍ ଦେବା ବହୁତ ଗୁରୁତ୍ୱପୂର୍ଣ୍ଣ କାରଣ ତାଙ୍କର ମଧ୍ୟ ନିଜସ୍ୱ ବ୍ୟକ୍ତିଗତ ଜୀବନ ଅଛି। ପ୍ରତ୍ୟେକ ଦମ୍ପତିଙ୍କୁ ନିଜର ସୀମା ସ୍ଥିର କରିବା ଉଚିତ ଯାହା ଦ୍ୱାରା ସେମାନେ ପରସ୍ପର ଉପରେ ବୋଝ ନ ହେବେ।

# ମୁହଁ ଖୋଲିଲେ ରଶ୍ମିକା

ବିବାହ ଗୁଜବକୁ ନେଇ ଦୀର୍ଘ ଦିନ ହେଲା ଚର୍ଚ୍ଚାରେ ରହିଛନ୍ତି ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା । ଆସନ୍ତା ଫେବ୍ରୁଆରୀ ୨୬ରେ ଉଦୟପୁରରେ ଉଭୟ ବିବାହ କରିବେ ବୋଲି ଗଣମାଧ୍ୟମରେ ଚର୍ଚ୍ଚା । ଗତ ଅକ୍ଟୋବରରେ ଉଭୟଙ୍କର ନିର୍ବନ୍ଧ ହୋଇଥିବା ରିପୋର୍ଟ ମଧ୍ୟ ଆସିଥିଲା । ସଦ୍ୟ ସାକ୍ଷାତକାରରେ ରଶ୍ମିକା ଏ ବିଷୟରେ ଆଲୋଚନା କରିଛନ୍ତି । ଆସନ୍ତା ମାସ ବିବାହ ବିଷୟରେ ସେ କହିଛନ୍ତି, ଗତ ୪ ବର୍ଷ ତଳେ ତାଙ୍କ ବିବାହ ଗୁଜବ ଉଠିଥିଲା । ଲୋକେ ଏବେ ବି ସମାନ ପ୍ରଶ୍ନ ପଚାରି ଚାଲିଛନ୍ତି । ଉତ୍ତର ଶୁଣିବାକୁ ଅପେକ୍ଷା କରିଛନ୍ତି । କିନ୍ତୁ ସତ କଥା ହେଉଛି, ଏ ବିଷୟରେ କହିବାର ସମୟ ଆସିଲେ, ମୁଁ ନିଶ୍ଚୟ କହିବି । କ୍ୟାମେରା ସାମ୍ନାରେ ଏ ବିଷୟରେ ଆଲୋଚନା କରିବାରେ ସହଜ ନୁହନ୍ତି ବୋଲି ସେ କହିଛନ୍ତି ।ସୂଚନାଯୋଗ୍ୟ, ନିକଟରେ ରୋମ ରଶ୍ମିକା ଓ ବିଜୟଙ୍କ ନିର୍ବନ୍ଧ ହୋଇଥିଲା । କିନ୍ତୁ ଉଭୟଙ୍କ ମଧ୍ୟରୁ କେହି ଏ ବିଷୟରେ ମୁହଁ ଖୋଲିଲେ ନାହିଁ । ତେବେ କାର୍ଯ୍ୟକ୍ରମର ଫଟୋରୁ ଫ୍ୟାନ୍ ଉଭୟଙ୍କ ନିର୍ବନ୍ଧ ବିଷୟରେ ଅନୁମାନ କଲେ । ରିପୋର୍ଟ ଅନୁସାରେ, ଆସନ୍ତା ଫେବ୍ରୁଆରୀ ୨୬ରେ ଉଦୟପୁର ମହଲରେ ରଶ୍ମିକା-ବିଜୟଙ୍କର ହାତଗଣ୍ଠି ପଡ଼ିବ । କେବଳ ପରିବାର ଓ ଘନିଷ୍ଠ ବ୍ୟକ୍ତି ବିବାହରେ ସାମିଲ ହେବେ । ରଶ୍ମିକା-ବିଜୟ 'ଗୀତା ଗୋବିନ୍ଦମ୍', 'ଡିୟର କମ୍ରେଡ୍' ଫିଲ୍ମରେ ଏକାଠି କାମ କରିଥିଲେ । ରାହୁଲ ସଂକ୍ରିତ୍ୟାନଙ୍କ ଆଗାମୀ ଫିଲ୍ମରେ ଉଭୟ ସ୍କ୍ରିନ୍ ଶେୟାର କରିପାରନ୍ତି ।

















ନେତାଜୀ ଜୟନ୍ତୀ ତଥା ପରାକ୍ରମ ଦିବସ ଅବସରରେ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ନେତାଜୀ ସଦନରେ ଉପରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସାଂସଦ, ବିଧାୟକ ଓ ଅନ୍ୟାନ୍ୟ ଅତିଥିଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ

## ଗଣତନ୍ତ୍ର ଦିବସ ପରେଡ୍: କର୍ତ୍ତବ୍ୟପଥରେ ଗଡ଼ିବ ଓଡ଼ିଶାର ପ୍ରଜ୍ଞାପନ ମେଢ଼ 'ସମୃଦ୍ଧିର ମନ୍ତ୍ର-ଆତ୍ମନିର୍ଭର ଭାରତ'



ଭୁବନେଶ୍ୱର : ୭୬ ତମ ଗଣତନ୍ତ୍ର ଦିବସ ପରେଡ୍ ୨୦୨୬ ଅବସରରେ କର୍ତ୍ତବ୍ୟପଥରେ ହେବାକୁ ଥିବା ଭବ୍ୟ ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢ 'ସମୃଦ୍ଧିର ମନ୍ତ୍ର- ଆତ୍ମନିର୍ଭର ଭାରତ' ଦେଖିବାକୁ ମିଳିବ। ଏହି ମେଢ ଭୁବନେଶ୍ୱରର ଇମେଜରି ସଂସ୍ଥା ଦ୍ୱାରା ଡିଜାଇନ୍ କରାଯାଇଛି। ସମୃଦ୍ଧ ଭାରତରେ ଓଡ଼ିଶାର ଅବଦାନକୁ ନେଇ ଏହା ଆଧାରିତ। ଗଣତନ୍ତ୍ର ଦିବସର ଭବ୍ୟତାକୁ ଦେଖି ଏହାକୁ ସର୍ବାଧିକ ଆକର୍ଷଣୀୟ କରାଯାଇଛି। କୋରାପୁଟ କଫି ଠାରୁ ଆରମ୍ଭ କରି ଭୁବନେଶ୍ୱରରେ ନିର୍ମିତ ହେବାକୁ ଯାଉଥିବା 'ସିଲିକନ୍ ଚିପ୍' ଏଥିରେ ସ୍ଥାନପାଇଛି। କୃଷି କ୍ଷେତ୍ରରେ ଓଡ଼ିଶାର ସଫଳତାଠାରୁ ଆରମ୍ଭ କରି ଆଇଟି କ୍ଷେତ୍ରରେ ରାଜ୍ୟର ପ୍ରତିଭାଙ୍କୁ ନେଇ ଓଡ଼ିଶା ବିକାଶ ଯାତ୍ରାର ଝଲକ ଗଣତନ୍ତ୍ର ଦିବସରେ ଦେଖିବାକୁ ମିଳିବ।

ଓଡିଶାର ଏହି ପ୍ରଜ୍ଞାପନ ମେଢ଼ ଗୋଟିଏ ଟ୍ରାକ୍ଟର ଓ ଟ୍ରଲିକୁ ସଂଯୋଗ କରି ପ୍ରସ୍ତୁତ କରାଯାଇଛି। ସମ୍ବଲପୁରୀ ବସ୍ତ୍ର, ରାଜ୍ୟର ଆକର୍ଷଣୀୟ ପଟ୍ଟଚିତ୍ର ଓ ତାରକସି କାର୍ଯ୍ୟ ଦ୍ୱାରା ଏହି ପ୍ରଜ୍ଞାପନ ମେଢ଼ର ସାଜସଜ୍ଜା କରାଯାଇଛି। ମହିଳା ସଶକ୍ତୀକରଣକୁ ଦୃଷ୍ଟିରେ ରଖି ୧୮ ଜଣ ମହିଳା ଏହି ପ୍ରଜ୍ଞାପନ ମେଢରେ ଭାଗ ନେଉଛନ୍ତି। ଓଡ଼ିଶାର ଲୋକପ୍ରିୟ ଘୋଡାନାଚ ପ୍ରଜ୍ଞାପନ ମେଢର ଚାରିପଟେ ଦେଖିବାକୁ ମିଳିବ।

## ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ମହାନାୟକ ନେତାଜୀ: ମୁଖ୍ୟମନ୍ତ୍ରୀ

କଟକ, (ପିପିଏସ୍): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶତାବ୍ଦୀର ମହାନାୟକ ଥିଲେ ମୁଖ୍ୟମନ୍ତ୍ରୀ। ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ନାୟକ, ଆଜାଦ୍ ହିନ୍ଦ୍ ଫୌଜର ପ୍ରତିଷ୍ଠାତା ତଥା ଓଡ଼ିଶାର ବରପୁତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ତଥା ପରାକ୍ରମ ଦିବସ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଦେଶର ଦଶା ଓ ଦିଶା ବଦଳାଇଥିଲେ ନେତାଜୀ, ୧୩୦ବର୍ଷ ତଳେ ଓଡ଼ିଆ ବଜାରରେ ନେତାଜୀଙ୍କ ଜନ୍ମ ଓଡିଶା ପାଇଁ ଗର୍ବ। ଆଇସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମଧ୍ୟ ଚାକିରି କରିନଥିଲେ, ସ୍ୱାମୀ ବିବେକାନନ୍ଦ ଓ ଅରୋବିନ୍ଦୋଙ୍କ ଆଦର୍ଶରେ ପରିଚାଳିତ ଥିଲେ ନେତାଜୀ। ଜାପାନ ସହାୟତାରେ ସିଙ୍ଗାପୁରରେ ଆଜାଦ ହିନ୍ଦ୍ ଫୌଜ ଗଠନ କରିଥିଲେ ନେତାଜୀ। ଆଣ୍ଡାମାନରେ ପ୍ରଥମ ଥର ପତାକା ଉତ୍ତୋଳନ କରିଥିଲେ। ହେଲେ ଦେଶର ଇତିହାସ ବହିରେ ନେତାଜୀଙ୍କୁ ଉପଯୁକ୍ତ ସମ୍ମାନ ମିଳିନାହିଁ।



କଟକ ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପରେ ନଦୀକୂଳ ନୂଆ ରୂପ ପାଇବ। ଆଜି ଏନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାକୁ ସାଂସ୍କୃତିକ ଓ ମନୋରଞ୍ଜନ ସ୍ଥଳରେ ପରିଣତ କରାଯିବ, ଏହା ଦ୍ୱାରା ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିବ। ସାମଗ୍ରିକ ସହରୀ ପରିବେଶରେ ଉନ୍ନତି ଆସିବ। ଏହି ପ୍ରକଳ୍ପ କାମକୁ ତ୍ୱରିତ କରିବାକୁ ଆଜି ନେତାଜୀଙ୍କ ଜୟନ୍ତୀରେ ଏହି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏଥିପାଇଁ ପ୍ରାୟ ୨୨୦କୋଟି ଟଙ୍କା ଖର୍ଚ୍ଚ ହେବ, ୪୨୬ ଏକର ପରିମିତ ଅଞ୍ଚଳକୁ ନେଇ ରିଭର ଫ୍ରଣ୍ଟ ପ୍ରକଳ୍ପ ବିକାଶିତ ହେବ। ୩ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ରହିଛି। ପ୍ରକଳ୍ପ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷର ରାଜ୍ୟ ବଜେଟରେ ମଧ୍ୟ ବ୍ୟୟବରାଦ ହୋଇଛି। ମାଷ୍ଟରପ୍ଲାନ୍ ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ବାଲିଯାତ୍ରା ପଡ଼ିଆରୁ ସାମୁଦ୍ରିକ ସଂଗ୍ରହାଳୟ ଯାଏ ୩.୨ କିମି ଲମ୍ବା ରିଭରଫ୍ରଣ୍ଟ ପ୍ରୋମେନେଡ୍ ବିକାଶ ସହ ବାଲିଯାତ୍ରା ଅଞ୍ଚଳରେ ପାଦଚଲା ରାସ୍ତା, ଅତ୍ୟାବଶ୍ୟକ ଓ ଉପଯୋଗୀ ଭିତ୍ତିଭୂମି କରିବାକୁ ଯୋଜନା ଅଛି। ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରେ ପରିବେଶ ସ୍ଥିରତା ଉପରେ ଗୁରୁତ୍ୱ ଦିଆଯିବ।

## ଆମ ବସ୍ ଦୁର୍ଘଟଣା: ୩ଟି ବସ୍ ଭଙ୍ଗିଲେ ଉତ୍ତ୍ୟକ୍ତ ଲୋକ

ଭୁବନେଶ୍ୱର: ରାଜଧାନୀ ସ୍ଥିତ ଜନପଥରେ ବାଇକକୁ ସାଇଡ ମାରାକୁ ନେଇ ବାଇକ ଆରୋହୀ ଓ ଆମ୍ ବସ୍ ଚାଳକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସାମାନ୍ୟ ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକମାନେ ଆମ ବସ୍ ଭଙ୍ଗା ରୁଜା କରିଛନ୍ତି। ପାଖକୁ ପାଖ ଆସୁଥିବା ୩ଟି ଆମ ବସକୁ ଭାଙ୍ଗିଛନ୍ତି ଉତ୍ତ୍ୟକ୍ତ ଲୋକେ। ଦୁର୍ଘଟଣା ଘଟାଇଥିବା ଆମ ବସ୍ ସହ ଆଉ ୨ଟି ବସ୍ କୁ ଭାଙ୍ଗି ଦେଇଛନ୍ତି ଲୋକ। ପ୍ରାଣ ବିକଳରେ ଆମ ବସ୍ ଛାଡି ଡ୍ରାଇଭର ଓ କଣ୍ଡକ୍ଟର ପଳାଇଥିଲେ। ଖବର ପାଇ ପୁଲିସ ପହଞ୍ଚି ଲୋକଙ୍କୁ ଘଉଡାଇବାକୁ ମୃଦୁ ଲାଠିଚାଳନା କରିଛି। ଲୋକଙ୍କୁ ବୁଝାସୁଝା କରିବାକୁ ପୁଲିସ ଆଲୋଚନା କରୁଛି। ଘଟଣା ସ୍ଥଳରେ ପହଞ୍ଚି ଡିସିପି ଅନୁଧାନ କରି କହିଛନ୍ତି ଯେଉଁମାନେ ଏଭଳି କାଣ୍ଡ ଘଟାଇଛନ୍ତି ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ଘଟଣାକୁ ଗୁରୁତର ସହ ନେଉଛୁ, ଦୁର୍ଘଟଣାକୁ ବାହାନା କରି ଏଭଳି ଘଟଣା ଘଟାଇବା ଆଦୌ ଠିକ୍ ନୁହେଁ।



## ଲାଞ୍ଚ ମାମଲାରେ ଗ୍ରାମ ରୋଜଗାର ସେବକଙ୍କୁ ୪ବର୍ଷ ଜେଲ୍‌ଦଣ୍ଡ

ସୁବର୍ଣ୍ଣପୁର,(ହି.ସ.): ବଲାଙ୍ଗିର ଭିଜିଲାନ୍ସ କୋର୍ଟ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ପଂଚ ମହଲା ପଂଚାୟତର ପୂର୍ବତନ ଗ୍ରାମ ରୋଜଗାର ସେବକ ସୌଭାଗ୍ୟବନ୍ତ ସାହୁଙ୍କୁ ଏକ ଲାଂଚ ମାମଲାରେ ଦଣ୍ଡିତ କରିଛନ୍ତି କ୍ଷ ବିଜୁ କୋଠା ଘର ଯୋଜନାରେ ଜଣେ ହିତାଧିକାରୀଙ୍କୁ ଚତୁର୍ଥ କିସ୍ତି ଦେବାକୁ ସେ ଲାଂଚ ନେଇ ଦୁର୍ନୀତି ନିବାରଣ ହାତରେ ଧରା ପଡ଼ି ସମ୍ବଲପୁର ଥାନା କେସ ନମ୍ବର ୪୪ ତାରିଖ୦୧.୦୬.୨୦୧୮ ମାମଲା ରୁଜୁ ହୋଇଥଲା। ମାମଲାର ବିଚାରକରି ଅଦାଲତ ଶ୍ରୀ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ଲାଞ୍ଚନେବା ମାମଲାରେ ୪ ବର୍ଷ ଜେଲ ଦଣ୍ଡ ଆଦେଶ ଦେଇଛନ୍ତି। ଆଜି କୋର୍ଟ ନିର୍ଦ୍ଦେଶ ଅନୁସାରେ ତାଙ୍କୁ ଜେଲ ହାଜତକୁ ପଠା ଯାଇଛି।

## ଜିଲ୍ଲାପାଳଙ୍କ ଦ୍ୱାରା ଡୁଡାର ସମୀକ୍ଷା ବୈଠକ

ନୂଆପଡା,(ହି.ସ.): ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଡୁଡ଼ାର ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଥିବା ତିନିଗୋଟି ବିଜ୍ଞାପିତ ଅଂଚଳ ପରିଷଦ ନୂଆପଡା, ଖଡିଆଳ ଓ ଖରିଆର ରୋଡର କାର୍ଯ୍ୟାବଳୀର ସମୀକ୍ଷା ସହିତ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ବନ୍ଧରେ ବୈଠକରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଡୁଡ଼ା ପ୍ରକଳ୍ପ ନିର୍ଦ୍ଦେଶକ ଲମ୍ୱୋଦର ଧରୁଆ ଏନଏସି ମାନଙ୍କର କାର୍ଯ୍ୟ ଖସଡ଼ା ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ବିଭିନ୍ନ ଉତ୍ସରୁ ରାଜସ୍ୱ ବୃଦ୍ଧି କରିବା, ୱାର୍ଡରେ ପୌର ପ୍ରଶାସନ ପହଂଚାଇବା, ସମସ୍ତ ୱାର୍ଡରେ ପ୍ଲାଷ୍ଟିକ ବର୍ଜନ କରି କପଡା ବ୍ୟାଗ୍, କାଗଜ ଠୁଙ୍ଗା ବ୍ୟବହାର କରିବା, ବର୍ତନ ବ୍ୟାଙ୍କ୍ ଆରମ୍ଭ କରିବା ଏବଂ ରାସ୍ତା ଓ ନାଳ ସବୁକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ସହର ସବୁର ସୌନ୍ଦର୍ଯ୍ୟକରଣ ସହିତ ଜନ ସାଧାରଣଙ୍କୁ ଏକ ସହରୀ ସଭ୍ୟତାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ବିଜ୍ଞାପିତ ଅଂଚଳ ପରିଷଦ ନୂଆପଡାର ଇଓ ଶ୍ରୀନିବାସ ମିର୍ଦ୍ଧା, ଖଡିଆଳ ଇଓ ସ୍ୱାଧୀନ କେତନ ମହାରଣା ଓ ଖରୀଆର ରୋଡ ଇଓ କମଳାସନ ରଥ ଓ ସଂପୃକ୍ତ ବିଭିନ୍ନ ଅଧିକାରୀ ଯୋଗ ଦେଇଥିଲେ ।

## ଧାନମଣ୍ଡିରେ ଟୋକନ ବିଳମ୍ବକୁ ନେଇ ଚାଷୀଙ୍କ ଅସନ୍ତୋଷ

ଗଞ୍ଜାମ, (ହି.ସ.): ଶେରଗଡ଼ ବ୍ଲକର ଚାଷୀମାନଙ୍କର ଧାନମଣ୍ଡିରେ ଧାନ ପ୍ରଦାନ ପାଇଁ ଟୋକନ ପାଇବା ବିଳମ୍ବ ଓ ମଣ୍ଡିରେ ଅବ୍ୟବସ୍ଥାକୁ ନେଇ ଚାଷୀ ଓ ବ୍ଲକ ନେତୃମଣ୍ଡଳୀଙ୍କୁ ନେଇ ବ୍ଲକ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଚେୟାରମ୍ୟାନ୍ କୃଷ୍ଣ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚାଷୀନେତା ତଥା ଚାଷୀ ପ୍ରତିନିଧି ଶରତ ଚନ୍ଦ୍ର ପାତ୍ର, ସନ୍ତୋଷ କୁମାର ପଟ୍ଟନାୟକ, ଦିଗାମ୍ବର ନାହାକ, ବରୁଣ ପୋଲାଇ, ଚିତ ରଂଜନ ପାଣିଗ୍ରାହୀ, ନିବେଦିତା ପ୍ରଧାନ, କାହ୍ନୁ ଚରଣ ପଟ୍ଟନାୟକ, ପ୍ରମୋଦ କୁମାର ପାତ୍ର ସମେତ ଯୋଗାଣ ଅଧିକାରୀ ବିଭୂପ୍ରସାଦ ସାହୁ, ଅତିରିକ୍ତ ତହସିଲଦାର ସୂରକାନ୍ତ ବୈରୀ, ବହୁ ପଂଚାୟତ ପ୍ରତିନିଧି ଏବଂ ମିଲର ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବହୁଚାଷୀ ଏଯାଏ ଟୋକନ ପାଇନଥିବାରୁ ଓ ମଣ୍ଡିର ଅବ୍ୟବସ୍ଥାକୁ ନେଇ ଚାଷୀ ମାନଙ୍କ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇ ସରକାରଙ୍କ ପକ୍ଷରୁ ଏହାର ତୁରନ୍ତ ସମାଧାନ ବ୍ୟବସ୍ଥା ଗ୍ରହଣ କରିବାକୁ ଚାଷୀ ମାନଙ୍କ ପକ୍ଷରୁ ଦାବି କରାଯାଇଛି ।

## ମୃତ ହାତୀର ଶରୀର ଉଦ୍ଧାର

କନ୍ଧମାଳ: କଳାହାଣ୍ଡି ଜିଲ୍ଲା କେସିଙ୍ଗା ତହଁସିର ଗ୍ରାମର ଯୋଜନା ନିକଟରୁ ମିଳିଲା ମୃତ ହାତୀର ଖଣ୍ଡ ବିଖଣ୍ଡିତ ଦେହ । ମୃତ ହାତୀକୁ ଗାତ ଖୋଳି ପ୍ରାୟ ୭ ଫୁଟ ତଳେ ପୋତା ଯାଇଥିଲା । ଏହି ଘଟଣାରେ ନିଲମ୍ବିତ ହୋଇଥିବା ରେଞ୍ଜର ବିନୟ ବିଶିଙ୍କ ଘର କନ୍ତେସିର ଗାଁ ନିକଟସ୍ଥ ତହଁସିର ଯୋଜନା ନିକଟରୁ ମିଳିଲା ମୃତ ହାତୀର ଶରୀର। ହାତୀ ପୋତିବା ଘଟଣାରେ ସଂଶ୍ଳିଷ୍ଟ ଥିବା ବ୍ୟକ୍ତି ମାନଙ୍କ ସୂଚନା ଆଧାରରେ ବାଲିଗୁଡା ବନଖଣ୍ଡ ବିଭାଗ ଓ କଳାହାଣ୍ଡି ବନଖଣ୍ଡ ବିଭାଗ ଅଧିକାରୀମାନେ ଉପରୋକ୍ତ ସ୍ଥାନ ରେ ଅନୁସନ୍ଧାନ ପରେ ସ୍ଥାନର ସନ୍ଧାନ ପାଇଥିଲେ। ପୋତା ଯାଇଥିବା ସ୍ଥାନ ଜ୍ଞାତସାରକୁ ଆସିଲା ପରେ ଏହି ଅପରେସନକୁ ସମ୍ପୂର୍ଣ୍ଣ ଗୁପ୍ତ ରଖିବା ପାଇଁ ମିଳିଥିବା ସ୍ଥାନରେ ଗ୍ରୀନ ବେରିକେଟ ଦ୍ୱାରା ଆବୃତ କରା ଯାଇଥିଲା। ପରେ ଜେସିପି ଦ୍ୱାରା ମାଟି କଢା ଯାଇ ୭ ଫୁଟ ତଳୁ ହାତୀ ର ମୃତ ଶରୀର ଠାବ କରାଯାଇଥିଲା । ହାତୀ ଦେହାନ୍ତର ଅଧିକାଂଶ ପଚି ସଢି ଯାଇଥିବାବେଳେ ହାତୀ ଶୁଣ୍ଢ,ଗୋଡ଼ ମୁଣ୍ଡ ଆଦି ଘଟଣା ସ୍ଥଳରୁ ମିଳିଛି । ପରେ ଭବାନୀପାଟଣା ଓ କେସିଙ୍ଗା ପ୍ରାଣୀ ଚିକିତ୍ସାଳୟର ବିଶେଷଜ୍ଞ ମାନେ ସେହି ସ୍ଥାନରେ ଶବ ବ୍ୟବଚ୍ଛେଦ କରିଥିଲେ । ବାଲିଗୁଡା ଡିଏଫଓ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଏହି ଅପରେସନ ହୋଇଥିଲା । ସବୁଠାରୁ ଆଶ୍ଚର୍ଯ୍ୟ କଥା କି ଘଟଣା ରେ ସଂଶ୍ଳିଟ ରେଞ୍ଜର ବିନୟ ବିଶି ଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ତାଙ୍କ ଗାଁ ନିକଟରୁ ହିଁ ମିଳିଛି ମୃତ ହାତୀର ଖଣ୍ଡ ବିଖଣ୍ଡିତ ଶରୀର ।

## ଭୋଟର ସଚେତନତା ଦିବସ

ରାଇରଙ୍ଗପୁର,(ହି.ସ.): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ପରିସରରେ 'ଜାତୀୟ ଭୋଟର ସଚେତନତା ଦିବସ' ମହାସମାରୋହରେ ପାଳିତ ହୋଇଯାଇଛି। ଗଣତନ୍ତ୍ରକୁ ସୁଦୃଢ଼ କରିବା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ମତଦାନର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ରବିଶଙ୍କର ଶତପଥୀ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ବିଜୟ କୁମାର ରାମ ସଭା ପରିଚାଳନା କରିଥିଲେ । ଏହି ସଭାରେ ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ତଥା ଶ୍ରମିକ ନେତା ନିଗମାନନ୍ଦ ପଟ୍ଟନାୟକ ଯୋଗଦେଇ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ମତଦାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେ ଛାତ୍ରୀମାନଙ୍କୁ ନିଜର ମତାଧିକାର ସାବ୍ୟସ୍ତ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରାଇବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବାଙ୍ଗାଲୋରରୁ ଆସିଥିବା ଡ଼ଃ. ଜୟଶ୍ରୀ ପଟ୍ଟନାୟକ ଏବଂ ସୁଧାଂଶୁବାଳା ପଟ୍ଟନାୟକ ଯୋଗଦେଇ ନିଜର ସାରଗର୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ମଧ୍ୟରେ ଦଶରଥ ଗୋରେଇ, ରେଣୁକା ମହାନ୍ତ, ସୁଭଦର୍ଶନୀ ମିଶ୍ର, ପ୍ରିୟତମା ହେମ୍ବ୍ରମ, ବିଦ୍ୟାବତୀ ବେହେରା, ଅନିତା ସାମତ ଏବଂ ଗୁଞ୍ଜନ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ଭୋଟର ସଚେତନତା ସମ୍ପର୍କିତ ଶପଥ ପାଠ କରାଯାଇଥିଲା। ପରିଶେଷରେ ଅଧ୍ୟାପିକା ଅନିତା ସାମାଡ ଧନ୍ୟବାଦ ଅର୍ପଣ କରିଥିଲେ ।

## ମତଦାତା ଶପଥ ଗ୍ରହଣ କାର୍ଯ୍ୟକ୍ରମ

କନ୍ଧମାଳ,(ହି.ସ.):ଜାତୀୟ ମତଦାତା ଦିବସ–୨୦୨୬ ଅବସରରେ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମତଦାତା ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କୁଶଳ ଚନ୍ଦ୍ର ନାୟକ, ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମତଦାତା ଶପଥ ପାଠ କରାଇଥିଲେ। ଏଥିରେ ଉପଜିଲ୍ଲାପାଳ, ସମସ୍ତ ସହକାରୀ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ନିର୍ଭୟ, ନିଷ୍ପକ୍ଷ ଓ ସଚେତନ ଭାବରେ ମତଦାନ କରିବା ସହ ଦାୟିତ୍ୱଶୀଳ ନାଗରିକ ଭାବେ କର୍ତବ୍ୟ ପାଳନ ପାଇଁ ସଙ୍କଳ୍ପ ନେଇଥିଲେ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏମଆର୍ଜିଂ ଟେକ୍ନୋଲୋଜି ପ୍ରଶିକ୍ଷଣ ଶିବିର

### ଡିଜିଟାଲ ଜ୍ଞାନ ଆମକୁ ସ୍ୱାବଲମ୍ବୀ,ସୃଜନଶୀଳ ଓ ନବୋନ୍ମେଷୀ କରେ



ବଲାଙ୍ଗୀର,(ପିପିଏସ): ସ୍ଥାନୀୟ ଗାନ୍ଧୀନଗର ପଡା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ,ଓଡିଶା ପ୍ରୟୋଗ କେନ୍ଦ୍ର(ଓସିଏସି) ଏବଂ ବିଦ୍ୟାଳୟ ଗଣ ଶିକ୍ଷା ବିଭାଗ ସହଯୋଗ ଏବଂ ପୃଷ୍ଠପୋଷକତାରେ ଓଡିଶା ନଲେଜ କର୍ପୋରେସନ ଲିମିଟେଡ଼ (ଓକେସି ଏଲ)ଦ୍ୱାରା ଏମଆର୍ଜିଂ ଟେକ୍ନୋଲୋଜି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି।ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କ ମାର୍ଗଦର୍ଶନରେ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସେବାଶ୍ରୀ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମଟି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା।ଉଦ୍ଘାଟନୀ ସଭାରେ ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ନୀଳମଣି ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।ମୁଖ୍ୟ ଅତିଥି ଶ୍ରୀ ପଟେଲ ନିଜ ବକ୍ତବ୍ୟରେ ଡିଜିଟାଲ ଜ୍ଞାନ ଅର୍ଜନ କରିବା ସହିତ ତାହାକୁ ସଠିକ ଭାବେ ବ୍ୟବହାର କରିବା ଶିଖିବା ଦରକାର। ତେବେ ନିଶ୍ଚିତ ଭାବେ ଆମେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଓ ସଫଳ କ୍ୟାରିଅର ଗଢିପାରିବା ବୋଲି ପ୍ରଶିକ୍ଷାର୍ଥୀ ମାନଙ୍କୁ କହିଥିଲେ।ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସାମନ୍ତରା ନିଜ ବକ୍ତବ୍ୟରେ ଡିଜିଟାଲ ଜ୍ଞାନ ଆମକୁ ସ୍ୱାବଲମ୍ବୀ, ସୃଜନଶୀଳ ଓ ନବୋନ୍ମେଷୀ କରେ ବୋଲି କହିଥିଲେ।ଏହି ପ୍ରଶିକ୍ଷଣ ଶିବିରରେ ୧୨୦ଜଣ ଛାତ୍ରୀ ଅଂଶଗ୍ରହଣ କରି କୃତ୍ରିମ ବୁଦ୍ଧିମତା, ଇଣ୍ଟରନେଟ ଅଫ୍ ଥିଙ୍ଗସ ରୋବୋଟିକ୍ସ, ସାଇବର ସୁରକ୍ଷା ସହ ଆଧୁନିକ ଡିଜିଟାଲ ଦକ୍ଷତା ଓ ପ୍ରଯୁକ୍ତି ବ୍ୟବହାର ପ୍ରୟୋଗ ଉପରେ ଅବଗତ ହୋଇଥିଲେ।ଟ୍ରେନର ଦେବବ୍ରତ ରଥ, ରମଣ କୁମାର ସାହୁ ଓ ସୁଶାନ୍ତ ବଘାର ପ୍ରଶିକ୍ଷଣ ଦେଇଥିଲେ।ଡିଷ୍ଟ୍ରିଟ ଲିଡ଼୍ କୋର୍ଡିନେଟର ସଂଜୀବ କୁମାର ପ୍ରଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ନୀଳକଣ୍ଠ ବହିଦାର,ଚୂଡ଼ାମଣି ମେହେର ଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

## ଜୀବିକା ଓ ଗ୍ରାମାଞ୍ଚଳରେ ସୁରକ୍ଷିତ ପରିବେଶ ସମ୍ପର୍କିତ କର୍ମଶାଳା



ରାୟଗଡ଼ା(ପିପିଏସ):ରାୟଗଡ଼ ବ୍ଲକ ସଦଭାବନା ଗୃହରେ ଗୁରୁବାର ସୁରକ୍ଷିତ ପରିବେଶ ସହ ସୁରକ୍ଷିତ ଜୀବିକା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏବିଡିଓ କାଳୁ ଚରଣ ନାୟକ ଜାତୀୟ ସମ୍ବଳ ବ୍ୟକ୍ତି ନରେଶ ଶର୍ମା ଓ ସଙ୍ଗୀତା, ବୈଷୟିକ ସଂଯୋଜକ ଯୋଗେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳରେ ଯେପରି ସମସ୍ତ ବ୍ୟକ୍ତି ସୁରକ୍ଷିତ ରୋଜଗାର କ୍ଷମ ହେବେ, ରୋଜଗାର ନିମନ୍ତେ ଉତ୍ତମ ପନ୍ଥା ଅବଲମ୍ବନ କରିବେ, ଗ୍ରାମାଞ୍ଚଳର ଅନୁଷ୍ଠାନ ଗୁଡିକ ପର୍ଯ୍ୟାବରଣର ସୁରକ୍ଷା ଦିଗରେ ଦାୟିତ୍ୱବାନ ହେବା ନିମନ୍ତେ ବିଭିନ୍ନ ପନ୍ଥା ଓ କୌଶଳ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ପଚାଶ ଜଣ ଗ୍ରାମ ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତା, ଏମବିକେ, ସିଆରପି ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ। ଲୋକଙ୍କ ଜୀବନ ଧାରଣର ମାନ ବୃଦ୍ଧି ନିମନ୍ତେ ସରକାରଙ୍କ ଏଭଳି ଅଭିନବ ପଦକ୍ଷେପମାନ ନିଆ ଯାଉଥିବା ବିଡିଓ ସୁଜିତ କୁମାର ମିଶ୍ର କହିଛନ୍ତି।

## ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ



ରାୟଗଡ଼ା,(ପିପିଏସ): ରାୟଗଡ ରାୟଗଡ଼ ମହିଳା ମହାବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ୨୦୨୬ ଉତ୍ସାହ ର ପାଳନ କରାଯାଇଛି । ଏହି କାର୍ଯକ୍ରମ ରେ ଶ୍ରୀମତୀ ପ୍ରତିମା ରାଣୀ ଦାସ, ସୁରକ୍ଷା ଅଧିକାରୀ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ମିନତୀ ଦେଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ସମ୍ମାନିତ ଅତିଥି ଭାବେ ଡକ୍ଟର ଅର୍ଚ୍ଚନା ପଟ୍ଟନାୟକ, ଅଧକ୍ଷା ମହିଳା ମହାବିଦ୍ୟାଳୟ,ଡକ୍ଟର କେ ସ୍ୱଧାରଣୀ, ରାଜନୀତି ଅଧାପକ, ରାୟଗଡ଼ ସ୍ୱୟମ ଶାସିତ ମହାବିଦ୍ୟାଳୟ, ଶ୍ରୀ କୈଳାଶ ଚନ୍ଦ୍ର ସାହୁ, ଅଧାପକ,ଶ୍ରୀ ବଳରାମ ତୁଳ , ଇତିହାସ ଅଧାପକ ମଞ୍ଚାସୀନ ହୋଇଥିଲେ। କାର୍ଯକ୍ରମ କୁ ଶ୍ରୀ ଦିବାକର ପରିଛା . ଜିଲ୍ଲା ସଂଯୋଜକ,ସଂକଳ୍ପ ହବ ପରିଚାଳନା କରିଥିଲେ। ରାୟଗଡ଼ ସ୍ୱୟମ ଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ତଥା ବିଭିନ୍ନ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ମାନେ ଯୋଗ ଦେଇଥିଲେ । ନିଜର ଅଭିଭାଷଣ ରେ ଅର୍ଚ୍ଚନା ପଟ୍ଟନାୟକ, ଅଧକ୍ଷା ମହିଳା ମହାବିଦ୍ୟାଳୟ,କହିଥିଲେ ଯେ ଶିକ୍ଷା ସବୁଠାରୁ ମହାନ , ଚାରିତ୍ରିକ ଶିକ୍ଷା ତା ଠାରୁ ଅଧିକ ମହାନ ଓ ବ୍ୟବହାରିକ ଶିକ୍ଷା ତ ଠାରୁ ମଧ ମହାନ। କେଉଁ ଜାଗାକୁ ଯିବା ଉଚିତ କେଉଁ ଜାଗାକୁ ନାଯିବା ଉଚିତ ଜାଣିବା କଥା। ନିଜର ଅଭିଭାଷଣ ରେ କେ ସ୍ୱଧାରଣୀ, ନିଜକୁ ଶିକ୍ଷିତ, ସଶକ୍ତ ହେବାକୁ ପରାମର୍ଶ ଦେଇଥିଲେ। ଶ୍ରୀମତୀ ପ୍ରତିମା ରାଣୀ ଦାସ,ନାରୀ କେନ୍ଦ୍ରିକ ଯୋଜନା, ଆଇନ ରେ ଥିବା ଅଧିନିୟମ ଗୁଡିକ ପ୍ରାଞ୍ଜଳ ଭାବରେ ବୁଝେଇଥିଲେ। କଳା , କ୍ରିଡା ଓ ଶିକ୍ଷା କ୍ଷେତ୍ରର ତିନି ତିନି ଜଣ କୃତୀ ଛାତ୍ରୀମାନ ମାନପତ୍ର ସହ ଟ୍ରୋଫି ପ୍ରଦାନ କରାଯାଇଥିଲା । କାର୍ଯକ୍ରମ ଶେଷରେ ଶ୍ରୀମତୀ ପ୍ରତିମା ରାଣୀ ଦାସ ଲୈଙ୍ଗିକ ଭେଦଭାବ ଦୂର କରିବା ପାଇ ଏକ ଶପଥ ପାଠ କରେଇଥିଲେ। ମହିଳା ମହାବିଦ୍ୟାଳୟ ରାୟଗଡ଼, ଇତିହାସ ଅଧାପକ ଶ୍ରୀ ବଳରାମ ତୁଳ ସମସ୍ତ ଅତିଥି ତଥା ଉପାସ୍ତିତ ଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ବଲାଙ୍ଗିର ଲୋକ ଉତ୍ସବ –୨୦୨୬

## 'ଲୋକନୃତ୍ୟ ନଚନିଆ' ଶୀର୍ଷକ ଆଲୋଚନା



ବଲାଙ୍ଗିର,(ପିପିଏସ): ବଲାଙ୍ଗିର ଲୋକ ଉତ୍ସବ ଅବସରରେ ସଂପାନ କମିଟି ଦ୍ୱାରା ବଲାଙ୍ଗିର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସାଂସ୍କୃତିକ ବିଭବ 'ଲୋକ ନୃତ୍ୟ ନଚନିଆ' ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ର ସଂପାନ କମିଟି ଅଧ୍ୟକ୍ଷ ପରାଶର ବାଗ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆଲୋକ ଭାବରେ ସଂସ୍କୃତି ଗବେଷକ ଗଦାଧର ବାରିକ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପ୍ରଦର୍ଶନ କଳା ବିଭାଗର ଅଧ୍ୟାପକ ଡ. ମୋହିତ କୁମାର ସ୍ୱାଇଁ, ସଂସ୍କୃତି ଗବେଷକ ରାଜିବ ସଗରିଆ ଏବଂ ପଶ୍ଚିମ ଓଡିଶାର ଲୋକପ୍ରିୟ ସମ୍ବଲପୁରି ଗାୟିକା ପଦ୍ମିନୀ ଦୋରା ଯୋଗ ଦେଇଥିଲେ। ଏହି ଅବସରରେ ସଂସ୍କୃତି ଗବେଷଣ ଡ. ଘାସିରାମ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାଗତ ଭାଷଣ ସଂପାନ କମିଟି ସହ-ଅଧ୍ୟକ୍ଷ ସନାତନ ଠାକୁର ଦେଇଥିବା ବେଳେ ସହ-ଅଧ୍ୟକ୍ଷ ଅଚ୍ୟୁତ ପୁରୋହିତ ଧନ୍ୟବାଦ ଜ୍ଞାପନ କରିଥିଲେ । ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର, ଡ. ଲଳିତ କୁମାର ସାହୁ ସଭା ପରିଚାଳନା କରିଥିଲେ । ଜୟକୁମାର ଆଚାର୍ଯ୍ୟ, କବିରାଜ ଭୋଇ, ଜୟକୃଷ୍ଣ ମିଶ୍ର, ନିଗମ ନାଥ ଏବଂ ସଂପାନ କମିଟି ସମସ୍ତ ସଦସ୍ୟ ଙ୍କୁ ଅଧ୍ୟକ୍ଷ ପରାଶର ବାଗ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ବରାହାଟିପୁରା ଠାରେ ସମ୍ପର୍କ ଯୋଡୁଛି ମିଡ଼ିଆ ହାଉସ୍

କେନ୍ଦୁଝର,(ହି.ସ.):କେନ୍ଦୁଝର ଜିଲ୍ଲାର ଘଟଗାଁ ବ୍ଲକ ଅନ୍ତର୍ଗତ ବରାହାଟିପୁରା ଠାରେ ୧୫୨ ପାବଚ୍ଛ ଉପରେ ପ୍ରଭୁ ନୀଳକଣ୍ଠେଶ୍ୱର ପୂଜା ପାଉଛନ୍ତି। ଏଠାରେ ମକରମେଳା ଅନୁଷ୍ଠିତ ହୋଇଆସୁଛି । ହଜାର ହଜାର ଲୋକଙ୍କ ଭିଡ଼ ଜମୁଛି। ମେଳାରେ ମୁଖ୍ୟ ଆକର୍ଷଣ ସାଜିଛି ମିଡିଆ ହାଉସ୍। ଗଣତନ୍ତ୍ରର ଚତୁର୍ଥସ୍ୱମ୍ଭ ତଥା ଜାଗ୍ରତପ୍ରହରୀ ସାମ୍ବାଦିକ ମାନେ ଲୋକ ମାନଙ୍କୁ ସଚେତନତା ବାର୍ତ୍ତା ଦେବା ସହିତ ସେମାନଙ୍କର ସ୍ୱରକୁ ପ୍ରଶାସନ ନିକଟରେ ପହଂଚାଇବାର ପ୍ରଚେଷ୍ଟା ଜାରି ରଖୁଛନ୍ତି । ଢେଙ୍କିକୋଟ ସରକାରୀ ପଞ୍ଜୀକୃତ ପ୍ରେସ କ୍ଲବର ସଭାପତି କବିନ୍ଦ୍ର ରାଉତ, ସମ୍ପାଦକ ସଞ୍ଜୟ କୁମାର ସାହୁ, ସମେତ ତପନ କୁମାର ବେହେରା, ସଂଗ୍ରାମ ରାଉତ୍ ଓ ଘଟଗାଁ ବ୍ଲକ ଅନ୍ତର୍ଗତ ଅନ୍ୟାନ୍ୟ ସାମ୍ବାଦିକ ମାନେ ସହଯୋଗ କରିଆସୁଛନ୍ତି। ମିଡିଆ ହାଉସ ଯେ ସାଧାରଣ ଲୋକଙ୍କ ସ୍ୱର ଓ ସ୍ୱାର୍ଥ ପାଇଁ କାମକରୁଛି ତା ନୁହେଁ ଲୋକମାନଙ୍କୁ ସାହାଯ୍ୟ ଓ ସଚେତନତା ବି କରୁଛି।

## ଜ୍ଞାନ କେନ୍ଦ୍ରସ୍ତରୀୟ ଓଜନ ଓ ଉଚ୍ଚତା ଉତ୍ସବ

ଗଞ୍ଜାମ,(ହି.ସ.): ପିତଳ ଜ୍ଞାନ କେନ୍ଦ୍ରରେ ଜନ୍ମରୁ ଛଅ ବର୍ଷ ବୟସର ଶିଶୁମାନଙ୍କର ସଠିକ ଓଜନ ଓ ଉଚ୍ଚତା ଉତ୍ସବ ଅନୁଷ୍ଠିତ ହୋଇଛି ଡାକ୍ତର ହୃଷୀକେଶ ମହାନ୍ତି ଅତିଥି ରୂପେ ଯୋଗଦେଇଥିଲେ। ଏଥିରେ ଅଂଚଳ ପରିଦର୍ଶିକା ସଂଯୁକ୍ତା ପ୍ରଧାନ ନିୟମିତ ଶିଶୁ ମାନଙ୍କର ସଠିକ୍ ଓଜନ ଉଚ୍ଚତା ନେବା ପାଇଁ ଅଙ୍ଗନ୍ୱାଡି କର୍ମୀ ମାନଙ୍କୁ ପରାମର୍ଶ ଦେଇଛନ୍ତି।ଏହି ଅବସରରେ ପୃଷ୍ଟିସାର ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେସର୍ବ ଅଙ୍ଗନବାଡି କର୍ମୀ ଶୁଶ୍ରୀ ପୁଷ୍ପାଞ୍ଜଳି ପଣ୍ଡା, ନମିତା ବେହେରା, ଏ. ସୁଜାତା ପାତ୍ର, ଗୀତାଞ୍ଜଳି ନାୟକ, ବ୍ରିତା କୁମାରୀ ପାତ୍ର, ବିଷ୍ଣୁ ପ୍ରିୟା ପୃଷ୍ଟି, ସନ୍ତୋଷୀନୀ ବେହେରା, ବାସନ୍ତୁ ସାହୁ,। ସହାୟିକାଶ୍ରୀନାପାଢୀ, ନମିତା ପୋଲାଇ, ବିନୋଦିନି ମହାନ୍ତି, ଅମ୍ବିକା ସାହୁ, ବି. ତାରଣୀ ଅଂଶଗ୍ରହଣ କରିଥିଲେ।

## ଉତ୍କଳ ସମ୍ମିଳନୀ କୋରାପୁଟ ଶାଖାର ବୈଠକ

ଜୟପୁର,(ହି.ସ.):ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଶାଖାର ଏକ ବୈଠକ ଆଜି ଖାଲସାହି ହରିଶ୍ଚନ୍ଦ୍ର ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ମଦନ ମୋହନ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ୨ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ବିଶେଷକରି ଜୟପୁରରେ ଆସନ୍ତା ଫେବୃଆରୀ ୨୮ ଏବଂ ମାର୍ଚ୍ଚ ୧ ତାରିଖରେ ହେବାକୁ ଥିବା ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ ପାଇଁ ମାଲକାନାଗିରି କମିଟି ସହ ଆଲୋଚନା ନେଇ କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଥିଲା । ତତ୍ ସହ ବିଭିନ୍ନ କମିଟି ଗଠନ ନେଇ ଆଲୋଚନା ହୋଇଥିଲା। ଶାଖାର ବ୍ୟାଙ୍କ ଆକାଉଂଟ ସୁପରିଚାଳନା ପାଇଁ ସଂପାଦକ ନବୀନ ମାଦଳାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ବୈଠକରେ କେନ୍ଦ୍ର ସମ୍ପାଦକ ବୀରେନ ମୋହନ ପଟ୍ଟନାୟକ, ରାଜ୍ୟ ପରିଷଦ ସଦସ୍ୟ ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ , ହରିହର କରସୁଧା ପଟ୍ଟନାୟକ, କୃଷ୍ଣଚନ୍ଦ୍ର ହୋତା, ରାଜେନ୍ଦ୍ର କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଯୁଗ୍ମ ସଂପାଦକ ଚନ୍ଦ୍ରକାନ୍ତ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁଆ ଆଡ୍ଡା ଉପରେ ଚଢ଼ଉ

ଗଞ୍ଜାମ,(ହି.ସ.): ଛତ୍ରପୁର ଥାନାର ଚିକଲଖଣ୍ଡିରେ ବହୁଦିନ ଧରି ଲୁଚାଛପାରରେ ଚାଲିଥିବା ଜୁଆ ଖେଳର ଆଡ୍ଡା ବିଷୟରେ ପୋଲିସ୍ ଖବର ପାଇ ଅଚାନକ ଭାବେ ଏକ ଜୁଆଆଡ୍ଡା ଉପରେ ପୁଲିସ୍ ଚଢଉ କରି ୮ ଜଣ ଜୁଆଡିଙ୍କୁ ଗିରଫ କରି ସେମାନଙ୍କ ଠାରୁ ଦୁଇ ଲକ୍ଷ ଏକ ହଜାର ୨୬୦ ଟଂକା, ଆଠଟି ମୋବାଇଲ୍ ଫୋନ୍ ସହ ଖେଳସାମଗ୍ରି ଜବତ କରିଛି ।

## ଭ୍ରାମ୍ୟମାଣ ଆଇନ୍‌ସେବା ଶିବିର



ବଲାଙ୍ଗିର,(ପିପିଏସ): ବଲାଙ୍ଗିର ବ୍ଲକ ଅନ୍ତର୍ଗତ କୁମିଆପାଲି ଗ୍ରାମର ଶ୍ରୀରାମ ନବମୀ ମଣ୍ଡପଠାରେ ବୁଡି ଅଞ୍ଚଳବାସୀ ଙ୍କୁ ନେଇ କ୍ଲାପ – ଆଇନ ସେବା ସଂସ୍ଥା କଟକ ଓ ଜିନ୍ଦାବାଦ ସଂଗଠନ ବଲାଙ୍ଗିରର ମିଳିତ ଉଦ୍ୟମରେ ଗ୍ରାମ୍ୟମାଣ ଆଇନ ସେବା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଆଦିବାସୀ ନେତା ରାମ ଚନ୍ଦ୍ର ବଢିଆ ସଭାପତିତ୍ୱ କରିଥିଲେ ଓ ଲୋୟର ସୁକତେଲ ବୁଡି ଅଞ୍ଚଳ ସଂଗ୍ରାମ ପରିଷଦର ପ୍ରତିଷ୍ଠାତା ଓ ଜିନ୍ଦାବାଦ ସଂଗଠନର ଉପଦେଷ୍ଟା ତଥା ଆଇନଜିବି ତ୍ରିଲୋଚନ ପୁଞ୍ଜି ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ରୂପେ କ୍ଲାପର ନିର୍ଦ୍ଦେଶକ ତଥା ହାଇକୋର୍ଟର ଆଇନଜିବୀ ସନ୍ତୋଷ କୁମାର ପ୍ରଧାନ ମୁଖ୍ୟବକ୍ତା କ୍ଲାପ ର ଆଇନ ପରାମର୍ଶଦାତା ତଥା ହାଇକୋର୍ଟର ଆଇନଜିବୀ ଚନ୍ଦ୍ରଦେବ ପୁରୋହିତ, ସମ୍ମାନିତ ଅତିଥି ସମ୍ବାଦିକ ବିରେନ୍ଦ୍ର କୁମାର ଝାଙ୍କର, ସଂଗ୍ରାମ ପରିଷଦର ସଂପାଦକ ସତ୍ୟ ବନଛୋର, ଆଦିବାସୀ ନାରୀ ନେତ୍ରୀ ଦ୍ରୋପଦୀ ବରିହା, ଲଢୁଆ ସଂଗ୍ରାମୀ ନାରୀନେତ୍ରୀ ପାଂଚାଳି ପ୍ରଧାନ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଲୋୟର ସୁକତେଲ ଡ୍ୟାମ ଦ୍ୱାରା ବିସ୍ଥାପିତ ଓ ପ୍ରଭାବିତ ପରିବାରମାନଙ୍କୁ ନ୍ୟାୟ ଦେବା ପାଇଁ ଆଇନଗତ ଲଢେଇ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

## ବଙ୍ଗୋମୁଣ୍ଡାରେ ବିଡିଓଙ୍କ ଯୋଗଦାନ



ବଲାଙ୍ଗିର:(ପିପିଏସ) : ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକରେ ଏକ ବର୍ଷରୁ ଅଧିକ ଦିନ ପରେ ଜଣେ ସ୍ଥାୟୀ ଭାବରେ ନୂତନ ବିଡ଼ିଓ ଯୋଗଦାନ କରିଛନ୍ତି । ଗୁରୁବାର ଦିନ ବଙ୍ଗୋମୁଣ୍ଡା ବ୍ଲକରେ ନୂତନ ଭାବରେ ନିତୁଶ୍ରୀ ମେହେର ବିଡ଼ିଓ ଭାବେ ଯୋଗଦାନ କରିଛନ୍ତି । ସେ ବରଗଡ଼ ଜିଲା ପଦ୍ମପୁରରେ ଡେପୁଟି କଲେକ୍ଟର ଭାବରେ ଦାୟିତ୍ୱ ତୁଲାଉଥିଲେ । ବିଡ଼ିଓ ଭାବରେ ଯୋଗଦାନ ପରେ ଅଞ୍ଚଳର ଉନ୍ନୟନମୂଳକ କାମ ସହିତ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ । ସରକାରୀ କର୍ମଚାରୀ ଲୋକଙ୍କ ପାଖକୁ ପହଁଚି ଲୋକଙ୍କ ସମସ୍ୟା ଦିଗରେ କେମିତି କାମ କରିବେ ସେନେଇ ଦୃଷ୍ଟି ଦେବି ଓ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବି ବୋଲି କହିଛନ୍ତି । ବର୍ଷେରୁ ଅଧିକ ହେବ ସ୍ଥାୟୀ ବିଡ଼ିଓ ନ ଥିବାରୁ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ବେଳେ ବିଡ଼ିଓ ଙ୍କ ଯୋଗଦାନ ପରେ ଠିକ କାର୍ଯ୍ୟ ହେବ ବୋଲି ଆଶା ରଖିଛନ୍ତି । ବଙ୍ଗୋମୁଣ୍ଡା ବ୍ଲକର କର୍ମଚାରୀ ମାନେ ସ୍ୱାଗତ ଜଣାଇଥିଲେ।

## ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍ ବୈଠକ



ଦେବଗଡ଼,(ପିପିଏସ): ଜିଲ୍ଲା ଶିକ୍ଷା ବିଭାଗର ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ ବୈଠକ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ସମ୍ମିଳନୀ କକ୍ଷ ବିକାଶ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି।ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରାଇବା ସହ ଶିଶୁବଟିକା ରୁ ତୃତୀୟ ଶ୍ରେଣୀ ଶିକ୍ଷାର୍ଥୀ ମାନଙ୍କ ଶିକ୍ଷଣର ଗୁରୁତ୍ୱ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିବା ଏବଂ ତତ ସମ୍ପର୍କିତ ବିଦ୍ୟାଳୟ ସ୍ତରରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ତଥ୍ୟ ବିବରଣୀ ମାଧ୍ୟମରେ ଉପସ୍ଥାପନ କରିଥିଲେ। ସମସ୍ତ ତଥ୍ୟକୁ ଆଧାର କରି ଜିଲ୍ଲାପାଳ ବିଦ୍ୟାଳୟ ସ୍ତରରେ ସଠିକ ଭାବରେ କାର୍ଯ୍ୟକାରୀ କରିବା ସହ ଶିକ୍ଷାର୍ଥୀ ଶୈକ୍ଷିକ ସ୍ତର ଅଭିବୃଦ୍ଧି ନିମନ୍ତେ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁର, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ଙ୍କ ସମେତ କମିଟିର ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

## ଯୋଗ ଓ ଧ୍ୟାନ କର୍ମଶାଳା

ରାଇରଙ୍ଗପୁର,(ହି.ସ.):ସ୍ଥାନୀୟ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ପରିସରରେ ଏକ ଦିନିକିଆ ଯୋଗ ଓ ଧ୍ୟାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦୈନନ୍ଦିନ ଜୀବନଶୈଳୀରେ ସକାରାତ୍ମକ ପରିବର୍ତନ ଏବଂ ମାନସିକ ଶାନ୍ତି ପାଇଁ ନିଶ୍ୱାସ ପ୍ରଶ୍ୱାସର ଗୁରୁତ୍ୱ ଉପରେ ଏହି କର୍ମଶାଳାଟି ପର୍ଯ୍ୟବସିତ ଥିଲା। ମହାବିଦ୍ୟାଳୟର ଅଧକ୍ଷ ରବିଶଙ୍କର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ଶ୍ରମିକ ନେତା ନିଗମାନନ୍ଦ ପଟ୍ଟନାୟକ ଯୋଗଦେଇଥିଲେ। ଏଥିରେ ଇଁରାଜୀ ଅଧ୍ୟାପିକା ବିଜୟ କୁମାର ରାମ ମଞ୍ଚ ପରିଚାଳନା କରିଥିଲେ। ବିଶିଷ୍ଟ ଅତିଥି ତଥା ମୁଖ୍ୟ ଆଲୋଚିକା ଭାବେ ବାଙ୍ଗାଲୋରରୁ ଆସିଥିବା ଡଃ. ଜୟଶ୍ରୀ ପଟ୍ଟନାୟକ ଯୋଗଦେଇ ଛାତ୍ରୀମାନଙ୍କୁ ଯୋଗ ଓ ପ୍ରାଣାୟାମର କୌଶଳ ଶିଖାଇଥିଲେ। ସେ ବିଶେଷ ଭାବରେ ବୁଝାଇଥିଲେ ଯେ, କିପରି ନିଶ୍ୱାସ ପ୍ରଶ୍ୱାସର ଗତି ଓ ପ୍ରକ୍ରିୟାରେ ସାମାନ୍ୟ ପରିବର୍ତନ ଆଣି ଆମେ ନିଜର ଦୈନନ୍ଦିନ ଜୀବନଚର୍ଯ୍ୟାରେ ଉନ୍ନତି ଆଣିପାରିବା। ସଠିକ୍ ଉପାୟରେ ଧ୍ୟାନ କରିବା ଦ୍ୱାରା ମାନସିକ ଚାପ ହ୍ରାସ ପାଇବା ସହ ଏକାଗ୍ରତା ବୃଦ୍ଧି ପାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅଧ୍ୟାପିକା ସୁଧାଂଶୁବାଳା ପଟ୍ଟନାୟକ ମଧ୍ୟ ଯୋଗର ଉପକାରିତା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଦଶରଥ ଗୋରେଇ, ଅଧ୍ୟାପିକା ରେଣୁକା ମହାନ୍ତ, ସୁଭଦର୍ଶନୀ ମିଶ୍ର, ପ୍ରିୟତମା ହେମ୍ବ୍ରମ, ବିଦ୍ୟାବତୀ ବେହେରା, ଅନିତା ସାମନ୍ତ ଏବଂ ଗୁଞ୍ଜନ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ରହି କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ। ଶତାଧିକ ଛାତ୍ରୀ ଏହି କର୍ମଶାଳାରେ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ପରିଶେଷରେ ଅଧ୍ୟାପିକା ସୁଭଦର୍ଶନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୨୪।୦୧ ।୨୦୨୬ ■ ଶନିବାର

## ସପ୍ତାହାନ୍ତ ବିଚାର

# ସଂଘର୍ଷ ଆଡ଼କୁ ମୁହାଁଉଛି ଆମେରିକା-ଇଉରୋପ

ଭେନେଜୁଏଲା ଉପରେ ଆକ୍ରମଣ କରି ତାହାର ରାଷ୍ଟ୍ରପତି ମାଦୁରୋଙ୍କୁ ତାଙ୍କ ପତ୍ନୀଙ୍କ ସହ ଜବରଦସ୍ତ ଉଠାଇନେବାଠାରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଡେନମାର୍କର ସ୍ୱାୟତ୍ତ ଦ୍ୱୀପ ଗ୍ରୀନଲ୍ୟାଣ୍ଡକୁ ଦଖଲ କରିବା ନେଇ ଉଦ୍ୟମ ଜୋରଦାର କରିଛନ୍ତି । ଗ୍ରୀନଲ୍ୟାଣ୍ଡ ହେଉଛି ବିଶ୍ୱର ସବୁଠାରୁ ବଡ଼ ଦ୍ୱୀପ ଯାହା କନାଡ଼ା ଓ ଇଉରୋପ ମଧ୍ୟରେ ଉତ୍ତର-ଆଟଲାଣ୍ଟିକ୍ ମହାସାଗରରେ ଅବସ୍ଥିତ । ଉତ୍ତର ମେରୁ ନିକଟବର୍ତ୍ତୀ ହୋଇଥିବା କାରଣରୁ ଉପକୂଳବର୍ତ୍ତୀ ଅଞ୍ଚଳକୁ ବାଦ୍ ଦେଲେ ବାକି ୮୦ ଭାଗରୁ ଅଧିକ ଭୂଭାଗ ବରଫ ଦ୍ୱାରା ଏକରୁ ତିନି କିଲୋମିଟର ମୋଟେଇରେ ଢାଙ୍କି ହୋଇରହିଥାଏ । ଦକ୍ଷିଣ ମେରୁ ପରେ ସବୁଠାରୁ ଅଧିକ ବରଫ ଗ୍ରୀନଲ୍ୟାଣ୍ଡର ଏହି ଭୂଖଣ୍ଡରେ ଜମା ହୋଇ ରହିଛି, ଯାହା ଯୋଗୁଁ ଜଳବାୟୁ ପରିବର୍ତ୍ତନ କାରଣରୁ କ୍ଷୀପ୍ରଗତିରେ ମିଳାଇବାରେ ଲାଗିଛି ଓ ମହାସାଗର ତଟବର୍ତ୍ତୀ ଅଞ୍ଚଳକୁ ଖସିଚାଲିଛି । ଗ୍ରୀନଲ୍ୟାଣ୍ଡ ସହିତ ଉତ୍ତର ମେରୁ ସାଗରର ତୁଷାରଖଣ୍ଡ ସବୁ ମିଳାଇବାରେ ଲାଗିଛି ଯେଉଁ କାରଣରୁ ସାମୁଦ୍ରିକ ଯାତାୟାତର ନୂଆ ଜଳମାର୍ଗ ଖୋଲିବାରେ ଲାଗିଛି ଯାହା ରୁଷ, ଚୀନ ଓ ଜାପାନଠାରୁ ଉତ୍ତର ଆମେରିକା ଓ ଇଉରୋପର ଦୂରତା ବହୁ ମାତ୍ରାରେ ହ୍ରାସ ପାଇଛି । ଉତ୍ତରମେରୁ ସାଗରରୁ ଗ୍ରୀନଲ୍ୟାଣ୍ଡ ସାଗର ଦେଇ ଉତ୍ତର-ଆଟଲାଣ୍ଟିକ ମହାସାଗରକୁ ଖୋଲିଯାଇଥିବା ଏହି ଜଳମାର୍ଗର ପ୍ରୟୋଗ କରିବା ଲାଗି ରୁଷ ଓ ଚୀନ ନିଜର ସ୍ୱତନ୍ତ୍ର ଯୁଦ୍ଧଜାହାଜ ଓ ବୁଡ଼ାଜାହାଜର ବିକାଶ କରୁଛନ୍ତି ଯାହାଦ୍ୱାରା ସେଠାରେ ସେମାନଙ୍କର ପ୍ରଭାବ କାଏମ ରହିବ। ଏହି ଜଳମାର୍ଗରେ ସ୍ଥିତି ଥିବା କାରଣରୁ ଗ୍ରୀନଲ୍ୟାଣ୍ଡର ଭୂରାଜନୈତିକ ଓ ସାମରିକ ମହତ୍ତ୍ୱ ସବୁବେଳେ ରହିଆସିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ତାହା ହିଟଲରଙ୍କ ଯୁଦ୍ଧ ଜାହାଜ ଓ ବୁଡ଼ାଜାହାଜକୁ ରୋକିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ଯୁଦ୍ଧ ପରେ ରାଷ୍ଟ୍ରପତି ଟ୍ରୁମେନ ଏହାକୁ ୧୦ କୋଟି ଡଲାରର ସୁନା ଦେଇ କ୍ରୟ କରିବାକୁ ଉଦ୍ୟମ କରିଥିଲେ, କିନ୍ତୁ ସଫଳ ହୋଇପାରିନଥିଲେ । ତାହା ପରେ ୧୯୫୧ରେ ଡେନମାର୍କ ପକ୍ଷରୁ ଆମେରିକାକୁ ଗ୍ରୀନଲ୍ୟାଣ୍ଡର ସୁରକ୍ଷାରେ ବିଶେଷ ଭୂମିକା ଥିବା କାରଣରୁ ସାମରିକ ଘାଟି ନିର୍ମାଣ ଲାଗି ଅନୁମତି ଦେଇଥିଲା । ଏହାଛଡ଼ା ଗ୍ରୀନଲ୍ୟାଣ୍ଡରେ ତୈଳ, ଗ୍ୟାସ ଓ ଅନ୍ୟ ଦୁର୍ଲଭ ଖଣିଜର ଭଣ୍ଡାର ମଧ୍ୟ ରହିଛି ଯାହା ଇଲେକ୍ଟ୍ରୋନିକ ଓ ପ୍ରତିରକ୍ଷା ଉପକରଣ ତଥା ସ୍ୱଚ୍ଛ ଶକ୍ତି (ଏନର୍ଜୀ)ର ବ୍ୟାଟେରୀ ଲାଗି ଅତି ଆବଶ୍ୟକ ।

ରାଷ୍ଟ୍ରପତି ଟ୍ରମ୍ପଙ୍କ କହିବା କଥା ହେଉଛି ଉତ୍ତର ମେରୁ ଓ ଉତ୍ତର-ଆଟଲାଣ୍ଟିକ ମହାସାଗରରେ ରୁଷ ଓ ଚୀନ ପକ୍ଷରୁ ବଢ଼ିଚାଲିଥିବା ବିପଦକୁ ଦେଖି ଗ୍ରୀନଲ୍ୟାଣ୍ଡ ଉପରେ ଆମେରିକାର ସ୍ୱାମୀତ୍ୱ ହେବା ଆବଶ୍ୟକ । ତାହା ନକଲେ ଗ୍ରୀନଲ୍ୟାଣ୍ଡ ନିଜର ସୁରକ୍ଷା କରିପାରିବ ନାହିଁ କି ଆମେରିକା ମଧ୍ୟ ତାକୁ ସୁରକ୍ଷା ଦେଇପାରିବ ନାହିଁ । ତେଣୁ ସିଧା ହେଉ କି ତେଢ଼ା ହେଉ ସେ ଗ୍ରୀନଲ୍ୟାଣ୍ଡକୁ ନିଜ ଦଖଲକୁ ନେବା ଲାଗି ଚାହୁଁଛନ୍ତି । ଗ୍ରୀନଲ୍ୟାଣ୍ଡକୁ କିଣିନେବା ଲାଗି ମଧ୍ୟ ସେ ପ୍ରସ୍ତାବ ରଖିଛନ୍ତି କିନ୍ତୁ ଡେନମାର୍କ ଓ ଗ୍ରୀନଲ୍ୟାଣ୍ଡ କହିଛନ୍ତି ତାଙ୍କ ଦେଶ ବିକ୍ରୀ ହେବାର ନାହିଁ । ଡେନମାର୍କ ହେଉଛି ଆମେରିକାର ଦୁଇଶ ବର୍ଷ ପୁରୁଣା ବନ୍ଧୁ ଓ ସ୍ଥାପନା ହେବା ଦିନରୁ ତାହା ନାଟୋର ସଦସ୍ୟ । ପ୍ରାୟ ୩ଶହ ବର୍ଷ ତଳେ ଗ୍ରୀନଲ୍ୟାଣ୍ଡକୁ ଡେନମାର୍କ ନିଜର ଉପନିବେଶ କରିଥିଲା, କିନ୍ତୁ ୧୯୭୯ ପରେ ଗ୍ରୀନଲ୍ୟାଣ୍ଡ ପୂର୍ଣ୍ଣମାତ୍ରାରେ ସ୍ୱାୟତ୍ତ ହୋଇଯାଇଛି । କେବଳ ବୈଦେଶିକ ନୀତି ଓ ପ୍ରତିରକ୍ଷା ଡେନମାର୍କର ଦ୍ରାିତ୍ୱ କାରଣ ଗ୍ରୀନଲ୍ୟାଣ୍ଡ ପାଖରେ ଏତେ ସେନା ନାହିଁ । ତାହାର ସବୁ ୫୬ ହଜାର ୟୁନିଟ୍ ଆଦିବାସୀଙ୍କୁ ଡେନମାର୍କ ନାଗରିକତା ପ୍ରଦାନ କରିଛି । ଗ୍ରୀନଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ଜେନ୍ସ ଫ୍ରେଡରିକ ନୀଲସନ କହୁଛନ୍ତି ଯଦି ତାଙ୍କୁ ଆମେରିକା କି ଡେନମାର୍କ ମଧ୍ୟରୁ ଜଣକୁ ବାଛିବାକୁ ପଡ଼େ ତେବେ ସେ ଡେନମାର୍କକୁ ପସନ୍ଦ କରିବେ ।

ଜାତିସଂଘ ଚାର୍ଟର ହେଉ କି ଯେକୌଣସି ଆନ୍ତର୍ଜାତିକ ବ୍ୟବସ୍ଥାରେ କୌଣସି ମହାଶକ୍ତିକୁ କୌଣସି ଅନ୍ୟ ଦେଶର ସାର୍ବଭୌମତ୍ୱ ଜବରଦସ୍ତ ଛଡ଼ାଇ ନେବାର ଅଧିକାର ନାହିଁ, କିନ୍ତୁ ନିକଟ ଅତୀତରେ ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି "ତାଙ୍କୁ ଆନ୍ତର୍ଜାତିକ ଆଇନର ଆବଶ୍ୟକତା ନାହିଁ ।" ପ୍ରଶ୍ନ ହେଉଛି ଯଦି ଟ୍ରମ୍ପ ସହଯୋଗ କରିବାରେ ଓ ସୁବିଧା ପ୍ରଦାନ ଲାଗି ପ୍ରସ୍ତୁତ ଏକ ସାର୍ବଭୌମ ମିତ୍ର ଦେଶକୁ ନିଜର ରାଷ୍ଟ୍ରୀୟ ସୁରକ୍ଷା ଲାଗି ଜବରସ୍ତ ଅକ୍ତିଆର କରିବା ଓ ତାହାକୁ ବୈଧ ମାନିବେ ତେବେ ତାଙ୍କର ଓ ପୁତିନଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ? ବରଂ ପୁତିନ ଯାଙ୍କ ତୁଳନାରେ ଭୁଲ୍ କାର୍ଯ୍ୟ କରୁଛନ୍ତି, କାରଣ ତାଙ୍କ ଭାଷାରେ ରୁଷର ସାମରିକ କାର୍ଯ୍ୟାନୁଷ୍ଠାନ "ୟୁକ୍ରେନରୁ ନାଜିବାଦ ଶକ୍ତିକୁ ସଫା କରି ନାଟୋର ପ୍ରଭାବ ବୃଦ୍ଧିକୁ ରୋକିବା ପାଇଁ ସେ ଲଢୁଛନ୍ତି," ବୋଲି କହୁଛନ୍ତି । ଟ୍ରମ୍ପଙ୍କ ଯୁକ୍ତି ଆଧାରରେ ଚୀନ ମଧ୍ୟ ତାଇୱାନକୁ ଦଖଲ କରିନେବା ତ ଆହୁରି ଯୁକ୍ତିସଂଗତ ମନେହେବ, କାରଣ ଶି ଜିନପିଙ୍ଗ ନିଜର ରାଷ୍ଟ୍ରୀୟ ସୁରକ୍ଷା ଲାଗି ବିଚ୍ଛିନ୍ନ ହୋଇଯାଇଥିବା ଦେଶ ଓ ସମାଜର ଅଂଶସବୁକୁ ଯୋଡ଼ିବା ଲାଗି କାର୍ଯ୍ୟ କରିଆସୁଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏକ ନିୟମବଦ୍ଧ ବ୍ୟବସ୍ଥାର ସ୍ଥାପନ କରି ରାଷ୍ଟ୍ରୀୟ ସାର୍ବଭୌମତ୍ୱ, ଗଣତନ୍ତ୍ର ଓ ମୁକ୍ତ ବାଣିଜ୍ୟକୁ ପ୍ରୋତ୍ସାହିତ କରୁଥିବା ଦେଶର ରାଷ୍ଟ୍ରପତିଙ୍କର ଆନ୍ତର୍ଜାତିକ ଆଇନ ପ୍ରତି ଉପହାସ କରିବା ବିଶ୍ୱ ବ୍ୟବସ୍ଥା ଲାଗି ଗଭୀର ସଂକଟର ସଂକେତ ଦେଉଛି । ଏପରି ଅବସ୍ଥା ପାଇଁ ଅନେକ ମାତ୍ରାରେ ଇଉରୋପୀୟ ସଂଘ ଓ ଆମେରିକା ତଥା ନାଟୋ ହିଁ ଦାୟୀ । ଟ୍ରମ୍ପ ଓ ତାଙ୍କ ସରକାରର ଆପତ୍ତିଜନକ ବୟାନ ସବୁକୁ ଗୋଟିଏ ସ୍ୱରରେ ବିରୋଧ କରିବା ଓ ଗ୍ରୀନଲ୍ୟାଣ୍ଡର ସୁରକ୍ଷା ଲାଗି ନାଟୋ ସେନାକୁ ମୁତୟନ ନ କରି ଯେପରି ସେମାନେ ଅନୁନୟ ବିନୟ ହେଉଛନ୍ତି, ତାହାକୁ ଦେଖି ଟ୍ରମ୍ପ ଟାରିଫ ଲଗାଇବେ ବୋଲି ଘୋଷଣା କରିବାକୁ ପଛାଇ ନାହାନ୍ତି । ୟୁକ୍ରେନ ଉପରେ ରୁଷର ଆକ୍ରମଣକୁ କଡ଼ା ଭାଷାରେ ନିନ୍ଦା କରିବା କାର୍ଯ୍ୟରୁ ଭାରତ ଓ ଚୀନ ଭଳି ଦକ୍ଷିଣ ଗୋଲାର୍ଦ୍ଧର ପ୍ରମୁଖ ଶକ୍ତିମାନେ ଦୂରେଇ ରହିବା ଇଉରୋପୀୟ ଦେଶମାନେ ଭେନେଜୁଏଲା ଉପରେ ଟ୍ରମ୍ପଙ୍କ ଆକ୍ରମଣ ଉପରେ ବି ନିରବ ରହିବା ଫଳରେ ସ୍ୱେଚ୍ଛାଚାରୀ ଶାସକଙ୍କ ମନୋମୁଖୀ ଆଚରଣ ବଢ଼ିଚାଲିଛି ।

ଏବେ ଗ୍ରୀନଲ୍ୟାଣ୍ଡ ଓ ଡେନମାର୍କର ସାର୍ବଭୌମତ୍ୱକୁ ନେଇ କଥା ଏତେ ବିଗିଡ଼ିଯାଇଛି ଯେ ଡେନମାର୍କ ସହ କେବଳ ବ୍ରିଟେନ୍, ଜର୍ମାନୀ, ଫ୍ରାନ୍ସ ଓ କନାଡା ଭଳି ଦେଶ ଅଛନ୍ତି, ଅନ୍ୟମାନେ ନିରବ କି କିଛି କହିବାକୁ ସାହସ କରୁନାହାନ୍ତି, ଆମେରିକାର ଟାରିଫ୍ ଲଗାଇବାର ଘୋଷଣା ପରେ ନାଟୋ ଓ ଇଉରୋପୀୟ ୟୁନିଅନ୍‌ରେ ପ୍ରତିକ୍ରିୟା ପ୍ରବଳ କିନ୍ତୁ ଜଣାନାହିଁ ଏମାନେ କେହି ଟ୍ରମ୍ପଙ୍କ ସହ ଟକ୍କର ଦେବାକୁ ପ୍ରସ୍ତୁତ କି ନୁହେଁ । ନାଟୋର ଏକ ସମସ୍ୟା ହେଉଛି କୌଣସି ସଦସ୍ୟ ରାଷ୍ଟ୍ର ଉପରେ ଅନ୍ୟ ସଦସ୍ୟ ରାଷ୍ଟ୍ର ଆକ୍ରମଣ ନେଇ ସ୍ଥିତି କିଛି ସ୍ପଷ୍ଟ ନୁହେଁ । ଉଦାହରଣ ସ୍ୱରୂପ ୧୯୭୪ରେ ସାଇପ୍ରସ ଦ୍ୱୀପରେ ହିଂସାକାଣ୍ଡ କେବଳ ତୁର୍କୀ ଦ୍ୱିତୀୟ ନାଟୋ ସଦସ୍ୟ ଗ୍ରୀସ ଉପରେ ଆକ୍ରମଣ କରିଥିଲା ସେତେବେଳେ ନାଟୋ ଧର୍ମସଂକଟରେ ପଡ଼ିଥିଲା କାହା ସପକ୍ଷରେ ତାହା ରହିବ । ଶେଷରେ ଆମେରିକା କୌଣସି ପ୍ରକାରେ ବୁଝାମଣା କରାଇଥିଲା । ଟ୍ରମ୍ପଙ୍କର ଗ୍ରୀନଲ୍ୟାଣ୍ଡ ଅକ୍ତିଆର କରିନେବାର ଅଭିପ୍ରାୟ ଦ୍ୱାରା ଆହୁରି ଗମ୍ଭୀର ସଂକଟ ସୃଷ୍ଟି ହୋଇପାରେ, ଯାହା ପାଇଁ ନାଟୋ ଏବେ ପ୍ରସ୍ତୁତ ଥିବା ଭଳି ଜଣାଯାଉ ନାହିଁ । ❐❐

# ଅଭିଭାବକଙ୍କର ପ୍ରଥମ କର୍ତ୍ତବ୍ୟ

ବର୍ତ୍ତମାନ ଯୁବସମାଜର ନୀତି ଓ ନୈତିକତାରେ ସ୍ଖଳନ ଘଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିପାଇଁ ମୁଖ୍ୟତଃ ଉପଯୁକ୍ତ ନୈତିକ ଶିକ୍ଷାର ଅଭାବ ସହିତ ସଂସ୍କାରହୀନତା ହିଁ ଦାୟୀ,ଯାହାକି ପିଲାମାନଙ୍କର ଏକ ଶୃଙ୍ଖଳିତ ଚରିତ୍ର ଗଠନ ପଥରେ ଅନ୍ତରାୟ ସୃଷ୍ଟି କରୁଛି । ଏସବୁ ପାଇଁ ଅନେକ କ୍ଷେତ୍ରରେ ନିଜ ପିତାମାତାଙ୍କୁ ଦାୟୀ କରାଯାଇପାରେ। ଆଜିକାଲିର ପିତାମାତମାନେ ପିଲାମାନଙ୍କୁ ନୀତିଶିକ୍ଷା ଦେବା ପରିବର୍ତ୍ତେ ପିଲାଟି ଭବିଷ୍ୟତରେ କିପରି ଭଲ ରୋଜଗାର କ୍ଷମ ମଣିଷଟିଏ ହୋଇପାରିବ ବା ଏକ ଟଙ୍କା ତିଆରି ଯନ୍ତ୍ର ହୋଇପାରିବ ସେ ବିଷୟରେ ଅଧିକ ଧ୍ୟାନ ଦେଇଥାନ୍ତି । ପିଲାଟି କେତେମାତ୍ରାରେ ପାଠବହିଟିକୁ କଣ୍ଠସ୍ଥ ବା ମୁଖସ୍ଥ କରି ପରୀକ୍ଷାରେ ଅଧିକ ମାର୍କ ପାଇବା ସହିତ ଶ୍ରେଣୀରେ ପ୍ରଥମ ହେବ ସେ ବିଷୟରେ ଆଜିକାଲିର ପିତାମାତାଙ୍କ ମଧ୍ୟରେ ଚାଲଛି କସରତ । ପିଲାଟି ପ୍ରକୃତରେ କେତେ ପାଠ ବୁଝିଛି ଓ ତଦନୁସାରେ ତାହା ସେ ପ୍ରୟୋଗ କରୁଛି କି ନାହିଁ କିମ୍ବା ପିଲାଟି ଭବିଷ୍ୟତରେ ସମାଜ ପ୍ରତି କେତେ ପରିମାଣରେ ଉପଯୋଗୀ

## ପ୍ରାପ୍ତପତ୍ର

ହୋଇପାରିବ ସେଥିପ୍ରତି ଆମ ପିତାମାତାଙ୍କର ତିଳେମାତ୍ର ବି ନିଘା ନାହିଁ । ବିଶେଷକରି ଆମେ ପିତାମାତାମାନେ ନିଜନିଜର କର୍ମକ୍ଷେତ୍ରରେ ଏତେ ବ୍ୟସ୍ତ ଯେ ନିଜ ପିଲାମାନଙ୍କର କଥା ବୁଝିବା ପାଇଁ ବା ସେମାନଙ୍କ ସହ ଟିକେ ହସଖୁସି ହେବାପାଇଁ ଆମ ପାଖରେ ନା ସମୟ ନାହିଁ ନା ଆଗ୍ରହ ଅଛି । ପାଠ ପଢା ଦେଖିବା କଥା ପଚାରେ କିଏ ! ଏସବୁ ଦାୟିତ୍ୱ ଟିଉସନ୍ ଶିକ୍ଷକଙ୍କ ଉପରେ ନ୍ୟସ୍ତ କରିଦେଇ ଆମେ ଯେପରି ଦାୟିତ୍ୱ ମୁକ୍ତ ହେବାର ନିଖୁଣ ଅଭିନୟ କରୁଛୁ । ଆମ ପିତାମାତାଙ୍କର ଏତାଦୃଶ ଚିନ୍ତାଧାରା ପିଲାମାନଙ୍କର କେଉଁ ସଫଳତା ଦିଗରେ ସାହାଯ୍ୟ କରିବ ତାହା ହିଁ ବିଚାର୍ଯ୍ୟ ।ବର୍ତ୍ତମାନ ଆମ ସମାଜ ଏକ ଶୃଙ୍ଖଳିତ ଯୁବ ଗୋଷ୍ଠୀ ଉପରେ ନିର୍ଭରଶୀଳ । ଆଧୁନିକତା ସହିତ ଆମର ମହାନ ପ୍ରଥା ପରମ୍ପରା ପ୍ରତି ଗଭୀର ବିଶ୍ୱାସ ରହିବା ବିଧେୟ । ପ୍ରାଚୀନତା ଓ ଆଧୁନିକତା ମଧ୍ୟରେ ଏକ ଯୋଗସୂତ୍ର ରହିବା ଆବଶ୍ୟକ ।ଆଜିର ଯୁବସମାଜ ଏଗୁଡିକୁ ନିଶ୍ଚୟ ଥରେ ଧୀର ଓ ସ୍ଥିର ମନରେ ଅନୁଶୀଳନ କରିବା ଏକାନ୍ତ ବାଂଛନୀୟ । ନିଜ ଅନ୍ତର୍ନିହିତ ଶକ୍ତିର ଭରପୂର ଉପଯୋଗ କରି ଥରେ ଭାବିବା ଦରକାର ଯେ ସବୁ ଚକ୍ ଚକ୍ ଦେଖାଯାଉଥିବା ଜିନିଷ ସୁନା ନୁହେଁ ।

ସୁରେଶ କୁମାର ସାହୁ, କଟକ

# କ୍ଷେତ୍ର ଦଖଲ ପାଇଁ ଭୟଙ୍କର ଯୁଦ୍ଧ



**ମାୟାଧର ନାୟକ**

ମଣିଷ ହୁଅନ୍ତୁ କି ଜୀବଜନ୍ତୁ – ଯେତେବେଳେ ଗତିଚ୍ୟୁତି ହେବେ – ସେତେବେଳେ ଛନ୍ଦ ହରାଇ ଦେବେ । ଗତିଶିଳତାରେ ନାହାଁନ୍ତି ତ ଛନ୍ଦ ହଜାଇଛନ୍ତି । ଛନ୍ଦ ବଦଳରେ ତା'ପରେ ସବୁ ମନ୍ଦ । ଏ ମନ୍ଦରୁ ମାନ୍ଦା । ଏ ମାନ୍ଦାରୁ ମାନ୍ଦାବସ୍ଥା ମାନଚିତ୍ରରୁ ଆରମ୍ଭକରି ମଇଦାନ ପର୍ଯ୍ୟନ୍ତ । ପ୍ରଗତି କେବଳ ପୋଷ୍ଟର – ପ୍ରତିଦିନ ପ୍ରହସନ ।

ଏଇ ଗତିଚ୍ୟୁତି ସମ୍ପର୍କରେ ରାମାୟଣର ପଦେକଥା କହୁଛି । ଶ୍ରୀରାମଚନ୍ଦ୍ର ସେତୁବନ୍ଧ ବାନ୍ଧି ସୀତାକୁ ଉଦ୍ଧାର କରିବେ । ସେତୁବନ୍ଧ ବନ୍ଧା ହେଲା । ପ୍ରତିଷ୍ଠା ହେବ । ସେତେବେଳେ ସବୁଠୁ ଶ୍ରେଷ୍ଠ ବ୍ରାହ୍ମଣ ଖୋଜାଗଲା । ଜଣାଗଲାଯେ – ଏ ତ୍ରେତୟାଯୁଗରେ ଶ୍ରେଷ୍ଠ ବ୍ରାହ୍ମଣ, ଜ୍ଞାନୀ ହେଉଛନ୍ତି – ଲଙ୍କାଧିପତି ରାବଣ । ଶ୍ରୀରାମ ରାବଣ ବଧକରି ମା' ସୀତାଙ୍କୁ ଉଦ୍ଧାର କରିବେ । ସେହି ଶତ୍ରୁ ରାବଣଙ୍କୁ ସେତୁବନ୍ଧ ପ୍ରତିଷ୍ଠାରେ ପୂଜାପାଠ କରିବାକୁ ନିମନ୍ତ୍ରଣ କଲେ । ରାବଣ ରାଜି ହେଲେ । ଏଠାରେ ଉଭୟଙ୍କ ମହାନତା ଅତୁଳନୀୟ । ରାବଣ ଆସିଲେ । ଯଥାରିତିରେ ପୂଜା ସମ୍ପନ୍ନ ହେଲା । ଶେଷରେ ଶ୍ରୀରାମ ରାବଣକୁ କିଛି ରାଜନୀତି ଶିକ୍ଷା ପାଇବା ପାଇଁ ଅନୁରୋଧ କଲେ । ରାବଣ କହିଲେ – ଯେଉଁଟି ଠିକ୍, ସତ୍ୟ – ତାହାକୁ ଚଟାପଟ କର । ବିଳମ୍ବ କରନା । ଯେଉଁଠି ବେଠିକ୍ ଲାଗୁଛି – ତାହା ଭାବିଚିନ୍ତି କର । ବଡଥିଲେ ପଚାରି ଛୋଟ ଥିଲେ ବିଚାରି–କାର୍ଯ୍ୟ କଲେ ବିପଦ ନ ପଡଇ ଭଲେ । ଶ୍ରୀରାମ କହିଲେ – ଆଜ୍ଞା ! ଟିକେ ବୁଝେଇ କୁହନ୍ତୁ । ମହାଜ୍ଞାନୀ, ଶ୍ରେଷ୍ଠ ବ୍ରାହ୍ମଣ ରାବଣ କହିଲେ – ମୁଁ ସ୍ୱର୍ଣ୍ଣଲଙ୍କାରେ ଅଧିପତି । ଇଛାଥିଲା – ଲଙ୍କାକୁ ସୁନାରେ ଛାଉଣି କରିଦେବି । ସେ କ୍ଷମତା ମୋର ଥିଲା – କିନ୍ତୁ କରିବି – କରିବି ବୋଲି ହେଳା କରିଦେଲି । ଆଜି ମୁଁ ତୁମ ହାତରେ ମରିବାକୁ ଯାଉଛି ।

ଦ୍ୱିତୀୟରେ ହେଲା – ତୁମ ସାନଭାଇ ଲକ୍ଷ୍ମଣ ମୋ ଭଉଣୀ ସୁପନେଖାର ନାକ କାଟିଦେଲେ । ମୁଁ ରାଗିଗଲି । ନାରୀ ନିର୍ଯ୍ୟାତନା ସହ୍ୟ କରିନପାରି କୂଟକପଟ କରି ତୁମ ପତ୍ନୀ ସୀତାଙ୍କୁ ହରଣ କରିଆଣିଲି । ତୁମ ଭାଇ ଆଉ ତୁମକୁ ମାରିବାର ଥିଲା । ରାଗରେ ତୁମ ପତ୍ନୀକୁ ହରଣ କଲି । ରାଗ ବ୍ରହ୍ମଚଣ୍ଡାଳ । ରାଗକ୍ରୋଧବେଳେ ନିଷ୍ପତି ମଧ୍ୟ ଭୂଲ ହୋଇପାରେ । ସେହି ଅବସ୍ଥା ହେଲା । ଭୂଲ ନିଷ୍ପତିରେ ଆଜି ମୋ ସ୍ୱର୍ଣ୍ଣ ଲଙ୍କା ଧ୍ୱଂସ ହେବାକୁ ଯାଉଛି – ମୁଁ ତୁମ ହାତରେ ମରିବାକୁ ଯାଉଛି । ତେଣୁ ଭଲକାମ ଚଟାପଟ କର, ଖରାପ କାମ ଭାବିଚିନ୍ତି, ବୁଝିବିଚାରି – ସମୟ ନେଇ କାର୍ଯ୍ୟ କର । ଏଇ ଶିକ୍ଷାରୁ ଆମେ କ'ଣ ଶିଖିଲେ – ଭଲ କାମକୁ ଆମେ ହେଳା କରୁଛେ – ଖରାପ କାମକୁ ଚଟାପଟ କରୁଛେ । ଯାହାଫଳରେ ସବୁ ଅଘଟଣ ଘଟୁଛି । ଆମ ଗତିବିଚ୍ୟୁତି ପାଇଁ ଆମେ ମାନ୍ଦା କେବଳ ନୁହେଁ ମାଦଳ ହୋଇଯାଉଛେ ।

ସାରା ବିଶ୍ୱରେ ୨୦୦୮ରୁ ଅର୍ଥନୈତିକ ମାନ୍ଦାବସ୍ଥା ଆଜିବି ସୁଧୁରିନାହିଁ । ଏଇ ମାନ୍ଦାବସ୍ଥା ଫଳରେ ଅର୍ଥନୀତି ଏକ ଆତଙ୍କବାଦରେ ପରିଣତ ହୋଇଯାଇଛି । ଆମ ଅର୍ଥନୀତି କେବଳ ନୁହେଁ ବିଶ୍ୱ ଅର୍ଥନୀତି ଘୁଷୁଡି ଘୁଷୁଡି ଚାଲୁଥିଲା – କୋଭିଡ୍-୧୯ରେ ଛୋଟା ହେଇଗଲା । ଛୋଟା ଗୋଡକୁ ଠିକ୍‌ଠାକ୍ କରି ସିଧା ଚାଲିବା କି ଦୌଡିବା ଏତେ ସହଜ ନୁହେଁ । କେବଳ ଅର୍ଥନୀତିରେ ମାନ୍ଦାବସ୍ଥା ନୁହେଁ–ରାଜନୀତିରେ ମଧ୍ୟ ଗତିବିଚ୍ୟୁତି ଘଟିଛି । ସାରା ବିଶ୍ୱରେ ପ୍ରାୟ ସବୁଦେଶରେ ସେମିତି ଉପଯୁକ୍ତ ନେତା ନଥିବାରୁ ରାଜନୀତି ଭୂଲ ରାସ୍ତାରେ ଯାଇ ଛନ୍ଦ ହରାଇଛି । ରାଜନୈତିକ ନେତାମାନଙ୍କର ଆତ୍ମସ୍ୱାର୍ଥ, ଅହଂକାର, ଗର୍ବ, କ୍ଷମତା ନିଶା ସେମାନଙ୍କୁ ପାଗଳ କରିଦେଇଛି । ଜଣେ ଶିଶୁ ହାତରେ ବନ୍ଧୁକ ପଡିଲେ ସେ ଅପବ୍ୟବହାର କରିବ ନିଶ୍ଚୟ । ବିଶ୍ୱରେ ଯୁଦ୍ଧଖୋର ନେତା ଶିଶୁ ଭଳି ଆଚରଣ କରିଚାଲିଛନ୍ତି । କ୍ଷେତ୍ର ଦଖଲ ପାଇଁ ଭୟଙ୍କର ଯୁଦ୍ଧ, ଗୃହଯୁଦ୍ଧ ଲାଗିରହିଛି । ପୁଣି ଧର୍ମାନ୍ଧ ରାଜନୈତିକ ବ୍ୟକ୍ତିମାନେ ଦଙ୍ଗା, ହଣାକଟା ଘଟାଇ ସାରା ବିଶ୍ୱକୁ ଥରହର କରୁଛନ୍ତି । ଆମ ଭାରତ ମଧ୍ୟ ଏଥିରୁ ବାଦ୍ ଯିବ କେମିତି ?

ଏବେ ସାରା ବିଶ୍ୱ ୧୩୭ ବର୍ଷ ତଳକୁ ଫେରିଆସୁଛି । ସଂପ୍ରତି କର୍ଣ୍ଣାଟକ ପରେ ତାମିଲନାଡୁ ୧୯୪୮ କାରଖାନା ଆଇନ୍‌କୁ ସଂଶୋଧନ କରି ୧୨ ଘଂଟିଆ କାର୍ଯ୍ୟଦିବସ ପ୍ରଚଳନ କରି ବିଶ୍ୱବଜାରରେ ପ୍ରବେଶ କରିବାକୁ ମସୁଧା କରିଛନ୍ତି । ୧୩୭ ବର୍ଷର ୧୮୮୬ ମସିହା ମେ' ପହିଲା ଘଟଣା ମନେପକାଇଦେଉଛି । ମେ' ପହିଲା ପୂର୍ବରୁ ଶ୍ରମିକମାନେ ୧୨ ଘଂଟାରୁ ୧୮ ଘଂଟା ହାଡଭଙ୍ଗା ଖଟଣି ଖଟୁଥିଲେ । ଶ୍ରମଦିବସ ୮ ଘଂଟା ଦାବିରେ ଆମେରିକାରେ ଶ୍ରମିକମାନେ ସଂଘର୍ଷ କରି ରକ୍ତରବନ୍ୟା ବୁହାଇଦେଇଥିଲେ । ମାଲିକଶ୍ରେଣୀ ବାଧହୋଇ ଦୈନିକ ୮ ଘଂଟା ଶ୍ରମଦିବସକୁ ମାନିନେଇଥିଲେ । ସେଇଦିନଠାରୁ ସାରାବିଶ୍ୱର ସବୁଦେଶରେ ଶ୍ରମଦିବସ ୮ ଘଂଟା ପ୍ରଚଳିତ ହୋଇଆସୁଛି । ଏହି ୧୩୭ ବର୍ଷ ମଧ୍ୟରେ ପୃଥିବୀର କେତେ ନଦୀରେ କେତେ ଜଳ ବୋହିଗଲାଣି । ଦେଶେ ଦେଶେ କେତେଯେ ମୌସୁମୀବାୟୁ ପ୍ରବାହିତ ହୋଇଗଲାଣି ଏବଂ ଶ୍ରମିକ ଓ ମାଲିକ ମଧ୍ୟରେ କେତେଯେ ତ୍ୟାଗପୂତ ଲଢେଇ, ରକ୍ତକ୍ଷୟୀ ସଂଗ୍ରାମ ହୋଇଯାଇଛି ତାହାର ପଟାନ୍ତର ନାହିଁ । ଆଜି ମଧ୍ୟ ପୁଞ୍ଜିପତିଶ୍ରେଣୀ ଓ ସାମ୍ରାଜ୍ୟବାଦୀ ଶାସନର ଯଜ୍ଞବେଦୀରେ ଲକ୍ଷ ଲକ୍ଷ ଶ୍ରମିକକୃଷକ ଓ ଖଟିଖିଆ ମଣିଷ ବଳିପଡୁଛନ୍ତି । ସେଦିନ ଓ ଆଜି ମଧ୍ୟରେ କେତେ ତଫାତ୍ ? ସମଗ୍ର ବିଶ୍ୱର ପରିସ୍ଥିତି ଦିନକୁ ଦିନ ଜଟିଳ ଆଡକୁ ଗତିକରୁଛି । ଆଜି ଶ୍ରମଜୀବୀଶ୍ରେଣୀ ପ୍ରତିଦିନ ରକ୍ତନଦୀ ବୁହାଇଦେଉଥିଲେ ମଧ୍ୟ ସାମାନ୍ୟତମ ଦାବୀପୂରଣ ହେବା ଅସମ୍ଭବ ହୋଇପଡିଛି । ଶ୍ରମିକଶ୍ରେଣୀ ରାଷ୍ଟ୍ରର ଅଧପତନ ହେବା ସଂଗେ ସଂଗେ ମାନବଶକ୍ତି ବଦଳରେ ଦାନବଶକ୍ତି, ଯନ୍ତ୍ରଶକ୍ତିର ବ୍ୟବହାର ବହୁଳ ଭାବେ ଦେଖାଦେଇଛି । ଏବେ ବିଶ୍ୱ ଶ୍ରମିକଶ୍ରେଣୀ ଘୋର ସଂକଟରେ । ଚାରିପଟର ଚିତ୍ରରେ କର୍ଦ୍ଦମାକ୍ତ କଳଙ୍କର କାଳିମା । ନିଜକୁ କମ୍ୟୁନିଷ୍ଟ ବୋଲାଉଥିବା ପୁଞ୍ଜିବାଦୀ, ସାମ୍ରାଜ୍ୟବାଦୀ ଚିନ୍ ଦେଶ ଲାଭରଲୋଭରେ ପଡି ସକାଳ ୯ରୁ ରାତି ୯ଟା ୧୨ ଘଂଟା ଶ୍ରମଦିବସ ଆରମ୍ଭ କଲା । ଏବେ ଭାରତ ଚୀନ୍‌ର ପଦାଙ୍କଅନୁସରଣ କରିବାକୁ ଯାଉଛି । ପୂର୍ବରୁ ସପ୍ତାହରେ ୪୮ ଘଂଟା କାର୍ଯ୍ୟ କରିବାର ନିୟମ ଥିଲେ ବି ବିଦେଶୀ କମ୍ପାନୀ ଚାପରେ ଇଲେକ୍ଟ୍ରିକ୍ ଯାନ, ସୋଲାର ପାୱାର ଇକ୍ୟୁପ୍‌ମେଂଟ ବ୍ୟାପକ ଆବଶ୍ୟକତାକୁ ଆଖିଆଗରେ ରଖି ଭିଏତ୍‌ନାମ, ଇଣ୍ଡୋନେସିଆ, ଥାଇଲାଣ୍ଡ ସହ ପ୍ରତିଯୋଗିତା କରିବା ଲକ୍ଷ୍ୟରେ ଶ୍ରମିକମାନଙ୍କ ଶକ୍ତି ବାହାରେ କାର୍ଯ୍ୟ କରିବାକୁ ଯାଉଛନ୍ତି । ଏହା ଫଳରେ ମାଲିକମାନେ ଅସଂଗଠିତ ଠିକାଶ୍ରମିକମାନଙ୍କୁ ପାଶବିକ ଶୋଷଣର ଦ୍ୱାରଦେଶକୁ ଠେଲି ଦେଉଛନ୍ତି । ସ୍ଥାୟୀ ଶ୍ରମିକମାନେ ୧୨ ଘଂଟା କାମକରି ଓଭରଟାଇମ୍, ପେଡ୍ ଲିଭ୍, ସିକ୍ ଲିଭ୍ ବେନିଫିଟ୍ ପାଉଥିଲାବେଳେ କୋଟି କୋଟି ଅସଂଗଠିତ ଶ୍ରମିକମାନଙ୍କୁ ଠକିଦେଇ ଲାଭରପାହାଡ ସୃଷ୍ଟିକରିବା ମସୁଧାରେ ଅଛନ୍ତି । ମାଲିକମାନଙ୍କର କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନର ନିଶା ଶ୍ରମିକଶ୍ରେଣୀ ପ୍ରତି ବିପଦ ଡାକିଆଣୁଛି । କର୍ଣ୍ଣାଟକ, ତାମିଲନାଡୁ ପରେ ଭାରତର ଅନ୍ୟ ରାଜ୍ୟକୁ ଏ ରୋଗ ବ୍ୟାପିବ ।

ଆଜି ବି ସାମାଜିକ, ସାଂସ୍କୃତିକ କ୍ଷେତ୍ରରେ ଗତିବିଚ୍ୟୁତି ଘଟିଛି । ସାଂସ୍କୃତିକ ଅବକ୍ଷୟ ଯୋଗୁ ଆମେ ପଛୁଆ ହୋଇଯାଇଛେ । ଆମ ଗତି ଆଗକୁ ନଯାଇ ପଛକୁ ପଛକୁ ଫେରୁଛି । ଏହି ବିଡମ୍ବନା ତାଳରୁ ତଳିପା ପର୍ଯ୍ୟନ୍ତ ଗୋଟିଏ ମାରାତ୍ମକ ସଂକ୍ରାମକ ବ୍ୟାଧି ଭଳି ବ୍ୟାପିଗଲାଣି । ଗୋଟିଏ ଭୟଙ୍କର ଅସାଧୁତାର ସୌଦାଗରୀ ସାମଗ୍ରୀ ପାଲଟିଗଲାଣି ଆମର ଏ ସାଂସ୍କୃତିକ ଜୀବନ । ଆଗକୁ ଚାହିଁଲେ ଆଲୁଅ – ପଛକୁ ଚାହିଁଲେ ଅନ୍ଧାର । ତା'ହେଲେ ଏ ପୃଥିବୀର ଜୀବଜଗତ ରୋଗ ଆଉ ଭୋକରେ କ'ଣ ମରିଯିବେ ? ଭୋକ ଓ ରୋଗ ଏ ଧରଣୀ ବକ୍ଷରୁ ପୋଛିଦେବାକୁ ବିଜ୍ଞାନ ଏଯାବତ୍ ସେଭଳି ପରମାଣୁ ବୋମା ତିଆରିକରିପାରିନି, ଯାହା ଏ ଦୁଇ ଛୋଟ ଅଥଚ ସବୁଠୁ ବଡ ସାଂଘାତିକ ଶବ୍ଦ ଭୋକ ଓ ରୋଗକୁ ମଣିଷ ଜାତିର ଅଭିଧାନରୁ ମୂଳପୋଛ କରିଦେଇପାରିବ ।

ଯାଜପୁର ରୋଡ, ଯାଜପୁର

ମୋ : ୯୮୬୧୦୩୪୧୬୩

# ସିପାହୀ ବିଦ୍ରୋହର ସୂତ୍ରଧର

**ଅକ୍ଷୟ କୁମାର ରାଉତ**

କେତେ ମହାମନିଷୀ କେତେ ଅବତାର କେତେ ଯୁଗାନ୍ତକାରୀ ଜ୍ଞାନୀ,ମାନୀ,ମହାପୁରୁଷ, ଏଇ କାନନ କୁନ୍ତଳା ତଟିନୀ ମେଖଳା ମନ୍ଦିର ମୟୀ କୀର୍ତି କୀରିଟିନୀ ଚିର ମହନୀୟା ଭାରତ ମାତାର କୋଳ ଆଲୋକିତ କରି ତ୍ୟାଗ ଆଦର୍ଶ ଓ ଜ୍ଞାନ କର୍ମ ର ଅକ୍ଷୟ ଐଶ୍ୱର୍ଯ୍ୟରେ ସମଗ୍ର ବିଶ୍ୱକୁ କରିଛନ୍ତି ଦୀପ୍ତିମନ୍ତ। ସେମାନଙ୍କ ମଧ୍ୟରୁ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ହେଉଛନ୍ତି ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ। ୧୮୨୭ ମସିହା ଅକ୍ଟୋବର ୩୦ ତାରିଖ କାର୍ତୀକ ଶୁକ୍ଳ ଏକାଦଶୀ ମଙ୍ଗଳ ବାର ତୁଳା ୧୫ ଦିନ ହରଚଣ୍ଡୀ ବୁଢା ଭୀମସେନ ହଜୁରୀ ବଡ ଠାକୁରଙ୍କୁ ଚନ୍ଦନ ଲାଗି କରୁଥିବା ସମୟରେ ଘରେ ଜନ୍ମ ନେଲେ ହଜୁରୀ ଚନ୍ଦନ ଖୁଣ୍ଟିଆ। ଜଗନ୍ନାଥଙ୍କ ଚନ୍ଦନ ବେଶ ବେଳେ ଜନ୍ମ ହୋଇଥିବାରୁ ତାଙ୍କ ନାମ ଚନ୍ଦନ।

ଆନନ୍ଦ ବଜାର ରେ ସବୁଦିନ ମହାପ୍ରସାଦ ଚାଖୁଥିବାରୁ ଲୋକେ ଡାକିଲେ ଚାଖି, ତାଙ୍କ ପୂର୍ବ ପୁରୁଷଙ୍କୁ ପୁରୀ ରାଜା ହଜୁରୀ ଉପାଧି ପ୍ରଦାନ କରିଥିବାରୁ ତାଙ୍କୁ ହଜୁର୍ ବୋଲି ସମ୍ମାନ କରାଯାଉଥିଲା। ଚନ୍ଦନ ହଜୁରୀ ସଂସ୍କୃତ ନପଢି ହିନ୍ଦୀ ପଢିଲେ ଓ ହିନ୍ଦୀ ପଢିବାରେ ସମସ୍ତଙ୍କୁ ଟପିଗଲେ। ଭୀମସେନ ହଜୁରୀ ପ୍ରତି ବର୍ଷ ପଶ୍ଚିମା ଯାତ୍ରୀ ଆଣିବାକୁ ଯାଆନ୍ତି। ତାଙ୍କର ଅନେକ ଯାତ୍ରୀ ଉତର ପ୍ରଦେଶର ବିଠୁର ନାମକ ସ୍ଥାନରୁ ଆସିଥାନ୍ତି। ଭୀମସେନ ଥିଲେ ଝାନସୀ ରାଜ୍ୟ ଓ ପେଶୱାଙ୍କ ପୁରୀ ପଣ୍ଡା। ଚନ୍ଦନ ବାପାଙ୍କ ସାଙ୍ଗରେ ଅନେକ ସମୟ ବିଠୁର ଯାଉଥିଲେ। ସେଠାରେ ସେ ପେଶୱାଙ୍କ ଦେୱାନ ମୋରପନ୍ତଙ୍କ ଝିଅ ମନୁବାଈ (ଛବେଲୀ) ଓ ନାନାସାହେବଙ୍କ ସହ ଖଣ୍ଡା ଖେଳ ଓ ଘୋଡା ଚଢାରେ ଯୋଗଦେଉଥିଲେ। ଝାନ୍‌ସୀର ରାଜା ଗଙ୍ଗାଧର ରାଓଙ୍କର ପ୍ରଥମ ସ୍ତ୍ରୀ ର ଦେହାନ୍ତ ପରେ। ଭିମସେନ ଙ୍କ ମଧ୍ୟସ୍ଥିରେ ଗଙ୍ଗାଧର ମନୁବାଈକୁ ବିବାହ କରିଥିଲେ । ବିବାହ ପରେ ମନୁବାଈଙ୍କ ନାମ ହେଲା ଲକ୍ଷ୍ମୀବାଈ। ବେପାର କରୁ କରୁ ଗୋରା ବଣିକ ମାନେ ଭାରତ ବର୍ଷର ଶାସକ ହୋଇଗଲେ । ଏଇ ମହାନ୍ ସଂଗ୍ରାମ କଥା ଚନ୍ଦନ ହଜୁରିଙ୍କ ମନରେ କରିଥିଲା ଗଭୀର ରେଖାପାତ। ଲକ୍ଷ୍ମୀବାଈଙ୍କର ସ୍ୱାମୀ ଓ ପୁଅ ଦୁହେଁ ଜଣକ ପରେ ଜଣେ ମରିଗଲେ ରାଜ୍ୟ ଅରାଜକ ହୋଇଗଲା। ଇଂରେଜ ସରକାର ଝାନ୍‌ସୀ ଦଖଲ କରି ରାଣୀଙ୍କୁ ୫ହଜାର ଟଙ୍କା ଭତା ଦେଲେ।

ଏହି ବିପଦ ବେଳେ ରାଣୀ ଲକ୍ଷ୍ମୀବାଈ ପିଲାଦିନର ସାଙ୍ଗ ,ଭାଇ ଓ ଗୁରୁ ଚନ୍ଦନ ହଜୁରୀଙ୍କୁ ମନେ ପକାଇ ଚିଠିଟିଏ ଦେଲେ। ଚିଠି ପାଇ ଚନ୍ଦନ ନିଜ ସ୍ତ୍ରୀ ସୁନ୍ଦର ମଣୀ ଓ ଘରର ଦାୟତ୍ୱ ପାରୀନାନୀ ଙ୍କ ହାତରେ ଦେଇ ଝାନସୀ ଅଭିମୁଖେ ଯାତ୍ରା କଲେ । ପାରୀନାନୀ ସୁନ୍ଦର ମଣୀକୁ ବୁଝେଇ ଦେଲେ ଚନ୍ଦନ ହେଉଛି ଉତ୍କଳର ମଲ୍ଲ ସେ କେତେ କୁସ୍ତି କସରତରେ ଅନେକ ମଲ୍ଲଙ୍କୁ କଚାଡି ଦେଇଛି। ତେଣୁ ଚନ୍ଦନଙ୍କୁ ପଲଟଣ ପଣ୍ଡା ବା ତୀର୍ଥ ଗୁରୁଜୀ ବୋଲି ଲୋକେ ଡାକୁଥିଲେ। ଝାନ୍‌ସୀରେ ପହଞ୍ଚି ଚନ୍ଦନ ହଜୁରୀ ରାଣୀ ଙ୍କୁ ପରାମର୍ଶ ଦେଲେ, ନାନା ସାହେବ ଓ ତାନ୍ତିଆ ଟୋପେଙ୍କ ସିପାହୀ ମାନଙ୍କୁ ନେଇ ଇଂରେଜ ମାନଙ୍କ ସାଙ୍ଗରେ ଲଢିବେ। ସବୁ ଲୋକ ତାଙ୍କ କଥାରେ ମାତିଗଲେ। ଏହି ସମୟରେ ଚନ୍ଦନ ହଜୁରୀ ଏକ ଜନରବ ସୃଷ୍ଟି କରିବାର ଶୁଣାଯାଏ, ଇଂରେଜ ସରକାରଙ୍କ ଅଧିନରେ ଥିବା ସିପାହୀ ମାନଙ୍କୁ ବନ୍ଧୁକ ଫୁଟାଇଲା ବେଳେ ଯେଉଁ ଟୋଟାକୁ ଦାନ୍ତରେ କାମୁଡିବାକୁ ପଡୁଥିଲା , ତାହା ଉପରେ ଗୋରୁ ଓ ଘୁଷୁରି ର ଚର୍ବି ବୋଳା ଯାଉଛି। ସିପାହୀ ମାନେ ଧର୍ମ ଯିବା ଭୟରେ ବିଦ୍ରୋହ ଆରମ୍ଭ କରିଦେଲେ, ଏହାଥିଲା ୧୮୫୭ ମସିହା ସିପାହୀ ବିଦ୍ରୋହ। ଝାନ୍‌ସୀ ଦୁର୍ଗ ଇଂରେଜ ସେନାପତି ସ୍କିନ ଅଧିକାର କରିନେଲେ। ହଠାତ ଦିନେ ଝାନ୍‌ସୀ ରାଜ୍ୟର ହଜାର ହଜାର ଲୋକ ହାତରେ ହାତ ହତିଆର ଧରି ଝନ୍‌ସୀ ଦୁର୍ଗ ଉପରେ ଆକ୍ରମଣ କରିଦେଲେ। ଇଂରେଜ ସିପାହୀ ଓ ଗୋରା ସେନାପତି ସ୍କିନଙ୍କୁ ନାକେଦମ କରି ଦେଇ ଦୁର୍ଗ ଅଧିକାର କରି ନେଲେ। କିଛି ଦିନପରେ ଝାନ୍‌ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଈଙ୍କ ହାତ ମୁଠାକୁ ଆସିଲା। ଇଂରେଜ ସରକାର ହାର ମାନିଲେ। ଝାନ୍‌ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଈ ଅଧିକାର କରିବାର ଗୋଟିଏ ବର୍ଷ ପୁରି ଗଲା। ସାର୍‌ହିଉରୋଜ ଓ କଲିନ୍ କ୍ୟାମ୍ପବେଲ ନେତୃତ୍ୱରେ ଇଂରେଜ ସେନାବାହିନୀ ୧୮୫୮ ସାଲରେ ଝାନ୍‌ସୀ ଦୁର୍ଗ ଆକ୍ରମଣ କରିଥିଲେ। ଝାନ୍‌ସୀ ନଗରିରେ ଯୁଦ୍ଧର ନାଗରାବାଜି ଉଠିଲା।

ରାଣୀ ଲକ୍ଷ୍ମୀବାଈ ବୀର ପୋଷାକ ପିନ୍ଧି ଖଣ୍ଡା ଧରି ଯୁଦ୍ଧ ଭୂମିରେ ଠିଆହେଲେ। ଲକ୍ଷ୍ମୀବାଈ ତାଙ୍କର ୨ ଜଣ ପ୍ରଧାନ ସହଯୋଗି ରାମଚନ୍ଦ୍ର ଦେଶମୁଖ୍ ଖୋଦାବକ୍ସ ଓ ସେନାପତି ଗୋଲାମ ଚୌସ୍ , ଇଂରେଜ ସୈନ୍ୟବାହିନୀ ଉପରେ ଆକ୍ରମଣ କରିଦେଲେ। ସାର୍ ହିଉରୋଜ ଜଣେ ନାରୀ ର ରଣ କୌଶଳ ଦେଖି ଆଶ୍ଚର୍ଯ୍ୟ ହେଲେ। ଏତିକି ବେଳେ ଠାକୁର ଲାଲାଜି ବିଶ୍ୱାସ ଘାତକତା କରି ମୂଳ ଦୂର୍ଗ ଦୁଆର ଖୋଲିଦେଇ ଇଂରେଜ ସୈନ୍ୟ ମାନଙ୍କୁ ଦୁର୍ଗ ଭିତରକୁ ବାଟ ବତାଇଦେଲେ। ରାଣୀ ଲକ୍ଷ୍ମୀବାଈ ଓ ତାଙ୍କ ପୁଅ ଦାମୋଦର ଓ ଚନ୍ଦନ ହଜୁରୀ ଦୁର୍ଗ ଭିତରୁ ପଳାଇ ଗଲେ। ଏହି ଯୁଦ୍ଧରେ ସାହାଯ୍ୟ କରିବାକୁ ଆସୁଥିବା ତାନ୍ତିଆ ଟୋପେ ଓ ତାଙ୍କର ୨୦ହଜାର ସୈନ୍ୟ ବାଟରେ ଧରାପଡିଗଲେ। ସିନ୍ଧିଆ ଇଂରେଜକୁ ଡରି ସାହାଯ୍ୟ କଲେ ନାହିଁ। ଗୋୱାଲିଅର ପାଖାପାଖି ଏକ ନଦୀ କୂଳରେ ରାଣୀ ଲକ୍ଷ୍ମୀବାଈ ଗୋରା ବାହିନୀ ସଙ୍ଗେ ଯୁଦ୍ଧ କଲେ। ଝାନ୍‌ସୀ ରାଣୀ ଙ୍କ ଘୋଡା ପାଣି ଦେଖି ହଠାତ୍ ଅଟକିଗଲା। ରୋଜ୍ ସାହେବଙ୍କ ଗୁଳିରେ ରାଣୀଙ୍କ ଦେହରୁ ଝର ଝର ରକ୍ତ ନିଗିଡି ଗଲା।

ଚନ୍ଦନ ହଜୁରୀଙ୍କ ହାତରୁ ମହାପ୍ରସାଦ ପଣି ପାଇ, ସେହି ନଦୀ କୂଳରେ ପ୍ରାଣହରାଇଲେ। ଜଳନ୍ତା ଜୁଇରେ ଚିର ନିଦ୍ରା ରେ ଶୋଇଲେ ଭାରତର ବାଘୁଣୀ ଲକ୍ଷ୍ମୀବାଈ। ତାନ୍ତିଆ ଫାଶୀପାଇଲେ । ନିଖୋଜ ହେଲେ ନାନା ସାହେବ। ଚନ୍ଦନ ହଜୁରୀ ସାଧୁ ଗଙ୍ଗା ଦାସ ନାମରେ ଲୁଚି ଲୁଚି ବୁଲିଲେ। ବାହାଦୁର ଶାହଙ୍କୁ ଇଂରେଜ ମାନେ ବର୍ମାର ରେଙ୍ଗୁନ୍ ରେ ବନ୍ଦି କରି ରଖିଲେ। କାଲାକା ଙ୍କର ରାଜାଙ୍କ ନିକଟରେ ଚନ୍ଦନ ହଜୁରୀ ବହୁଦିନ ରହିଗଲେ। ଇଂରେଜ ପୋଲିସ ଚନ୍ଦନକୁ ଧରିବା ଲାଗି ଛାଇଭଳି ଜଗିରହିଲେ।

ଏଣେ ଚନ୍ଦନ ହଜୁରୀଙ୍କର ମୃତ୍ୟୁ ଖବର ଚାରିଆଡେ ପ୍ରଚାର ହୋଇଗଲା। ତାଙ୍କର ସ୍ତ୍ରୀ ସୁନ୍ଦର ମଣି ବିଧବା ହେଲେ। ଚନ୍ଦନ ହଜୁରୀ ଦେଢବର୍ଷ କାଳ ବଣ ଜଙ୍ଗଲ ଭିତରେ ବୁଲି ବୁଲି ୧୮୬୫ ମସିହା ରେ ନିଜର ଜନ୍ମ ଭୂମି ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ପରେତାଙ୍କୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କର ପାରି ନାନି ଥଟାରେ ଢଗ ବୋଲିଲେ –

"ନଈରେ ବାଳିଆ ଚହଟିଲା
କଜଳ ସିନ୍ଦୂର ନାଆ ଲୋ ରାଣ୍ଡ
ପୁଣି ଚାଖିଆ ଲେଉଟିଲା"।

ମଣିଷ ମାରିବା ଅପରାଧରେ ପୁରୀ ରେ ଚାଖି ଖୁଣ୍ଟିଆଙ୍କ ବିଚାର ଚାଲିଲା। କିଛି ପ୍ରମାଣ ମିଳିଲା ନାହିଁ ।

କୁଜଙ୍ଗ,ଜଗତ୍‌ସିଂହପୁର

ମୋ- ୯୯୩୭୬୯୧୪୭୫

# ବାରମାସୀ ଫଳ

**ଧ୍ରୁବ ଚରଣ ଘିବେଲା**

ଏବେ ବାରମାସୀ ଫୁଲ ଫଳ ଅନେକ ମିଳିଲାଣି । ସମୟ ଥିଲା କିଛି ଫୁଲ ଫଳ ଥିଲା ନିହାତି ଋତୁକାଳୀନ । ସେଇ ଋତୁ ବ୍ୟତୀତ ଅନ୍ୟ ଋତୁରେ ସେଇ ଫୁଲ ଫଳ ଦୁଷ୍ପ୍ରାପ୍ୟ ଥିଲା । ଖରାଦିନେ ମଲ୍ଲୀ ଫୁଟେ, ଆମ୍ବ ପାଚେ । ଶୀତଦିନେ ବାଡ଼ିବଗିଚାରେ ଗେଣ୍ଡୁ, ସେବତୀ, ଗୋଲାପ ଫୁଲ ଓଠରେ ହସ ଲଟକେ । ବାରମାସୀ ବଜାରରେ ଉପଲବ୍ଧ ହେଲାଣି ଗେଣ୍ଡୁ ଗୋଲାପ । ଏସବୁର ବାରମାସୀ ଚାଷ ଏସବୁକୁ ବାରମାସୀ କଲାଣି ।ଏ ଲେଖକର ଅନୁଭବ ରହିଛି, ଏବେ ଦକ୍ଷିଣ ଭାରତର ହୋଟେଲମାନଙ୍କରେ ଆମ୍ବ ଖଟା ଚଟଣି ପରଷା ଯାଉଛି । ରାମେଶ୍ୱରମ୍, କନ୍ୟାକୁମାରୀ, ଚେନ୍ନାଇ ଆଦି ସହରର ରାସ୍ତାଘାଟର ଜନଗହଳିପୂର୍ଣ୍ଣ ସ୍ଥାନରେ ଆମ୍ବକୁ ଛୋଟ ଛୋଟ ପିସ(ଖଣ୍ଡ) କରି ଛୋଟ ପ୍ଲାଷ୍ଟିକ ଗ୍ଲାସରେ ରଖି ଦଶ କୋଡ଼ିଏ ଟଙ୍କାରେ ବିକାଯାଉଛି । ସେମିତି ମିଳୁଛି ତରଭୁଜ, ସପୁରୀ ଓ କହିବାର ଉଦ୍ଦେଶ୍ୟ ଅନେକ ଫଳ ଆଜି ବାରମାସୀ ଉପଲବ୍ଧ ହେଇସାରିଲାଣି । ସବୁ ଋତୁରେ ଅନେକ ଫୁଲ ଫଳ ଆଦି ମିଳିଲାଣି । ତାପରେ ଗମନାଗମନର ବ୍ୟାପକ ସୁବିଧା ଆଜିର ଦିନରେ ରହିଥିବାରୁ ଗୋଟେ ଅଞ୍ଚଳର ଉତ୍ପାଦିତ ବଳକା ଫୁଲ ଫଳ ବିଭିନ୍ନ ଖାଦ୍ୟ ଦ୍ରବ୍ୟ ଅନ୍ୟ ଅଞ୍ଚଳକୁ ପଠାଯାଇପାରୁଛି । ଏହାଦ୍ୱାରା ସ୍ଥାନୀୟ ଅଭାବ ପୂରଣ ହୋଇପାରୁଛି । ଫଳ ଖାଇ ହେବ ନାହିଁ ସିନା ଏହାକୁ ଧରି ହୁଏ,ଦେଖାଇ ହୁଏ । ବର୍ତ୍ତମାନ ତ ପ୍ରଚାର ପ୍ରସାର ଯୁଗ ଓ ଆତ୍ମବିଜ୍ଞାପନର ଯୁଗ । ନିଜ ଆତ୍ମଜ୍ଞାପନ ପାଇଁ ଏ ଫଳ କାମରେ ଆସେ । ଏମିତି ଛୋଟ ଛୋଟ ପୁରସ୍କାର ଫଳକୁ ଦେଖାଇ ବଡ଼ ପୁରସ୍କାର ଫଳ ପାଇଁ ଆବେଦନ କରି ହୁଏ । ପୁଣି ପୁରସ୍କାର ଫଳ ଫଳକ ଆକାରେ ପ୍ରାପ୍ତ ହୁଏ । ତା' ସହିତ ମାନପତ୍ର ରୂପରେ ବି ମିଳେ । କେଉଁଠି ଖାଲି ଫଳକ ବା ମାନପତ୍ର ଦିଆଯାଏ ତ ଆଉ କେଉଁଠି ଦି'ଟା ଯାକ ପୁରସ୍କାର ଫଳ ସ୍ୱରୂପ ମିଳେ । ସାଧାରଣତଃ ପୁରସ୍କାର କହିଲେ କାଗଜର ମାନପତ୍ର ଖଣ୍ଡେ, ଆଉ ଗାମୁଛାଟିଏକୁ ବୁଝାଏ । ଏବେ ପୁଣି ଏତେ ସଂଖ୍ୟାରେ ସାହିତ୍ୟ ପୁରସ୍କାର ଏଠି ସେଠି ଦେଲେଣି ଯେ ଦାମୀ ପୁରସ୍କାର, ଦାମୀ ଗାମୁଛା ଦେବା ସମ୍ଭବ ନୁହେଁ । ହଁ, ହାତଗଣତି କେଇ ଜଣଙ୍କୁ ଯଦି ପୁରସ୍କାର ଦିଆଯାଆନ୍ତା, ତେବେ ପୁରସ୍କାରର ଉଭୟ ମାନ । ମର୍ଯ୍ୟାଦା ରୁହନ୍ତା । ୫୧,୭୧,୧୦୧ ଜଣଙ୍କୁ ପୁରସ୍କାର ଯେଉଁଠି ଦିଆଯାଏ, ସେଇଠି ପୁରସ୍କାରର ମାନ ଆଶା କରିବା ବୃଥା । ବହୁ ପ୍ରତିଭାଙ୍କୁ ପୁରସ୍କାର ଦେଇ ଅନୁଷ୍ଠାନ ଆହ୍ଲାଦିତ ହୁଏ, ଆଉ ପୁରସ୍କାର ହାତେଇଥିବା ପ୍ରତିଭା ବି କୃତାର୍ଥ ହୁଅନ୍ତି । କିଛି ପ୍ରଦତ୍ତ ପୁରସ୍କାର ମାନପତ୍ରରେ ପୁଣି ହାତଲେଖା ନାଆଁ ଥାଏ । ବାକି ବିଷୟବସ୍ତୁ ଥାଏ ସମସ୍ତଙ୍କ ପାଇଁ ସମାନ । ତହିଁରେ ବି ମାନପତ୍ର ଗୋଟାଳିଙ୍କ ଖୁସି କାଇଁରେ କଣ ? ସାରା ରାଜ୍ୟରେ ପୁରସ୍କାର ଏମିତି ବଣ୍ଟା ଚାଲିଛି । ପୁରସ୍କାର ବଣ୍ଟନର ବିକଳ ଚିତ୍ର ଏମିତି । ତା' ପଛରେ ବି ଗୋଡାଉଛନ୍ତି ଅନେକ । ପୁରସ୍କାରଟେ ପାଇଲେ ଯେମିତି ଏ ଜୀବନ ଧନ୍ୟ ହୋଇଯିବ ଓ ପୁରସ୍କାର ବିକାକିଣା କଥା ବି ଶୁଣାଯାଏ । ହେଲେ ପୁରସ୍କାରର ମାନ ଓ ମର୍ଯ୍ୟାଦା ପ୍ରତି ଟିକେ ଧ୍ୟାନ ଦିଆଯାଉ ଓ ନିଘା ରଖାଯାଉ । ପୁରସ୍କାର ପାଇଁ ଛତରଖିଆଙ୍କ ଭଳି ହେବା କବି ଲେଖକ ପାଇଁ ଶୋଭନୀୟ ନୁହେଁ । ସାହିତ୍ୟ ସଭାରେ ପୁରସ୍କାର ପାଇଁ କବି । ଲେଖକଙ୍କ ଗହଳି ଭୋଜିଖିଆର ଦୃଶ୍ୟ ତିଆରିଲାଣି ଓ କବିତା ପାଠରେ ପାଇଥିବା ପ୍ରମାଣପତ୍ରକୁ ମଧ୍ୟ ଫେସବୁକରେ ପୋଷ୍ଟ କରି ଦିଅନ୍ତି ନାଁ ବିକଳିଆ । କେଉଁଠି ପୁଣି କବିତା ପଢ଼ାଳି କବିଙ୍କୁ ପ୍ରମାଣପତ୍ରଟେ ଧରେଇ ଦେଇ ଉଦ୍ୟୋକ୍ତା ଯୁକ୍ତି ବାଢ଼ନ୍ତି ବିଶେଷ କିଛି ତ ଦେଇପାରୁନୁ, ପ୍ରମାଣପତ୍ରଟେ ତ ଦେଉଛୁ କବିତାପାଠର ଠୋସ ପ୍ରମାଣ ସ୍ୱରୂପ । ଧରାକରା କରି ପୁରସ୍କାର ଯିଏ ପାଏ, ସେ ଯେତେ ସ୍ୱଚ୍ଛ ପୁରସ୍କାର ପାଇଲେ ବି ତା' ପ୍ରତି ଅନେକଙ୍କ ସନ୍ଦେହ ରହେ । ବାପାମାଆଙ୍କୁ ଅଣଦେଖା କରି ନିର୍ଯ୍ୟାତନା ଦେଉଥିବା ଲେଖକ ନିଜ ସହଜ ପ୍ରତିଷ୍ଠା ପାଇଁ ପୁରସ୍କାର ପାଇବା ନିଶାରେ ରହିବା ଅସୁନ୍ଦର କଥା । ଯିଏ ଯେଉଁମାନେ ସାହିତ୍ୟର ସତ ସେବକ ସେମାନେ ସାହିତ୍ୟ ପୁରସ୍କାର ଫଳ ପାଇଲେ ସେଇ ପୁରସ୍କାରର ମାନ ମର୍ଯ୍ୟାଦା ଶୋଭାପାଏ ଓ ଦେଇଥୋଇ ପୁରସ୍କାର ଫଳ ପାଇବା ନିରର୍ଥକ ।

ବଉଦରାଜ, ଜି. ବୌଦ୍ଧ

ମୋ: ୯୪୩୭୪୭୮୪୬୬

## ତମ ପାଇଁ ଭଲ

**କୀର୍ତ୍ତନ ସାହୁ**




ତମ ପାଇଁ ଭଲ ମହାପୁରୁଷଙ୍କ
ବହି ବାଛି ବାଛି ପଢ଼ିବା
ଭଲ କଥା ଜାଣି ଭଲ କାମ କରି
ଜୀବନକୁ ନିଜେ ଗଢ଼ିବା ।

ତମ ପାଇଁ ଭଲ ସୁଷମ ଖାଦ୍ୟର
ତାଲିକା ଭଲକି ଜାଣିବା
ସେହି ଅନୁସାରେ ଖାଦ୍ୟ ତମେ ଖାଇ
ଦେହକୁ ସୁସ୍ଥହିଁ ମଣିବା ।

ତମ ପାଇଁ ଭଲ ଖେଳି ବୁଲି ସାରି
ବିଶ୍ରାମ ନିଶ୍ଚୟ ନେବାଟି
ଫଳ ଖାଇ ଅବା ଫଳ ଜୁସ ପିଇ
ଦେହ ପାଇଁ ଧ୍ୟାନ ଦେବାଟି ।

ତମ ପାଇଁ ଭଲ ସକ୍ରିୟ ରହିବା
ନିଜ କାମ ନିଜେ କରିରେ
ଦେଶ ହିତ ପାଇଁ ମନ ପ୍ରାଣ ଦେବା
କାମରେ ମମତା ଭରିରେ ।

ତମ ପାଇଁ ଭଲ ସୁସ୍ଥ ଚିନ୍ତାଧାରା
ରଖି ଥିବ ସଦା ମନରେ
ମଣିଷ ଜୀବନେ ସଚ୍ଚୋଟ ପଣିଆ
ଜାଣଟି ଅସଲ ଧନରେ ।

ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧

## ଆମ ବିଦ୍ୟାଳୟ

**ଚନ୍ଦନ କୁମାର ଦାସ**



ଆମ ବିଦ୍ୟାଳୟ ନୁହଁଇ କେବଳ
ପକ୍କା କାନ୍ଥର ଘର
ପବିତ୍ର ତା ଦେହ ପବିତ୍ର ତା ମାଟି
ନିଜଠୁଁ ବି ଅତି ନିଜର ।
ତା ଅଗଣା ଧୂଳି ମୁଣ୍ଡେ ଦେଲେ ବୋଲି
ମିଳିଯାଏ କୋଟି ପୁଣ୍ୟ
ତା ଆଶିଷ ବଳେ ମିଳେ ସବୁ ଯଶ
ଜୀବନକୁ କରେ ଧନ୍ୟ ।
ଗୁରୁଜୀ ଗୁରୁମା ସେ ପୁଣ୍ୟ ମନ୍ଦିରେ
ଆମର ବଡ ଦେବତା
ତାଙ୍କ କଥା ମାନି ଆଗକୁ ବଢ଼ିଲେ
ହୋଇବା ଜଗତଜିତା
ଅନ୍ଧ ଆଖି ମୋର ଖୋଲି ହୋଇଯାଏ
ଗୁରୁଙ୍କ ଆଲୁଅ ବଳେ
ହୃଦୟ ମନ୍ଦିରେ ଆମ ବିଦ୍ୟାଳୟ
ଦୀପଟିଏ ହୋଇ ଜଳେ ।
ଖାଲି ନୁହେଁ ସେଯେ ଇଟା କାନ୍ଥ ଘେରା
ମାତ୍ର ଗୋଟିଏ ଘର
ମଉନେ ମଉନେ ଶିଖାଏ ଜୀବନ
କେମିତି ହୁଏ ସୁନ୍ଦର ।
ଦୂରେ ଗଲେ ଯେତେ ତାର ସ୍ମୃତି ମୋତେ
ଡାକୁଥାଏ ହାତ ଠାରି
ମୋ କୁନି ରାଇଜ କରେ ଆଲୋକିତ
ସଦା ମାଆଟିଏ ପରି ।
ଭଲ ପାଠ ପଢି ରଖିବା ତା ଟେକ
ରଖିବା ଗୁରୁଙ୍କ ମାନ
ବିଦ୍ୟାଳୟ ତେବେ ହସିବ ଆମର
ହୋଇବ ତା ଜୟ ଗାନ
ସାଙ୍ଗ ସାଥି ଠାରୁ ଆପଣା ଜନଙ୍କୁ
ଦେଇଛି ସେ କେତେ ଭେଟି
ଥାଉ ପଛେ ସିଏ ଗାଆଁ ମଫସଲେ
ଜୀବନର ଆଦ୍ୟ ଷଠି ।

ଆରୁହାବୃତ୍ତି, ଭୋଗରାଇ
ବାଲେଶ୍ୱର,ମୋ-୮୧୧୪୩୪୫୯୮୮

## ମନରୁ ଲିଭଇ ନାହିଁ

**ମୋହନ କୁମାର ସ୍ୱାଇଁ**

ଗାଆଁ ମଝିଟାରେ ସଡ଼କ ଟି ଥିବ
କଡ଼େ କଡେ ଥିବ ନଈ
ଗାଆଁ ପଛ ପଟ ପୋଖରୀ ରେ ପୁଣି
ଫୁଟିଥିବ କେତେ କଇଁ ।

ସଡକର ଦୁଇ ପାଖେ ରହିଥିବ
ତାଳ ନଡ଼ିଆର ଗଛ
ସୁଲୁ ସୁଲୁ ବାଆ ବହି ଆସୁଥିବ
ମନ କରିବାକୁ ସ୍ୱଚ୍ଛ ।

ତୁଠ ପଥରରେ ଝିଅ ବୋହୂ ପିଲା
ଖୋଲି ଥିବେ ଗପ ପେଡ଼ି
ଡୁବ ମାରୁଥିବେ ଟିକି ପିଲାମାନେ
ପାଣିରେ ମୁହଁ କୁ ମାଡି ।

ବେଳେବେଳେ ଲାଗେ ସରଗ ଏଇଠି
ମାରିବା ଏଇଠି ଭଲ
ରାଜମହଲ ରେ ଘାଣ୍ଟି ହେବା ଠାରୁ
ଝୁମ୍ପୁଡ଼ି ଅମୂଲ ମୂଲ ।

ପେଟ ପଛେ ଜମା ପୁରୁ କି ନପୁରୁ
ସେ ମଜା ମିଳୁଛି କାହିଁ
ଯେତେ ଚେଷ୍ଟା କଲେ ସେ ସରଗ ସୁଖ
ମନରୁ ଲିଭଇ ନାହିଁ ।

ବେଣାପୁର କଣ୍ଟିଗଡ଼ିଆ ଯାଜପୁର

# ସଭିଏଁ ଆମର ଭଉଣୀ ଭାଇ

**ଅଧ୍ୟାପକ ରାଜେଶ୍ ରାୟ**

ସେଦିନ ଥାଏ ସରସ୍ୱତୀ ପୂଜା । ଦଶମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ମିଶି ସ୍କୁଲରେ ପୂଜା ଆୟୋଜନ କରିଥିଲେ । ପୂର୍ବଦିନ ସମସ୍ତେ ସାଥିହୋଇ ନାଲି , ନେଳି , ସବୁଜ , ହଳଦିଆ ରଙ୍ଗର ପତାକା , ଝାଲେରୀ, ଆମ୍ବପତ୍ର ଓ ଦେବଦାରୁ ଗଛର ଡାଳରେ ସ୍କୁଲକୁ ସୁନ୍ଦର ଭାବେ ସଜାଇଲେ । ପୂଜାଦିନ ସକାଳୁ ନୂଆ ଡ୍ରେସ୍ ପିନ୍ଧି ହାତରେ ଫୁଲ ଚାଙ୍ଗୁଡ଼ି, ନଡ଼ିଆ, କଦଳୀ, ଓ କାକୁଡ଼ି ଆଦି ଫଳକୁ ନେଇ ସମସ୍ତେ ସ୍କୁଲକୁ ଗଲେ । ପୂଜାରୀ ନନା ମଧ ଠିକ୍ ସମୟରେ ପହଞ୍ଚି ପୂଜାକାର୍ଯ୍ୟ ଆରମ୍ଭ କରିଦେଲେ । ପିଲାମାନେ ହତାଯୋଡ଼ି ମା ସରସ୍ୱତୀଙ୍କୁ ପ୍ରାର୍ଥନା କରୁଥିବା ସମୟରେ ଭିଡ଼ ଭିତରେ ବସିଥିବା ଦଶମ ଶ୍ରେଣୀର ଛାତ୍ର ଦିଲ୍ଲୀପ ହଠାତ୍ ଚିତ୍କାର କରି ଉଠିଲା ଏବଂ ପାଖରେ ଉପସ୍ଥିତ ଥିବା ପ୍ରଧାନ ଶିକ୍ଷକଙ୍କୁ କହିଲା ' ସାର୍ , ଦେଖନ୍ତୁ ରେହମାନ୍ ପୂଜାକୁ ଆସିଛି , ସେ ଗୋଟିଏ ଛୋଟ ଜାତିର ପିଲା । ସେ ପୂଜାରେ ରହିଲେ ସବୁ ମାରା ହେଇଯିବ । ତେଣୁ ତାକୁ ତୁରନ୍ତ ଏଠାରୁ ବିଦା କରନ୍ତୁ ' । କିଛି ଛାତ୍ରଛାତ୍ରୀ ମାନେ ଜୋରରେ ପାଟିକରି ଦିଲ୍ଲୀପକୁ ସମର୍ଥନ କଲେ । ଏ ସବୁ ଦେଖି ପ୍ରଧାନ ଶିକ୍ଷକ ଆଶ୍ଚର୍ଯ୍ୟ ହୋଇଯାଇଥାନ୍ତି ! ସେ ଅନ୍ୟକିଛି ବାଟ ନପାଇ ପ୍ରଥମେ ରେହମାନକୁ ନେଇ ଟିକେ ଦୂରରେ ବସାଇଲେ ଏବଂ ପାଟି କରୁଥିବା ପିଲାମାନଙ୍କୁ ବୁଝାସୁଝା କରି ପୂଜାକୁ ସୁରୁଖୁରୁରେ ସମ୍ପର୍ନ୍ନ କଲେ । ସରସ୍ୱତୀ ପୂଜାର ଦୁଇଦିନ ପରେ ସାଧାରଣତନ୍ତ୍ର ଦିବସ ଆସିଲା । ପିଲାମାନଙ୍କ ମନରୁ ଉଚ୍ଚ ନିଚ୍ଚ ଜାତିର ଭାବନାକୁ ଦୂର କରିବା ପାଇଁ ପ୍ରଧାନ ଶିକ୍ଷକ ଗୋଟିଏ ଉପାୟ ଚିନ୍ତାକରିଥିଲେ । ସେ ଦଶମ ଶ୍ରେଣୀ କକ୍ଷକୁ ଆସି ପିଲାମାନଙ୍କୁ କହିଲେ ତମେ ତମ ଜୀବନରେ କାହାକୁ ବେଶୀ ଭଲପାଅ ତାଙ୍କର ଗୋଟିଏ ତାଲିକା ପ୍ରସ୍ତୁତ କରି ଆଣିବ । ଯିଏ ସବୁଠୁ ଭଲ ଲେଖିଥିବ ତାକୁ ସାଧାରଣତନ୍ତ୍ର ଦିବସରେ ପୁରସ୍କାର ଦିଆଯିବ । ତା ପରେ ସମସ୍ତେ ଘରକୁ ଯାଇ ଖାତାରେ ଲେଖିବା ଆରମ୍ଭ କଲେ । ସାଧାରଣତନ୍ତ୍ର ଦିବସ ଦିନ ପତାକା ଉତ୍ତୋଳନ ସରିବା ପରେ ସଭାକାର୍ଯ୍ୟ ଆରମ୍ଭ ହେଲା । ପ୍ରଧାନଶିକ୍ଷକ ପୂର୍ବରୁ କହିଥିବା କଥା ଅନୁଯାୟୀ ଦଶମ ଶ୍ରେଣୀର ପିଲାମାନଙ୍କ ପାଖରୁ ଖାତା ଆଣି ଗୋଟିଏ ପରେ ଗୋଟିଏ ଖାତା ଦେଖିଲେ । ସେଥିରେ ସମସ୍ତେ ନିଜର ବାପା , ମାଆ, ଦାଦା ,



ଖୁଡ଼ି, ଅଜା, ଆଇ, ବଡ଼ବାପା, ବଡ଼ମାଆ, ଭାଇ ଓ ଭଉଣୀଙ୍କ ନାମ ଲେଖିଥିଲେ । କେତେଜଣ ପିଲା ନିଜର ପ୍ରିୟ ସାଙ୍ଗ ଓ ଠାକୁରଙ୍କ ନାମ ମଧ ଲେଖି ଆଣିଥିଲେ କିନ୍ତୁ ସେହି ଖାତା ମଧରୁ ଜଣଙ୍କ ଖାତାରେ ଲେଖାଥିଲା ' ମୁଁ ଭାରତର ସବୁ ଲୋକମାନଙ୍କୁ ଭଲପାଏ , ମୋ ପାଇଁ ସମସ୍ତେ ସମାନ, ସଭିଏଁ ମୋର ଭଉଣୀ ଭାଇ ' । ପ୍ରଧାନ ଶିକ୍ଷକ ପିଲାଟିର ଖାତାକୁ ଦେଖି ଖୁସି ହୋଇଗଲେ ଏବଂ ତାକୁ ମଞ୍ଚକୁ ଡାକିଲେ । ସେ ପିଲାଟି ଥିଲା ରେହମାନ୍ । ସମସ୍ତଙ୍କ ସାମ୍ନାରେ ପ୍ରଧାନଶିକ୍ଷକ ବୁଝାଇ କହିଲେ ଯେ ଯେଉଁ ରେହମାନ୍ କୁ ତୁମେ ଅଛୁଆଁ ଓ ଛୋଟ ଜାତି କହି ଘୃଣା କରୁଥିଲ ସେ ତମ ସମସ୍ତଙ୍କୁ ଭଲପାଏ । କାହାକୁ ମଧ ସେ ଛୋଟ ବଡ଼ ବୋଲି ଭାବେ ନାହିଁ । ତମେ ଜାଣିଛ ଆମ ଭାରତ ଯଦି ଆଜି ସ୍ୱାଧୀନତା ପାଇଛି ତେବେ ସବୁ ଲୋକଙ୍କ ଉଦ୍ୟମ ଯୋଗୁ । ଜାତି , ଧର୍ମ , ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ମିଳିମିଶି ଇଂରେଜଙ୍କ ବିରୁଦ୍ଧରେ ଲଢେଇ କରିଥିଲେ ବୋଲି ଆମେ ଆଜି ମୁକ୍ତ ଭାବେ ସାଧାରଣତନ୍ତ୍ର ଦିବସ ପାଳନ କରୁଛୁ । ଆମେ ଯଦି ଅନ୍ୟକୁ ଘୃଣା କରିବା ତେବେ ଆମ ଭିତରେ ଏକତା ଭାବ ରହିବ ନାହିଁ ଏବଂ ଭବିଷ୍ୟତରେ ଆମ ଦେଶ ପ୍ରତି ବିପଦ ଆସିଲେ ଆମେ ତାକୁ ମୁକାବିଲା କରିପାରିବା ନାହିଁ ତେଣୁ କେବଳ କଥାରେ ନୁହେଁ ବରଂ ଆମ ଭାବନାରେ ଏକତା ପ୍ରେମ ରହିବା ଦରକାର । ଆମେ ସମସ୍ତଙ୍କୁ ସମାନ ନଜରରେ ଦେଖିଲେ ଯାଇ ଆମ ଦେଶର ପ୍ରକୃତ ବିକାଶ ସମ୍ଭବ ହେବ । ଶିକ୍ଷକଙ୍କ କଥା ଶୁଣି ଦିଲ୍ଲୀପ ଓ ତା ସାଙ୍ଗ ମାନଙ୍କ ମୁଣ୍ଡ ତଳକୁ ନଇଁଗଲା ଏବଂ ସେମାନେ ହାତ ଯୋଡ଼ି ଭୁଲ ମାଗିଲେ । ଜୀବନରେ କେବେବି କାହାକୁ ଘୃଣା ନକରି ସମାନ ଦୃଷ୍ଟିରେ ଦେଖିବା ପାଇଁ ଶପଥ ନେଲେ । ତା ପରଦିନ ସମସ୍ତେ ମିଳିମିଶି ସ୍କୁଲରେ ପ୍ରତ୍ୟେକଟି କାର୍ଯ୍ୟକ୍ରମରେ ଭାଗନେଲେ ଏବଂ ଅନ୍ୟ ମାନଙ୍କୁ ମଧ ଏକ ହୋଇ ରହିବା ପାଇଁ ଉପଦେଶ ଦେଲେ ।

ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର, କୋରାପୁଟ
ମୋବାଇଲ୍ :- ୬୩୭୧୫୫୫୯୪୦

# ସ୍ୱାଧୀନ ହେବାର ସୁଖ

**ନଗେନ୍ଦ୍ର ନାଥ ପଟ୍ଟନାୟକ**

ଏକଦା ଭାରତବର୍ଷରେ ସମୁଦ୍ରଗୁପ୍ତ ନାମକ ଜେଣ ମହାପ୍ରତାପୀ ସମ୍ରାଟ ଥିଲେ; କିନ୍ତୁ ସେ ଚିନ୍ତାଦକରେ ଦିନରାତି ଘାରି ହେଉଥିଲେ । ଚିନ୍ତା ତାଙ୍କ ମୁଣ୍ଡକୁ ଖାଉଥିଲା । ଯଥାସାଧ ଚେଷ୍ଟା ସେତ୍ତ୍ୱ ସେ ଜମା ସେଥିରୁ ବର୍ତ୍ତିପାରୁ ନ ଥିଲେ । ଚିନ୍ତାକୁ କେମିତି ଚିନ୍ତନରେ ବଦଳାଇ ହେବ ସେ ନେଇ ଭାବି ହେଉଥିଲେ । ଦିନେ କଣ ଭାବିଲେ କେଜାଣି ଆଖିପିଛୁଳାକେ ସେ ଘୋର ଜଙ୍ଗଲ ଆଡକୁ ମୁହାଁଇଲେ । ରାଜା ତ ରଥରେ ବସିଥାନ୍ତି । ଠିକ୍ ଏ ସମୟରେ ଏକ ବଂଶୀସ୍ୱନର ମୂର୍ଚ୍ଛନା କୁଆଡୁ ଭାସିଆସି ତାଙ୍କ କାନେର ବାଜିବାକୁ ଲାଗିଲା । ବଂଶୀସ୍ୱର ଶୁଣିକରି ତଟସ୍ଥ ରାଜା ସାରଥୀଙ୍କୁ କହିଲେ: ରଥଟିର ଗତିକୁ ଟିକେ ଧୀମା କରିଦିଅ । ବଂଶୀସ୍ୱର ଯେଉଁ ଦିଗରୁ ଭାସି ଆସୁଥିଲା ସମ୍ରାଟ ସେଆଡ଼େ ଇସରା କେଲ ଆବାଜକୁ ଅନୁସରଣ କରିବାପାଇଁ । ଖେଣ୍ଡବାଟ ଟପିଗଲା ପେର ସମୁଦ୍ରଗୁ ପ୍ତ ଲକ୍ଷ୍ୟକେଲ,କୁଳୁକୁଳୁ ଗୀତଗାଇ ବହିଯାଉଥିବା ଝରଣା ପାଖେର ଥିବା ଝଙ୍କାଳିଆ ଗଛଗୁଡିକ ଉହାଡ଼େର ଜେଣ ବ୍ୟକ୍ତି ବେଶ୍ ଆରାମେର ବସି ବଂଶୀ ବାଦନ କରୁଛି । ଆଉ, ନିକଟସ୍ଥ ବିଲହୁଡାରେ ମଣ୍ଡପଲ ଛନ୍ଛନିଆ କଅଁଳ ଘାସ ଚରୁଛନ୍ତି । ସମ୍ରାଟ ନିଜି ଭିତରେ କୌତୁହଳକୁ ଚାପି ନ ରଖି ପଚାରିଲେ : 'ତୁମେ ଏତେ ଆନନ୍ଦ ବିଭୋର ହୋଇ ବଂଶୀ ବଜାଉଛ ଯେ ଯେମିତି ତୁମକୁ ଦେଶର ସାମ୍ରାଜ୍ୟ ମିଳିଯାଇଛି ।' ତରୁଣ ବଂଶୀବାଦକ ଜଣକ କହିଲା:ମହାଶୟ ! ଆପଣ ଆଶୀର୍ବାଦ କରନ୍ତୁ, ଭଗବାନ ମତେ ଯେମିତି ସାମ୍ରାଜ୍ୟ ନ ଦିଅନ୍ତୁ; କାରଣ ମୁଁ ଏବେ ବି ସମ୍ରାଟ । ସାମ୍ରାଜ୍ୟ ମିଳିଗଲେ କେହି ସମ୍ରାଟ ହୁଅନ୍ତି ନାହିଁ; ବରଂ ସେବକ ପାଲଟିଯାଆନ୍ତି ।



ତରୁଣଙ୍କ ତୁଣ୍ଡରୁ କଥା ପଦକ ଶୁଣିକରି ରାଜା ସ୍ତବ୍ଧ ଚକିତ ହୋଇଗଲେ । ସେ ସମୟରେ ତରୁଣ ଜଣକ କହିଲା: ପ୍ରକୃତ ସୁଖ କେବଳ ସ୍ୱାଧୀନତାରେ ଥାଏ । ବ୍ୟକ୍ତିଟିଏ ସିନା ଧନସମ୍ପଦରୁ ମୁକ୍ତ ନୁହେଁ; କିନ୍ତୁ ଭଗବାନଙ୍କୁ ଚିନ୍ତନ କରିବାରେ ସ୍ୱାଧୀନ । ସେ ସମୟରେ ସେ କୌଣସି ପ୍ରକାର ଚିନ୍ତାଦକରେ ଘାରି ହୋଇ ନଥାଏ । ଭଗବାନ ଭାସ୍କର ଯେଉଁ ସୁନେଲି କିରଣ ସମ୍ରାଟକୁ ଦେଇଛନ୍ତି, ମତେ ବି ତାହା ପ୍ରଦାନ କରିଛନ୍ତି । ଏଭଳି ସ୍ଥିତିରେ ମୋ ଆଉ ସମ୍ରାଟ ମଧ୍ୟେର କେବଳ ସମ୍ପତ୍ତିର ପ୍ରେଭଦ ରହିଛି । ବାକି ସବୁକିଛି ମୋ ଠାରେ ଅଛି । ଏକଥା ଶୁଣିସାରି ସମ୍ରାଟ ଯୁବକକୁ ନିଜର ପରିଚୟ ଦେଲେ । ଯୁବକ ଜଣକ ଏକଥା ଜାଣିବାକ୍ଷଣି ଆଚମ୍ବିତ ହୋଇଥିଲେ । କିନ୍ତୁ ରାଜାଙ୍କ ଚିନ୍ତାର ସମାଧାନ ହେଉଥିବାରୁ ସେ ତାଙ୍କୁ ଯଥାର୍ଥ ଭାବେ ସମ୍ମାନିତ କରି ବହୁମୂଲ୍ୟ ଉପଢ଼ୌକନ ଦେଇ ବିଦାୟ ଦେଇଥିଲେ ।

ଓସ୍କାର ସିଟି,
ଲକ୍ଷ୍ମୀସାଗର କେନାଲ ରୋଡ୍,
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ଶିଶୁ କବିତା

### ପାଦ ତଳେ ଥାଉ ମତି

**ସତ୍ୟବ୍ରତ ସାହୁ**



ତୁମେତ ଗଢ଼ିଛ ଏ ସାରା ଦୁନିଆ ପାହାଡ଼, ଜଙ୍ଗଲ ଭୁଇଁ,
ନଦୀ ଓ ଝରଣା, ସାଗର,ବରଷା ତୁମ ଗୁଣ ଯା'ନ୍ତି କହି ।
ତୁମରି ଆଦେଶେ ଦିନ ରାତି ହୁଏ
ରାତିରେ ଆକାଶେ ତାରା,
ଦିନରେ ସୂରୁଜ ରାତିରେ ଚନ୍ଦ୍ରମା ଢାଳନ୍ତି ଆଲୋକ ଧାରା ।
ତୁମରି ଆଜ୍ଞାରେ ଗଛେ ଫୁଲ ଫୁଟି ବିତରି ଦିଅଇ ବାସ,
ତୁମେତ ଗଢ଼ିଛ ଜଳ,ସ୍ଥଳ,ନଭ ତୁମେତ ଦେଇଛ ବାସ ।
ତୁମରି ଆଜ୍ଞାରେ ଋତୁ ବଦଳୁଛି ବହୁଛି ଶୀତଳ ବାଆ,
ଖରା, ବର୍ଷା,ଶୀତ,ଶରତ,ବସନ୍ତ ସବୁଠି ତୁମର ଛୁଆଁ ।
କୁନି ବୃକ୍ଷଟିରେ ସୁମଧୁର ଫଳ ତୁମେତ ଦେଇଛ ଭରି,
ସଭିଙ୍କ ପେଟକୁ ଦାନା ଯୋଗାଉଛ କପଟ ତିଳେ ନକରି ।
ପ୍ରାଣୀ ଜଗତରେ ଶ୍ରେଷ୍ଠ ପ୍ରାଣୀ କରି ଗଢ଼ିଛ ମାନବ ଜାତି,
ତୁମରି ପ୍ରସାଦୁ ଏ ଧରା ଧାମରେ ନାନା ପଶୁ, ପକ୍ଷୀ ସ୍ଥିତି ।
ବିନା ପାଉଣାରେ ଯୋଗାଉଛ ପ୍ରଭୁ
ଅନ୍ନ,ବସ୍ତ୍ର,ବାସସ୍ଥାନ,
ଦିଅ ଆଶୀର୍ବାଦ ତୁମ ପାଦତଳେ ମତି ଥାଉ ଚିରଦିନ ।
ତୁମେତ ଦେଇଛ ହସକାନ୍ଦ ପ୍ରଭୁ
ତୁମରି ହାତରେ ଭାଗ୍ୟ,
ତୁମେ ପିତାମାତା ଜଗତ କରତା
ସେହି ଆମ ସଉଭାଗ୍ୟ ।

ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ- ୯୩୩୮୧୬୫୬୧୯

## ଯେତେ ଜଗତ ଶିଶୁ

**ଦଶରଥ ମାଝୀ**



ମାଆ କୋଳରେ ଦିଶେ ସୁନ୍ଦର
ତାର କୋମଳ ଦେହେ
ସେ ଫୁଲ କଢି ସଭିଙ୍କଠାରେ
ଆମ ମନକୁ ମୋହେ (୧)
ଦେବତା ତୁଲ୍ୟ ଆଜିର ଶିଶୁ
ଛନ୍ଦମନ୍ଦଟି ନାହିଁ
ସରଳ ମନ କଥା ଭାଷାରେ
ସଭିଙ୍କୁ ଥାଏ ଚାହିଁ (୨)
ହିଂସା କପଟ ଦୂରେ ରଖିବା
ଧରଣୀ ମାଆ କୋଳେ
ଦେଶମାତୃକା ସେବା କରିବ
ଗଢିଲେ ତାକୁ ଭଲେ (୩)
ସ୍ନେହଶ୍ରଦ୍ଧାରେ ପାଳିବା ତାକୁ
ଦେବାନି କିଛି ବାଧା
ଶିଶୁ ପାଇଁତ ସୁନା ଦୁନିଆ
ହସୁ ଉଠୁରେ ସଦା (୪)
ଭଲ ଭାବରେ ପାଠ ପଢିବ
ଯେତେ ଜଗତ ଶିଶୁ
ବୁଦ୍ଧିଜ୍ଞାନର ବିକାଶ ହୋଇ
ଫୁଲଟି ପରି ବାସୁ (୫)

କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ :୮୨୪୯୨୧୨୪୭୨

# ୨୩ତମ ବଲାଙ୍ଗିର ଲୋକ ଉତ୍ସବ

ବଲାଙ୍ଗିର (ପିପିଏସ): ୨୩ତମ ବଲାଙ୍ଗିର ଲୋକଉତ୍ସବର ମୁଖ୍ୟ ସମାରୋହ କୋଶଳ କଳାମଣ୍ଡପରେ ଉଦ୍‌ଘାଟିତ ହୋଇଛି । ସକାଳେ ମଞ୍ଚ ପୂଜା ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ପରେ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ସହର ପରିକ୍ରମା କରି ମାଁ ସମଲେଇ, ମାଁ ପାଟଣେଶ୍ୱରୀ, ମାଁ ଦୂର୍ଗାଙ୍କ ଦର୍ଶନ କରିଥିଲା ଶୋଭାଯାତ୍ରା । ତେବେ ଜିଲ୍ଲାର ଦୁଲଦୁଲି, ସଂର୍କିତନ, କଳାହାଣ୍ଡିର କଟପାଙ୍କ ଦଳ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ସହର ପରିକ୍ରମା କରିଥିଲା । ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଗୌରତ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ସଭାପତିତ୍ୱରେ ଆୟୋଜିତ ଲୋକଉତ୍ସବର ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ରାଜ୍ୟସଭା ସାଂସଦ ଶ୍ରୀ ନିରଞ୍ଜନ ବିଶି ଉପସ୍ଥିତି ରହି ଦୀପ ପ୍ରଜ୍ୱଳନ ପୂର୍ବକ ଲୋକଉତ୍ସବର ଶୁଭ ଉଦ୍ଘାଟନ କରିଥିଲେ । ମୁଖ୍ୟ ଅତିଥି ନିଜ ଅଭିଭାଷଣରେ କହିଥିଲେ, ଆମ ବଲାଙ୍ଗିର ବୀରଙ୍କ ମାଟି, ଏଠାକାର ଐତିହ ଯେପରି ଅନନ୍ୟ ଆମ କଳାସଂସ୍କୃତି ମଧ୍ୟ ଅନନ୍ୟ । ଲୋକଉତ୍ସବ ଏହି ଭିନ୍ନ ପରିଚୟକୁ ବଜାୟ ରଖିଛି । ଲୋକଉତ୍ସବ ଦ୍ୱାରା ଜିଲ୍ଲା ଓ ଜିଲ୍ଲାବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ହେଉଛି । ଲୋକଙ୍କ ଅର୍ଥନୀତି ବଢୁଛି, କଳାକାରଙ୍କ ପ୍ରତିଭାକୁ ଉତ୍ସାହ ମିଳୁଛି । ସମ୍ମାନିତ ଅତିଥି ଭାବେ, ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜି ମଞ୍ଚାସୀନ ଥିଲେ । ଅନ୍ୟ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ସାଂସ୍କୃତିକ କମିଟିର ସହ ଅଧ୍ୟକ୍ଷ ଗୋପାଳ ପଧାନ ଓ ସହ ଅଧ୍ୟକ୍ଷା ସଙ୍ଗୀତା ଦାସ, ସ୍ମରଣିକା କମିଟିର ସହ ଅଧ୍ୟକ୍ଷ ମହେନ୍ଦ୍ର ଦର୍ଜି, ସହ ଅଧ୍ୟକ୍ଷ ସନ୍ଦୀପ କୁଅଁାର, ଅତିଥି କଳାକାର ଈଶ୍ୱର ଚନ୍ଦ୍ର ଖମାରୀ, ସମ୍ବର୍ଦ୍ଧିତ କଳାକାର ଗୋଲାପ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଲୋକଉତ୍ସବ ଓ କୋଶଳ କଳା ମଣ୍ଡଳର ମୁଖପତ୍ର ଚତୁରଙ୍ଗ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି । ଏହାସହ ବରିଷ୍ଠ କଳାକାର ଗୋଲାପ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମିଶ୍ର ସ୍ୱାଗତ ସମ୍ଭାଷଣ ସହ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସନ୍ଦୀପ କୁଅଁାର ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗୋପାଳ ପଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ । ଗୁଜୁରାଟରୁ ସିଦ୍ଧି ଧମାଲ, ବିହୁ ନୃତ୍ୟ-ଆସାମ, ଭାଙ୍ଗଡା-ପଞ୍ଜାବ, କଳାଧାମ-ବଲାଙ୍ଗିର, ଯୋଡ଼ିଶଙ୍ଖ-ଗଞ୍ଜାମ, ଖୁସି ଡ୍ୟାନ୍ସ ଏକାଡେମୀ, ସାଇ ସ୍ୱର୍ଣ୍ଣ କଳା ପରିଷଦ, କୁରେଫୁଲ କଳା ପରିଷଦ, କ୍ଲାସିକ ଡାନ୍ସ ଏକାଡେମୀ-ଟିଟଲାଗଡ଼, ଚିନି ଚମ୍ପା କଳାପରିଷଦ- ପାଟଣାଗଡ଼ ଆଦି ସାଂସ୍କୃତିକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ପ୍ରଥମ ସନ୍ଧ୍ୟାରେ, କଳା ସଂସ୍କୃତିର ଏହି ମହାମିଳନ ଲୋକଉତ୍ସବକୁ ଖୁବ୍ ଆନନ୍ଦ ସହ ଉପଭୋଗ କରିଥିଲେ ବଲାଙ୍ଗିର ସହରର ଜନସାଧାରଣ ।

# ‘ବନ୍ଦେ ମାତରମ’ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ

କେନ୍ଦୁଝର: ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା କ୍ଲଷ୍ଟର ସି ଆର ସି ସି ଲିପଟନ ସାହୁ ଙ୍କ ଅଧ୍ୟକ୍ଷତା ରେ ତୁରୁମୁଙ୍ଗା, ମୁରୁସୁଆଁ, ବୁଢ଼ି କପୁଡି ବାଉଁସୁଳି, ପକ୍ଷ ରୁ ବନ୍ଦେ ମାତରମ ର ୧୫୦ ତମ ପୂର୍ତ୍ତି ଅବସରରେ ସାମୁହିକ ଗାନ, ପୁରସ୍କାର ଉତ୍ସବ ଦଧିବାମନ ଉଚ୍ଚ ବିଦ୍ୟାଳୟ ରେ ତୁରୁମୁଙ୍ଗା ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ନାଏକ, ଦ୍ୱୀପପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ତୁରୁମୁଙ୍ଗା ସରପଂଚ ସୁରେଖା ନାଏ କ, ପାଟଣା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ କୁମାର ରାୟ ଦଧିବାମନ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମହାନ୍ତ ଯୋଗ ଦେଇଥିଲେ । ଅନ୍ୟ ତିନି କ୍ଲଷ୍ଟର ସିଆରସି ସି ଜ୍ୟୋତିରଞ୍ଜନ ସେଠି, ନାରାୟଣ ପାତ୍ର, କ୍ଷିତିଶ କୁମାର ଦିକ୍ଷତ ଏବଂ ସମସ୍ତ ବିଦ୍ୟାଳୟ ର ଗାଇଡ଼ ଶିକ୍ଷକ/ ଶିକ୍ଷୟିତ୍ରୀ ୧୬୫ ଜଣ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ସଚ୍ଚିଦାନନ୍ଦ ମହାକୁଡ଼ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଏବଂ ଶିକ୍ଷକ ରମେଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବିଭିନ୍ନବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ନକୁଳ ଚନ୍ଦ୍ର ପାତ୍ର, ସସ୍ମିତା ଲେଙ୍କା, ବିର ଂଚି ନାରାୟଣ ସାହୁ, ମାନସ ରଞ୍ଜନ ସାହୁ ତନୁଜା ଦେହୁରୀ, ସନ୍ତୋଷ କୁମାର ମହାନ୍ତ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ରେ ୧୬୫ ଜଣ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ଏବଂ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

# ଗ୍ରାମାଞ୍ଚଳରେ ପାନୀୟଜଳ ବ୍ୟବସ୍ଥା ସୁଦୃଢ଼ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ସମ୍ବଲପୁର: ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଧନକଉଡା ବ୍ଲକ ଗସ୍ତ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପରିଦର୍ଶନ କରିବା ସହିତ ଚାଷୀମାନଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ପରେ କାଳାମାଟି ଗ୍ରାମର ଡ୍ରାଗନ ଫଳ(କମଳମ) ଚାଷ, ଗୋଡଭଗା +୩ କଲେଜ, ବସନ୍ତପୁର ଗ୍ରାମ ପଂଚାୟତ ର ସାହଜବାହାଲ ଗ୍ରାମର ଟେରାକୋଟା କଳାକୃତି କର୍ମଶାଳା ପରିଦର୍ଶନ, ଆୟୁଷ ଆରୋଗ୍ୟ କେନ୍ଦ୍ର ପ୍ରଭୃତି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକୁ ସମୀକ୍ଷା କରିଥିଲେ । ଜିଲ୍ଲାପାଳ ଡ୍ରାଗନ ଫଳ ଚାଷକୁ ପ୍ରୋତ୍ସାହିତ କରିବାକୁ କ୍ଲଷ୍ଟର ଆଧାରିତ ପ୍ରଣାଳୀ ଗଠନ ଏବଂ କୃଷି ପର୍ଯ୍ୟଟନ ଉନ୍ନତି ପାଇଁ ପରାମର୍ଶ ଦେଇଛନ୍ତି । ଜିଲ୍ଲାପାଳ ଓଡ଼ିଶା ଜୀବିକା ମିସନ୍ (ଓଏଲମ) ଏବଂ ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସୋସାଇଟି (ଓରମାସ) କୁ ଏହି ଉଦ୍ୟମରେ ସଂଯୁକ୍ତ ଭାବେ କାର୍ଯ୍ୟ କରିପାରିବେ ବୋଲି କହିଥିଲେ । ଗୋଡଭଗା +୩ କଲେଜର ବିକାଶମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳ ଟେରାକୋଟା କଳାକୃତି ଘର ପରିଦର୍ଶନ କରି ସ୍ଥାନୀୟ କାରିଗର ମାନଙ୍କର ଉନ୍ନତ ପ୍ରଶିକ୍ଷଣ ସୁବିଧା ପାଇଁ ପ୍ରସ୍ତାବ ଦେଇଛନ୍ତି ଏବଂ ଗ୍ରାମରେ ସମସ୍ତ ସୁବିଧା ଯୋଗାଇଦେବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଧନକଉଡ଼ା ବ୍ଲକ ଉନ୍ନୟନ ଅଧିକାରୀ କୁ ଗ୍ରାମରେ ମୌଳିକ ସୁବିଧା ଯୋଗାଇଦେବା, ବିଶେଷକରି ସୁଦୃଢ଼ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ନୂଆଦିଲ୍ଲୀରେ ଦୁଲୁକିବ କଳାହାଣ୍ଡିର ଘୁମୁରା, ବଜାଶାଲ



ଭବାନୀପାଟଣା: ବନ୍ଦେ ମାତରମ୍ ଗୀତର ୧୫୦ ବର୍ଷ ପୂର୍ତ୍ତି ସମାରୋହ ଉପଲକ୍ଷେ ନୂଆଦିଲ୍ଲୀ ରାଜପଥରେ ଆସନ୍ତା ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ କଳାହାଣ୍ଡିର ଘୁମୁରା ଓ ବଜାଶାଲ ଦୁଲିକିବ । ଭାରତର ପ୍ରତ୍ୟେକ ରାଜ୍ୟର ୨୫ଶହ କଳାକାରଙ୍କୁ ନେଇ ଲୋକନୃତ୍ୟ ଓ ଶାସ୍ତ୍ରୀୟ ନୃତ୍ୟ ମଧ୍ୟରେ କଳାହାଣ୍ଡିର ଘୁମୁରା ଓ ବଜାଶାଲ ସ୍ଥାନ ପାଇଛି । ଏହି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ପ୍ରତିଭା ଅନୁଷ୍ଠାନର ୩୫ ଜଣ କଳାକାର ସ୍ଥାନ ପାଇଛନ୍ତି । ଏ ନେଇ ସୂଚନା ଦେଇଛନ୍ତି ପ୍ରତିଭାର ସଭାପତି ଧାନାନନ୍ଦ ପଣ୍ଡା । ଏହି ଖବର ପ୍ରଚାରିତ ହେବା ପରେ ଜିଲାବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି ।

# ଫୁପୁଗାଁରେ ଧାନମଣ୍ଡି ଦାବି ପ୍ରଶାସନର ଦ୍ୱାରସ୍ଥ ଚାଷୀ

ଜୟପୁର: ଫୁପୁଗାଁରେ ଧାନମଣ୍ଡି ଖୋଲିବାକୁ ଜୟପୁର ଉପଜିଲ୍ଲାପାଳଙ୍କ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି ଚାଷୀ । ଏନେଇ ଜୟପୁର ଉପଜିଲ୍ଲାପାଳ ଆକା ବରମ ଶଶ୍ୟା ରେଡ୍ଡିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ କୋଟପାଡ ବ୍ଲକ ଅନ୍ତର୍ଗତ ବୋବେୟା ଗ୍ରାମ ପଞ୍ଚାୟତର ଫୁପୁଗାଁ ,ଏକୋମ୍ବା, ଭାଜିଗୁଡା ଓ ମିଚିୟା ଗ୍ରାମର ଚାଷୀମାନେ ଲିଖିତ ଜଣାଇଛନ୍ତି ଯେ ବୋବେୟା ଠାରେ ଧାନ ମଣ୍ଡି ଅଛି କିନ୍ତୁ ଚାଷୀ ମାନେ ନିଜର ଧାନ ପଞ୍ଜିକରଣ ନିମନ୍ତେ ସେଠାକୁ ଯାଇ ବହୁତ ହଇରାଣ ହରକତ ହେଉଛନ୍ତି । ଉକ୍ତ ମଣ୍ଡିରେ ୬୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ରେଜିଷ୍ଟ୍ରେସନ କରି ଧାନ ଆଣୁଛନ୍ତି । ଉପଯୁକ୍ତ ସ୍ଥାନର ଅଭାବ ସହ ଗୋଦାମ ଗୃହ ମଧ୍ୟ ନାହିଁ । ତେଣୁ ଧାନ ରଖିବା ଓ ଚାଷୀ ମାନେ ଧାନ ଆଣିବା ନିମନ୍ତେ ଦୁର ଦୁରାନ୍ତରୁ ଆସି ବହୁତ ହଇରାଣ ହରକତ ହେଉଛନ୍ତି । ଗୋଟିଏ ଜାଗାରେ ବହୁତ ଧାନ ଆସୁଥିବାରୁ ନିକଟସ୍ଥ ଗାଁ ଫୁପୁଗାଁ ଠାରେ ମୁତନ ଭାବେ ମଣ୍ଡି କରାଗଲେ ଚାଷୀମାନେ ଉପକୃତ ହୋଇ ପାରିବେ ବୋଲି କୃଷକ କଲ୍ୟାଣ ମଞ୍ଚର ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନଙ୍କ ସହ ଚାଷୀ ମାନେ ଦାବି କରିଛନ୍ତି ।

# ସରକାରୀ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି: ନାରୀ ସମ୍ମାନ ଆଉ ସୁରକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କ ବିହୀତ ପଦକ୍ଷେପର ସମର୍ଥନ ସ୍ୱରୂପ ସରକାରୀ ସ୍ନାତକ ମହାବିଦ୍ୟାଳୟ ଚିତ୍ରକୋଣ୍ଡାରେ ଏକ ସଚେତନ ଧର୍ମୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ. ଚିନ୍ମୟ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଏକଦିବସୀୟ କର୍ମଶାଳାରେ ନାରୀସୁରକ୍ଷା ବାବଦରେ, ଛାତ୍ରୀମାନଙ୍କ ପ୍ରତି ଅସଦାଚରଣ ବିରୁଦ୍ଧରେ ଏବଂ ମହିଳାମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ଦିଗରେ ବିଶଦ ଆଲୋଚନା କରାଯାଇଥିଲା । ଏହି ସଚେତନ ଧର୍ମୀ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା,କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀମାନେ ଯୌନ ନିର୍ଯାତନା ମୁକ୍ତ ଏକ ସୁରକ୍ଷିତ ସମ୍ମାନଜନକ ଶିକ୍ଷାନୁଷ୍ଠାନ ଏବଂ ଶିକ୍ଷଣ ପରିବେଶ ସୃଷ୍ଟି କରିବାର ଶପଥ ଗ୍ରହଣ କରିଥିଲେ । ଏହି କର୍ମଶାଳାରେ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ତଥା ଶକ୍ତି-ଶ୍ରୀ ଆପ୍, ୧୮୧ ହେଲ୍ପଲାଇନ୍ ନମ୍ବର୍ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହା ସହ ସେପରି କିଛି ସମ୍ଭାବ୍ୟ ପରିସ୍ଥିତିରୁ କିପରି ମୁକୁଳି ହେବ ସେଥି ପ୍ରତି ସତର୍କ ରହିବାକୁ ବିଭିନ୍ନ ଯୋଜନା ସମ୍ବନ୍ଧରେ ଅଧ୍ୟକ୍ଷ ,ଅଧ୍ୟାପକ ଓ ଅଧ୍ୟାପିକାମାନେ ବିଶେଷ ଆଲୋକପାତ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଅଭ୍ୟନ୍ତରୀଣ ଅଭିଯୋଗ ସମିତି ସଦସ୍ୟମାନଙ୍କ ପରିଚୟ ପ୍ରଦାନ କରାଯାଇଥିଲା । ସଦସ୍ୟମାନେ ନିଜ ନିଜ ଭୂମିକା ବିଷୟରେ ସୁନ୍ଦର ଭାବରେ ବୁଝାଇବା ସହ ଛାତ୍ରଛାତ୍ରୀମାନେ ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ କିପରି ସଚେତନ କରାଇପାରିବେ ସେ ସମ୍ବନ୍ଧରେ କହିଥିଲେ ।

# ଚାକିରି ଓ ରାଜନୀତି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ ହେବା ଉଚିତ୍

ମାଲକାନଗିରି, (ହି.ସ.): ଅର୍ଥନୈତିକ କ୍ଷେତ୍ରରେ ପଛୁଆ ଲୋକଙ୍କୁ ହିଁ ସଂରକ୍ଷଣ ମିଳିବା ଉଚିତ ତାହାବି ଅଧ୍ୟୟନ କ୍ଷେତ୍ରରେ ସରକାରୀ ଚାକିରୀ ଓ ରାଜନୈତିକ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ ଉଚ୍ଛେଦ ହେବା ଉଚିତ ବୋଲି ମତ ପ୍ରକାଶ କରିଛନ୍ତି ମାଲକାନଗିରିର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଅରବିନ୍ଦ ଢ଼ାଲି । ସଂରକ୍ଷଣ ବ୍ୟବସ୍ଥା ଆଧାରରେ ଅନୁସୂଚୀତ ଜାତି ଜନଜାତି ବର୍ଗର ଲୋକେ ବହୁ ପଦସ୍ତ ଅଧିକାରୀ ହୋଇପାରିଛନ୍ତି । ଏପରିକି ଭାରତୀୟ ପ୍ରଶାସନିକ ଓ ଓଡ଼ିଶା ପ୍ରଶାସନିକ ସେବାରେ ଅବସ୍ଥାପିତ ହୋଇପାରିଛନ୍ତି । ଯାହା ଫଳରେ ସାଧାରଣ ବର୍ଗର ଲୋକେ ଯୋଗ୍ୟତା ଥାଇବି ଏଥିରୁ ବଞ୍ଚିତ ହେଉଛନ୍ତି । ଅନ୍ୟ ପକ୍ଷରେ ସଂରକ୍ଷଣ ବ୍ୟବସ୍ଥାରେ ଗୋଟିଏ ପୀଢ଼ି ପଛୁଆ ଉଚ୍ଚ ପଦ ପଦବୀରେ ଅବସ୍ଥାପିତ ହେବା ପରେ ତା' ପରବର୍ତ୍ତୀ ପୀଢ଼ିକୁ ଆଉ ସଂରକ୍ଷଣ ବ୍ୟବସ୍ଥା ସୁବିଧା ମିଳିବା ଉଚିତ ନୁହେଁ ବୋଲି କହିଛନ୍ତି ଶ୍ରୀ ଢ଼ାଲି । ଏନେଇ କେନ୍ଦ୍ର ଓ ରାଜ୍ୟ ସରକାର ଏକ ସର୍ଭେ କରି ଆର୍ଥିକ କ୍ଷେତ୍ରରେ ପଛୁଆ ଥିବା ପ୍ରକୃତ ଲୋକଙ୍କୁ ଚିହ୍ନଟ କରି ସେମାନଙ୍କ ପିଲା ମାନଙ୍କୁ ଶିକ୍ଷା କ୍ଷେତ୍ରରେ ବିଶେଷ ସହାୟତା କରିବାକୁ ସରକାରଙ୍କୁ ଅପିଲ କରିଛନ୍ତି । ସଂରକ୍ଷଣ ବ୍ୟବସ୍ଥା ରହିବା ଦ୍ୱାରା ଭେଦଭାବ ବଢ଼ିବାରେ ଲାଗିଛି । ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ ହେଲେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ବଢିବା ସହ ଶିକ୍ଷା କ୍ଷେତ୍ର ପାଇଁ ଏହା ବେଶ୍ ଅନୁକୂଳ ବାତାବରଣ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଛନ୍ତି ପୂର୍ବତନ ମନ୍ତ୍ରୀ ଶ୍ରୀ ଢ଼ାଲି ।

# ଛାତ୍ରଙ୍କ ମୃତଦେହ ଉଦ୍ଧାର

ସମ୍ବଲପୁର, (ହି.ସ.) ସମ୍ବଲପୁର ବିଶ୍ୱବିଦ୍ୟାଳୟର (ଏସୟୁ) ବ୍ରହ୍ମପୁତ୍ର ଛାତ୍ରାବାସର ୫୨ ନମ୍ବର କୋଠରୀରୁ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା । ମୃତକ ଜଣକ ସୁନ୍ଦରଗଡ଼ ଜିଲା କୁତ୍ରାର ସୁରଜ କୁଜୁର(୨୨) ସେ ସ୍ନାତକୋତ୍ତର ଅର୍ଥନୀତି ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ଥିଲେ ବୋଲି ଜଣାପଡିଛି । ସେ ଗତକାଲି ସନ୍ଧ୍ୟାରେ ନିଜ କଠୋରୀରୁ ଆଦୌ ବାହାରି ନଥିବାରୁ ତାଙ୍କର କିଛି ସହପାଠୀ ଛାତ୍ରାବସକୁ ଯାଇ ତାଙ୍କ କଠୋରୀ ଭିତରୁ ବନ୍ଦଥିବା ଦେଖି କବାଟ ବାଡ଼େଇ ଡାକିଥିଲେ । ହେଲେ ଭିତରୁ କୌଣସି ଉତ୍ତର ନମିଳିବାରୁ ସହପାଠୀମାନେ କଠୋରୀର ସ୍କାଲାଇଟ ଫାଙ୍କରୁ ସୁରଜଙ୍କ ଶରୀର ପଙ୍ଖାରେ ଝୁଲୁଥିବା ଦେଖିଥିଲେ । ସଙ୍ଗେସଙ୍ଗେ ସହପାଠୀ ମାନେ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଖବର କରିଥିଲେ । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଅଭିଯୋଗ ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଛାତ୍ରାବାସ କୋଠରୀର କବାଟ ଭାଙ୍ଗି ସୁରଜଙ୍କ ଶବକୁ ଜବତ କରିଥିଲା । ଏହାସହ ସୁରଜଙ୍କ ପରିବାରକୁ ଖବର ଦେଇ ଶବକୁ ଭିମସାରକୁ ପଠାଇଥିଲା । ତାଙ୍କ ପରିବାର ପହଞ୍ଚିଲା ପରେ ବୁଧବାର ତାଙ୍କ ଶବ ବ୍ୟବଚ୍ଛେଦ ହୋଇଛି । ଆତ୍ମହତ୍ୟାର କାରଣ ଅଦ୍ୟାବଧି ଜଣା ପଡ଼ିନାହିଁ । ତେବେ ଛାତ୍ର ଜଣକ ନିଜ କୋଠରୀରେ ଏକାକୀ ରହୁଥିବା ବେଳେ କିଛିଦିନ ହେଲା ସେ ସମ୍ପର୍ଣ୍ଣ ନୀରବ ଓ ସହପାଠୀଙ୍କ ସହ ମଧ୍ୟ ବିଶେଷ କଥାବର୍ତ୍ତା କରୁନଥିଲେ । ତେବେ ବ୍ୟବଛେଦ ରିପୋର୍ଟ ମିଳିବା ପରେ ଆତ୍ମହତ୍ୟାର କାରଣ ଜଣାପଡ଼ିବ ବୋଲି ବୁର୍ଲା ଥାନା ପୋଲିସ କହିଛି ।

# ସରକାରୀ ଉଚ୍ଚ ବିଦ୍ୟାଳୟର ୪୮ତମ ବାର୍ଷିକ କ୍ରୀଡା ଉତ୍ସବ

ଜୟପୁର: ସରକାରୀ ଉଚ୍ଚ ବିଦ୍ୟାଳୟ କୋଲାବନଗର ର ୪୮ ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି. ପ୍ରଧାନ ଶିକ୍ଷକ ଦେବାଶିଷ ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟ କ୍ରମ ରେ ମୁଖ୍ୟ ଅତିଥି ଭାବେ ଥାନା କଲୋନୀ ସାଧନ କର୍ମୀ ସମନ୍ୱୟକ ସୂର୍ଯ୍ୟକାନ୍ତ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ମକତାର ସିଂ, ସମାଜ ସେବୀ ରତ୍ନା ଖୀଲ ତଥା ବିଶିଷ୍ଟ ସାମ୍ବାଦିକ ତ୍ରିନାଥ ନାୟକ ଯୋଗ ଦେଇ ଛାତ୍ର ଛାତ୍ରୀ ଙ୍କୁ ଉତ୍ସାହିତ କରିଥିଲେ । ଉଦଘାଟନୀ ସମାରୋହରେ ଶ୍ରୀ ବେହେରା ପୂଜାର୍ଚ୍ଚନା କରିବା ପରେ ପ୍ରଧାନ ଶିକ୍ଷକ କ୍ରୀଡା ପତାକା ଉତ୍ତୋଳନ କରିଥିଲେ. ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ବିଦ୍ୟାଳୟ ର କ୍ରୀଡା ଶିକ୍ଷକ ତାପସ ମହାନ୍ତି ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବ ରେ ସ୍ଥାନୀୟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷ ଶ୍ରୀ ଦିବାକର ଲେଙ୍କା, ନାଏବ ସରପଂଚ ଶ୍ରୀ ରଘୁରାମ ଖିଲ, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ମକତାର ସିଂ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଖେଳ ର ଉପାଦେୟତା ସମ୍ପର୍କ ରେ ଆଲୋକପାତ କରିଥିଲେ. ଦୁଇ ଦିନ ଧରି ଏହି ଉତ୍ସବ ରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯଥା ସୁଜୀତ କୁମାର ଜେନା, ଅକ୍ଷୟ କୁମାର ସାହୁ, ରେଖା ଗୁଣ୍ଡା, ଶୁଚିସ୍ମିତା କବାଟ, ସୁଭଦ୍ରା ଭୂୟାଁ, କୁସୁମା ଜାନି, ସୁଶ୍ରୀ ଅବଜଧାରିଣୀ ମହାପାତ୍ର, ଅନୁରାଗ ମିଶ୍ର, ଦୀପକ ନାହାକ, ସିମାଞ୍ଚଳ ପେଣ୍ଡିଆ, ଶୁବେନ୍ଦୁ ଖୋସଲା, ଅଭିମନ୍ୟୁ ନାଥ ଓ ଅରୁଣ କୁମାର ସ୍ୱାଇଁ ତଥା ବରିଷ୍ଠ କାର୍ଯ୍ୟାଳୟ ସହାୟକ ନାଗେଶ୍ୱର ରାଓ ଏବଂ ସ୍ୱର୍ଣ୍ଣପ୍ରଭା ଦାସ ପ୍ରମୁଖ ସହଯୋଗ କରିଥିଲେ. ଶେଷ ରେ କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରା ଯାଇଥିଲା ।

# ଏନ୍‌ଆଇ ଆକ୍ଟ ଉପରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

ଜୟପୁର, (ହି.ସ.) - ଓଡ଼ିଶା ରାଜ୍ୟଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଠାରେ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ କରାଯାଇଥିଲା । ଏହି ଲୋକ ଅଦାଲତରେ କେବଳ ଏନଆଇ ଆକ୍ଟ କେସେସ୍ ଅଣ୍ଡର ସେକ୍ସନ୍ ୧୩୮ ମାମଲା ଉପରେ ଆପୋଷ ସହମତିରେ ସମାଧାନ କରାଯାଇଥିଲା । ଏହି ଜିଲ୍ଲା ସ୍ତରୀୟ ଲୋକ ଅଦାଲତରେ ଜିଲ୍ଲା ଦୌରା ଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ପ୍ରଦୀପ କୁମାର ମହନ୍ତ, ରେଜିଷ୍ଟ୍ରାର୍ ସିଭିଲ୍ କୋର୍ଟ, ଶ୍ରୀ ବିଷ୍ଣୁ ପ୍ରାସାଦ ଦେବତା, ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ଶ୍ରୀମତୀ ପ୍ରଦ୍ୟୋମୟୀ ସୁଜାତା, ଏସ୍.ଡି.ଜେ.ଏମ୍, ସନ୍ତୋଷ କୁମାର ବାରିକ ଓ ପ୍ରଥମ ଶ୍ରେଣୀ ବିଚାବିଭାଗୀୟ ଦଣ୍ଡଧିକରି ହରମୋହନ ଦାସ ଉପସ୍ଥିତ ରହି ମୋକଦ୍ଦମା ସମାଧାନ କରିଥିଲେ । ଏହି ଜିଲ୍ଲା ସ୍ତରୀୟ ଲୋକ ଅଦାଲତରେ ସମୁଦାୟ ମକଦ୍ଦମା ୪୯ ଗୋଟି ମାମଲାରୁ ୧୨ ଗୋଟି ଏନ.ଆଇ. ଆକ୍ଟ କେସେସ୍ ଅଣ୍ଡର ସେକ୍ସନ୍ ୧୩୮ ମାମଲାରେ ଫଇସଲା କରାଯାଇ ୩୭,୪୫,୭୭୭- ଟଙ୍କା ଧାର୍ଯ୍ୟ କରାଯାଇଥିଲା ।

# ଚୋରା ମାଙ୍ଗାନିଜ ଜବତ

କେନ୍ଦୁଝର: କେନ୍ଦୁଝର ଡିଏଫ୍‌ଓ ଏଚ୍. ଡି ଧନରାଜଙ୍କ ନିର୍ଦ୍ଦେଶ କ୍ରମେ ବଡ଼ବିଲ ରେଞ୍ଜ ଅଧିକାରୀ ସଞ୍ଜୀବ ରାଉତଙ୍କ ନେତୃତ୍ୱରେ ଏକ ଟିମ ଗୁଆଲି ସେକ୍ସନ ଭଦ୍ରାସାହି ବିଟ ଅନ୍ତର୍ଗତ କାଶିଆ ଗ୍ରାମରେ ଚଢ଼ାଉ କରି ଏକ ପିକଅପ ଭ୍ୟାନକୁ ଜବତ କରିବା ସହିତ ବେଆଇନ ମାଙ୍ଗାନିଜ କ୍ରସରକୁ ସିଲ୍ କରିଛି । ଏଥି ସହିତ ୮୦ ଟନ ଚୋରା ମାଙ୍ଗାନିଜ ଜବଦ କରାଯାଇଛି । ଜବଦ ହୋଇଥିବା ମାଙ୍ଗାନିଜର ମୂଲ୍ୟ ପ୍ରାୟ ୧୨ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏହି ଘଟଣାରେ ଗିରଫ ଦୁଇଜଣ ହେଲେ ରୋଇଡା ଅଂଚଳର ମହମ୍ମଦ ରଫିକ ଓ ଯୋଡ଼ା ଅଂଚଳର ନିର୍ମଳ ନାଏକ । ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ମାଙ୍ଗାନିଜ ଉତ୍ତୋଳନ କରାଯାଇ ଉକ୍ତ କ୍ରସର ରେ ବ୍ୟବହାର ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ତେବେ ଘଟଣାର ଅଧିକ ତଦନ୍ତ ଚାଲିଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ସମସ୍ତଙ୍କୁ ଗିରଫ କରାଯିବ ବୋଲି କେନ୍ଦୁଝର ଡିଏଫ୍‌ଓ ଏଚ୍. ଡି. ଧନରାଜ ସୂଚନା ଦେଇଛନ୍ତି ।

# ନୂତନ ଆଇଆଇସିଙ୍କ ଯୋଗଦାନ

ଜୟପୁର: କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନାରେ ନୂତନ ଆଇଆଇସି ଭାବେ ରାମାନନ୍ଦ ସାହୁ ଯୋଗଦାନ କରିଛନ୍ତି । ୨୦୧୭ ବ୍ୟାଚ୍‌ର ଶ୍ରୀ ସାହୁ ପୂର୍ବରୁ ଭୁବନେଶ୍ୱର କମିଶନରେଟର ବଡଗଡ଼ ଥାନା, ଲକ୍ଷ୍ମୀସାଗର ଥାନାରେ କାର୍ଯ୍ୟରତ ଥିଲେ । ୨୦୨୫ ରେ ଶ୍ରୀ ସାହୁ ପଦୋନ୍ନତି ପାଇ ଇନ୍ସପେକ୍ଟର ହୋଇଥିଲେ । ବୋରିଗୁମ୍ମା ପ୍ରେସ କ୍ଲବ ର ସଭାପତି ବିଜୟ ନାରାୟଣ ସାହୁ ଙ୍କ ନେତୃତ୍ୱରେ ପ୍ରେସ କ୍ଲବ ର ସମସ୍ତ ସଭ୍ୟ ନୂତନ ଆଇଆଇସି ରାମାନନ୍ଦ ସାହୁ ଙ୍କୁ ଫୁଲତୋଡା ପ୍ରଦାନ କରି ସ୍ୱାଗତ କରିଥିଲେ । ପରେ ଆଇଆଇସି ଶ୍ରୀ ସାହୁ ସମସ୍ତ ସାମ୍ବାଦିକ ଙ୍କ ସହଯୋଗ କାମନା କରିଥିଲେ । ପ୍ରେସ କ୍ଲବ ର ସଭ୍ୟ କେ ସାକିଲି ଦୋରା, ରଞ୍ଜନ କୁମାର ମିଶ୍ର, ଦୟାନିଧି ପଟନାୟକ, ସୀମାଂଚଳ ମହାରଣା, ପ୍ରତାପ ହୋତା, ଜି. ମୋହନ ଦୋରା, ମାନସ ରଥ, ପି ଅନନ୍ତ ରାଓ, ରିଙ୍କୁ ପଟନାୟକ, ଶଙ୍କର ମହାନ୍ତି, ଅମରିତ ଖୋସଲା ପ୍ରମୁଖ ଉପସ୍ଥିତ ଥିଲେ ।

# ମହାନଦୀ ଧାରାର ବାର୍ଷିକ ଉତ୍ସବ ‘ଉତ୍ସାହ -୨୦୨୬’

ସୁବର୍ଣ୍ଣପୁର : ସୋନପୁରରେ ଗଢ଼ି ଉଠିଥିବା ଲୋକପ୍ରିୟ ଶିକ୍ଷାନୁଷ୍ଠାନ ମହାନଦୀ ଧାରାର ବାର୍ଷିକ ଉତ୍ସବ “ ଉତ୍ସାହ – ୨୦୨୬” ପାଳନ ହୋଇଯାଇଛି । ଏହି ଉତ୍ସବରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଥମ ଦିନକୁ ସଫଳ କରିଛନ୍ତି । ମୁଖ୍ୟଅତିଥି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜିଳିନା ପ୍ରଧାନ, ପୂର୍ବତନ ଲୋକସଭା ସାଂସଦ ଡ. ପ୍ରଭାସ କୁମାର ସିଂ, ଡେପୁଟି ରେଜିଷ୍ଟ୍ରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡ. ଉମାଚରଣ ପତି, ବିଶିଷ୍ଟ ପ୍ରଫେସର କାଳିଦାସ ମିଶ୍ର, ଅବସରପ୍ରାପ୍ତ ଅଧ୍ୟାପକ ଡ. ପ୍ରଫୁଲ୍ଲ କୁମାର ରଥ, ଅବସର ପ୍ରାପ୍ତ ଅଧ୍ୟାପକ ପ୍ର. ନୀଳାମ୍ବର ଶତପଥୀ, ଅବସର ପ୍ରାପ୍ତ ଅଧ୍ୟାପିକା ଡ. କଳ୍ପନା ମିଶ୍ର, ଯୁବନେତା ଓମ୍ ପ୍ରକାଶ ମିଶ୍ର ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ଶୁଭସ୍ମିତା ପୁରୋହିତ ଓ ପ୍ରିୟଙ୍କାରାଣୀ ନେଗୀ ମଂଚ ପରିଚାଳନା କରିଥିଲେ । ମହାନଦୀ ଧାରାର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ଲାବନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସଭାର ଆଲୋଚନା ଚକ୍ରର ବିଷୟ “ ବିକଶିତ ଭାରତ ପାଇଁ ଶିକ୍ଷାର କଳ୍ପନା” ଉପରେ ତତ୍ତ୍ୱାବଧାନ କରିଥିଲେ । ଏହି ଅବସରରେ ମହାନଦୀ ଧାରା ତରଫରୁ ସ୍ୱର୍ଗତଃ ହର ପ୍ରସାଦ ରଥ ବିଶିଷ୍ଟ ଶିକ୍ଷାବିତଙ୍କୁ ମହାନଦୀ ଧାରା ଶିକ୍ଷା ସମ୍ମାନ ଏବଂ ସାଧୁ ପ୍ରଣବାନନ୍ଦ ଦାସଙ୍କୁ ମହାନଦୀ ଧାରା ସେବା ସମ୍ମାନ ଅର୍ପଣ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଡ. ସାହୁ ବିକଶିତ ଭାରତ ପାଇଁ ପାରମ୍ପରିକ ଶିକ୍ଷା ଓ ସଂସ୍କୃତିର ଯୋଗଦାନ ଉପରେ ଆଲୋକପାତ କରିଥିଲେ । ଆଲୋଚନା ଚକ୍ରରେ ଥିବା ଅନ୍ୟ ଅତିଥି “ ଜାତୀୟ ଶିକ୍ଷାନୀତି -୨୦୨୦” ର ମହତ୍ତ୍ୱକୁ ତାଙ୍କର ଗଭୀର ବାର୍ତ୍ତା ମାଧ୍ୟମରେ ଦର୍ଶାଇଥିଲେ ଏବଂ ବୃତିଗତ ଶିକ୍ଷା, ଗୁଣାତ୍ମକ ଶିକ୍ଷା, ଆତ୍ମନିର୍ଭରଶୀଳତା ଏବଂ ସର୍ବାଙ୍ଗୀନ ଶିକ୍ଷା ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଜ୍ଞାନ ପ୍ରଦାନ କଲେ । ସହ ପ୍ରତିଷ୍ଠାତା ଶ୍ରୀମତୀ ଆଭା ପୂଜାରୀ ଏହି ଉତ୍ସାହରେ ମହାନଦୀ ଧାରାର ବାର୍ଷିକ ବିବରଣୀରେ ଏହି ଅନୁଷ୍ଠାନର ଗତବର୍ଷର ଛାତ୍ରଛାତ୍ରୀମାନଙ୍କର ରାଜ୍ୟସ୍ତରରେ ଯୁକ୍ତ ଦୁଇ କଳାରେ ସଫଳତାକୁ ଦର୍ଶାଇଥିଲେ । ଉତ୍ସାହ ୨୦୨୬ର ପ୍ରଥମ ଦିନରେ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି ଅବସରରେ ମହାନଦୀ ଧାରାର ନୂଆ ୟୁଟ୍ୟୁବ ଚ୍ୟାନେଲର ଶୁଭାରମ୍ଭ କରାଯାଇଥିଲା । ସଭା ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ମାଟି ଗୋଳା ବାଉଁଶ ମଞ୍ଜି ରୋପଣ କାର୍ଯ୍ୟକ୍ରମ

କେନ୍ଦୁଝର, (ହି.ସ.) - ବଣୁଆ ହାତୀକୁ ଗାଁ ମୁହାଁ ରୋକିବା ନିମନ୍ତେ ଆରମ୍ଭ ହୋଇଛି ଅଭିନବ ପ୍ରୟାସ । ଅଟେଇ ସଂରକ୍ଷିତ ଜଙ୍ଗଲର ବିଭିନ୍ନ ପ୍ରକାର ଜୀବଜନ୍ତୁ ଲାଗି ଆରମ୍ଭ ହୋଇଛି ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ । ଖାଦ୍ୟ ଅଭାବରୁ ଜଙ୍ଗଲ ନିକଟସ୍ଥ ଗାଁଗୁଡିକକୁ ଚାଲିଆସୁଥିବାରୁ ବନ ବିଭାଗ ପକ୍ଷରୁ ଖାଦ୍ୟ ଉତ୍ପନ ଲାଗି ଜାରୀ ରହିଛି ନୂଆ ପ୍ରୟାସ । ପ୍ରକାଶ ଥାଉକି ଘଟଗାଁ ରେଞ୍ଜ ଅନ୍ତର୍ଗତ ଅଟେଇ ସଫାରୀ ସରଂକ୍ଷିତ ଜଙ୍ଗଲରେ ମାଟି ଗୋଳା ମାଧ୍ୟମରେ ବାଉଁଶ ମଞ୍ଜି ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଉଲ୍ଲେଖନୀୟ ଯେ ବଣୁଆ ହାତୀ ଓ ଜୀବଜନ୍ତୁ ଜଙ୍ଗଲରେ ବାଉଁଶ ଗଛର ପତ୍ର କୁ ନିଜର ଉତ୍କୃଷ୍ଟ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି । ଏଥି ପାଇଁ ବାଉଁଶ ମଞ୍ଜିକୁ ମାଟିରେ ବିଭିନ୍ନ ଜୈବ ପଦାର୍ଥ କରି ପେଣ୍ଡୁ କରାଯାଇ ଜଙ୍ଗଲର ବିଭିନ୍ନ ପାର୍ଶ୍ୱକୁ ଫିଙ୍ଗା ଯାଇଥିଲା । ସେହି ପିଣ୍ଡୁଳା ବର୍ଷାପାଣି ପାଇବା ପରେ ଗଛ ସୃଷ୍ଟି ହେବା ସହ ଧୀରେ ଧୀରେ ଗଛ ବଡ଼ ହୋଇଥାଏ । ସେଥିରୁ ଯେଉଁ ବାଉଁଶ ପତ୍ର ସୃଷ୍ଟି ହେବ ଜଙ୍ଗଲ ବନ୍ୟ ଜନ୍ତୁ ନିଜର ଖାଦ୍ୟ ରୂପେ ଗ୍ରହଣ କରିବେ ଓ ଗାଁ ମୁହାଁ ହେବେ ନାହିଁ । ଏହି ପ୍ରୟାସ ଜଙ୍ଗଲ ସଫାରୀରେ ପ୍ରଥମ ଥର ପାଇଁ କରାଯାଇଛି । ଆଜି ଅଟେଇ ଜଙ୍ଗଲରେ ଜିଲ୍ଲା ବନ ଅଧିକାରୀଏଚ.ଡ଼ି.ଧନରାଜ, ,ସାଂସଦ ପ୍ରତିନିଧି ଅଖିଳ ପାତ୍ର, ବିଡ଼ିଓ ଖଗେଶ୍ୱର ବରାଳ,ବନାଂଚଳ ଅଧିକାରୀ ସରୋଜ କୁମାର ମିଶ୍ର,ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା, ବଡଜାମ୍ବୁପାସି ସରପଂଚ ଯମୁନା ମୁଣ୍ଡା,ସମାଜସେବୀ ହରିହର ବାରିକ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ମାଟି ଗୋଳା ବାଉଁଶ ମଞ୍ଜି ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଘଟଗାଁ ବନପାଳ ଯତୀନ୍ଦ୍ର କୁମାର ସାହୁ, ଢେଙ୍କିକୋଟ ବନପାଳ ନଗେନ୍ଦ୍ର ଜେନା, ଦେଓବନ୍ଧ ବନପାଳ ଶରଣ କୁମାର ବାରିକ, ରଂଜିତ ପଲେଇ,ବନରକ୍ଷୀ ଓମ ପ୍ରକାଶ ଜେନା, ପୂଜାରାଣୀ ବଳ,ପ୍ରମୁଖ ସହଯୋଗ କରିଥିଲେ ।

# ଜୀବନ କୌଶଳ ଦକ୍ଷତା ତାଲିମ୍

ବଲାଙ୍ଗୀର: ଆଗଲପୁର ବ୍ଲକର ଝରଣୀପାଲି ଓ ନୁନିଆପାଲି ପଂଚାୟତର ପାଣ୍ଡେସରା କମ୍ୟୁନିଟି ହଲ ଠାରେ ପଲ୍ଲୀ ଆଲୋକ ପାଠାଗାର ନଅଗାଁ(ଖ) ତରଫରୁ ସ୍ଥାନୀୟ କିଶୋରୀ ସଂଘର ଲିଡରଙ୍କୁ ନେଇ ଜୀବନ କୌଶଳ ଦକ୍ଷତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କିଶୋରୀମାନେ କିଭଳି ଜୀବନ କୌଶଳ ଦକ୍ଷତା ଅବଲମ୍ବନ କରି ନିଜ ଜୀବନକୁ ସରସ ସୁନ୍ଦର କରିପାରିବେ ସେ ଉପରେ ସଚେତନ କରାଯାଇଥିଲା । ଏଥିସହିତ ସବୁଜ ପନିପରିବା ତଥା ପୃଷ୍ଟିକର ଖାଦ୍ୟ ଏବଂ ଶରୀର ଗଠନ କାରି ଖାଦ୍ୟକୁ ଗୁରୁତ୍ୱ ଦେବାସହ ପରିଷ୍କାର, ପରିଚ୍ଛନ୍ନତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପଂଚଟି ମାଡ୍ୟୁଲ, ଯଥା କିଶୋରୀ ସଂଘ ଗଠନ, ଚିନ୍ତନ ଦକ୍ଷତା, ବୁଝାମଣା ଦକ୍ଷତା, ପୃଷ୍ଟିକର ଖାଦ୍ୟ ଓ ପରିଷ୍କାର ପରିଚ୍ଛନତା ଉପରେ ବିଭିନ୍ନ ଗୀତ, ଗପ, ନାଚ କାର୍ଯ୍ୟକ୍ରମ ମାଧ୍ୟମରେ କିଶୋରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଏଥିରେ ପ୍ରାୟ ୬୫ ଜଣ କିଶୋରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପ୍ରହଲ୍ଲାଦ ପଧାନ, ଅଭିଜିତ ମିଶ୍ର, ସୁଶାନ୍ତ ସା, ନମିତା ପଧାନ, ବର୍ଷା ଯୁଆଡି ପ୍ରମୁଖ ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଆଇନ ସଚେତନତା ଶିବିର

ବଲାଙ୍ଗିର: ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଲିଟିଲ ଫ୍ଲାଓ୍ୱାର ସ୍କୁଲ, ବଲାଙ୍ଗିର ଠାରେ ‘ଆଇନ ଏବଂ କର୍ତବ୍ୟ, ପୋକ୍ସୋ ଏବଂ ପୋସ ଆଇନର ବିଶେଷ ଉଲ୍ଲେଖ’ ଉପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାଧିକରଣର ଅଧ୍ୟକ୍ଷ ଡାଃ. ପବିତ୍ର ମୋହନ ସାମଲ ଯୋଗଦେଇ ଆଇନ ଓ କର୍ତବ୍ୟ ସହିତ ଶିଶୁ ମାନଙ୍କ ଉପରେ ହେଉଥିବା ଯୌନ ଅତ୍ୟାଚାର ଏବଂ କର୍ମ କ୍ଷେତ୍ରରେ ମହିଳା ମାନଙ୍କ ଉପରେ ହେଉଥିବା ଯୌନ ଅତ୍ୟାଚାର ଓ ତାର ପ୍ରତିକାର ଉପରେ ଆଲୋକପାତ କରିଥିଲେ । ପରିବାର ଅଦାଲତର ଜଜ ବିକ୍ରମ କେଶରୀ ପଟ୍ଟନାୟକ “ ପୋକ୍ସୋ ଓ ପୋସ” ଆଇନର ବିଭିନ୍ନ ପ୍ରକାରର ଦଣ୍ଡ ବିଧାନ ଉପରେ ଆଲୋକପାତ କରିଥିଲେ । ଏହି ଶିବିରରେ ଜଜ ପୋକ୍ସୋ କୋର୍ଟ ସୁନନ୍ଦା ପାଢୀ “ ପୋକ୍ସୋ” ଆଇନର ବିଭିନ୍ନ ଦିଗ ଉପରେ ସଚେତନତା କରାଇଥିଲେ ଓ ଜଜ ଜେଏମଏଫସି ଅର୍ଘ୍ୟରୂପା ମିଶ୍ର ପୋସ ଆଇନ ଉପରେ ଆଲୋକପାତ କରିବା ସହିତ ପୋସ ଆଇନରେ ଥିବା ବିଭିନ୍ନ କମିଟିର କାର୍ଯ୍ୟକାରୀତା ଉପରେ ଅବଗତ କରାଇଥିଲେ । ପ୍ରାଧିକରଣର ସଚିବ ପବିତ୍ରାନନ୍ଦ ପ୍ରଧାନ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକ୍ରମ ଓ ମହିଳା ଏବଂ ଶିଶୁ ମାନଙ୍କ ଉଦ୍ଦେଶ୍ୟରେ ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା)ର ବିଭିନ୍ନ ଯୋଜନା ଉପରେ ଅବଗତ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସ୍ୱାଗତ ଭାଷଣ ଦେବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଉତମ ମଣିଷ ହେବା ସହ ସମାଜ ସେବା କରିବା ପାଇଁ ଉପଦେଶ ଦେଇଥିଲେ ।

# ଓଡ଼ିଶା ରାଜସ୍ୱ ଅମଲା ସଂଘର ସାଧାରଣ ପରିଷଦ ବୈଠକ

ଫୁଲବାଣୀ, (ହି.ସ.): କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ଠାରେ ସମନ୍ୱିତ ଆଦିବାସୀ ଜନଜାତି ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଓଡିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା କନ୍ଧମାଳର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସଭାପତି ପ୍ରକାଶ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଓଡିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ପରିଷଦ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ, ସଂଗଠନ ସମ୍ପାଦକ ରମାକାନ୍ତ ସାହୁ, ରାଜ୍ୟ କୋଷାଧ୍ୟକ୍ଷ କିର୍ତୀ ରଞ୍ଜନ ପ୍ରଧାନ, ଦକ୍ଷିଣାଚଂଳ ଖଣ୍ଡିୟ ସଭାପତି କୈଳାଶ ଚନ୍ଦ୍ର ଦାସ, କୋରାପୁଟ ଜିଲ୍ଲା ସମ୍ପାଦକ ନିତ୍ୟାନନ୍ଦ ଭତ୍ରା, ବୌଦ୍ଧ ଜିଲ୍ଲା ସଭାପତି ମାନସ ରଞ୍ଜନ ସେଠି, ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଅରୁଣ କୁମାର ମୁଦୁଲି, କଟକ ଜିଲ୍ଲାର ସମ୍ପାଦକ ସୂର୍ଯ୍ୟକାନ୍ତ ପାଣି, ନେତୃ ବୃନ୍ଦ ମଂଚାସୀନ ଥିଲେ । ସଭାର ପ୍ରାରମ୍ଭରେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଓ ଜିଲ୍ଲା ସଂଘ କାର୍ଯ୍ୟକର୍ତାଙ୍କର କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତା ଚୟନ ହୋଇଥିଲା । ଜିଲ୍ଲା ସଭାପତି ଭାବେ ଗଣେଶ ନାୟକ, ଉପସଭାପତି କେ. ଗୌତମ ରାଓ (ବାଲିଗୁଡା ଉପଖଣ୍ଡ), ରୁପମ୍ଭିକା ତ୍ରିପାଠୀ (ଫୁଲବାଣୀ ଉପଖଣ୍ଡ), ସମ୍ପାଦକ ସିମାଚଂଳ ପଣ୍ଡା, କୋଷାଧ୍ୟକ୍ଷ ସୁନୀତ କୁମାର ଦଳବେହେରା, ଯୁଗ୍ମ ସମ୍ପାଦକ ନିଖିଳ ଚନ୍ଦ୍ର ସାହା, ସଂଗଠନ ସମ୍ପାଦକ ବିଶ୍ୱଜିତ ପଣ୍ଡା, କ୍ଷୀରାବ୍ଦିତନୟା ଦିଗାଲ ଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଗଲା ଓ ଶେଷରେ ନୂତନ କର୍ମକର୍ତାଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ମହାପାତ୍ର ଶପଥପାଠ କରାଇଥିଲେ । ବୈଠକରେ ସଂଘର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ଆଲୋଚନା କରଯାଇଥିଲା ଓ ଏହି ଅବସରରେ ଜିଲ୍ଲାର ଦୁଇଟି ଉପଖଣ୍ଡ ସ୍ତରର ରାଜସ୍ୱ ଅମଲା ବହୁତ ସଂଖ୍ୟାରେ ଯୋଗଦାନ କରିଥିଲେ ।

# ଚୋରି ସାମଗ୍ରୀ ଜବତ; ୩ ଗିରଫ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀ ବାଲିଅନ୍ତା ଥାନା ପୁଲିସ ଆଜି ଲୁଟ ମାମଲାରେ ୩ ଚୋରଙ୍କୁ ବାନ୍ଧିଛି । ପରେ କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବାଲିଅନ୍ତା ଥାନା ଟଙ୍କପାଣି ବ୍ରିଜ ନିକଟରେ ରହୁଥିବା ସୂର୍ଯ୍ୟକାନ୍ତ ପାତ୍ର (୨୨), ରବି ନାରାୟଣ ସେଠି (୨୫) ଓ ରାଜା ଗୋଛାୟତ (୧୯) । ସେମାନଙ୍କ ନିକଟରୁ ପୁଲିସ ସିନ୍ଧି ଚୋରିରେ ବ୍ୟବହୃତ ଶାବଳ ସମେତ ଅନ୍ୟାନ୍ୟ ମାରଣାସ୍ତ୍ର, ରନ୍ଧନ ଗ୍ୟାସ ସିଲିଣ୍ଡର ଏବଂ ଅନ୍ୟାନ୍ୟ ଗୃହ ଉପକରଣ ଜବତ କରିଛି । ସୂଚନା ଅନୁସାରେ ଦୈତାରୀ ମହାନ୍ତି ଏନେଇ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟଯେ, ସ୍ଥାନୀୟ ସତ୍ୟଭାପୁର ପଞ୍ଚାୟତ ଅଞ୍ଚଳର ଦୈତାରୀ ପତ୍ନୀ ଏବଂ ତାଙ୍କ ପରିବାର ସଦସ୍ୟମାନେ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ । ଏହାର ସୁଯୋଗ ନେଇ ଗତ ରାତିରେ ଦୁର୍ବୃତ୍ତମାନେ ଘରର ପଛ ପାର୍ଶ୍ୱରୁ ତାଲା ଭାଙ୍ଗି ଘର ଭିତରକୁ ପ୍ରବେଶ କରି ସାମଗ୍ରୀ ଚୋରି କରିଥିଲେ । ଚୋରି ସାମଗ୍ରୀ ମଧ୍ୟରେ ତିନୋଟି ଲୁହା ରଡ୍, ଗୋଟିଏ ଇଣ୍ଡେନ ଗ୍ୟାସ୍ ସିଲିଣ୍ଡର, ୪ ଷ୍ଟିଲ୍ ବେସିନ୍, ତିନୋଟି ରସ ବାଲଟି ଏବଂ ୨ଟି ରସ ଟପ ରହିଛି । ସୂର୍ଯ୍ୟକାନ୍ତ ନାମରେ ନିଶ୍ଚିନ୍ତକୋଇଲି ଥାନାରେ ଅନ୍ୟ ୨ଟି ମାମଲା ରହିଛି ।

# ଅଜିତ ଜାତୀୟ ନାଟ୍ୟ ମହୋତ୍ସବ ଉଦଘାଟିତ



**ଭୁବନେଶ୍ୱର (ପିପିଏସ୍):** ଅଭିନୟ ଜାଗୃତ ଇନଷ୍ଟିଚ୍ୟୁଟ ଅଫ ଥିଏଟର ପକ୍ଷରୁ ୧୪ତମ ଅଜିତ ଜାତୀୟ ନାଟ୍ୟ ମହୋତ୍ସବ ବୁଧବାର ଦିନଠାରୁ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବର ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚ଼ନା ଦାସ ଯୋଗଦେଇଥିବା ବେଳେ ଔପନ୍ୟାସିକ ଓ ଗାଳ୍ପିକ ଡ଼ ଅଜୟ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ 'ଅଜିତ୍ ନାଟ୍ୟ ସମ୍ମାନ ' ପାଇଁ ବରିଷ୍ଠ ଅଭିନେତା ଅନ୍ତର୍ଯ୍ୟାମୀ ପଣ୍ଡା ସମ୍ବର୍ଦ୍ଧିତ ହୋଇଥିଲା ବେଳେ 'ଅଜିତ୍ ଯୁବ ନାଟ୍ୟ ସମ୍ମାନ'ରେ କ୍ରିଷ୍ଣା କର (କେକେ) ସମ୍ବର୍ଦ୍ଧିତ ହୋଇଥିଲେ । ଡ଼.ମାୟା ଦାସ ମଞ୍ଚକୁ ସଭାପତିତ୍ୱ କରିଥିବା ବେଳେ ମଞ୍ଚ ପରିଚ଼ାଳନାରେ କୈଳାସ ପାତ୍ର ରହିଥିଲେ । ଦୀପକ ରଞ୍ଜନ ପତି ଏହି ଅବସରରେ 'ଅଜିତ୍ ନାଟ୍ୟ ସମ୍ମାନ ' ପାଇଁ ବରିଷ୍ଠ ଅଭିନେତା ଅନ୍ତର୍ଯ୍ୟାମୀ ପଣ୍ଡା ସମ୍ବର୍ଦ୍ଧିତ ହୋଇଥିଲା ବେଳେ 'ଅଜିତ୍ ଯୁବ ନାଟ୍ୟ ସମ୍ମାନ'ରେ କ୍ରିଷ୍ଣା କର (କେକେ) ସମ୍ବର୍ଦ୍ଧିତ ହୋଇଥିଲେ । ଏହି ନାଟ୍ୟ ମହୋତ୍ସବର ପ୍ରଥମ ଦିନରେ ପୂର୍ବରଙ୍ଗ, ଗୌହାଟୀ ଆସାମ ପକ୍ଷରୁ ନାଟକ 'ବାସବଦତ୍ତ' ମଞ୍ଚସ୍ଥ ହୋଇଥିଲା । ଏହି ନାଟକକୁ ଗୁଣାକାର ଦେବ ଗୋସ୍ୱାମୀ ନିର୍ଦ୍ଦେଶନା ଦେଇଥିଲେ ।

# 'ଜନନୀ ଜନ୍ମଭୂମିଶ୍ଚ' ମଞ୍ଚସ୍ଥ

**ଭୁବନେଶ୍ୱର (ପିପିଏସ୍):** ମନନ ନାଟ୍ୟ ସଂସ୍ଥାର ୪୭ତମ ଜନ୍ମ ବାର୍ଷିକୀ ଅବସରରେ ଆୟୋଜିତ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଛି । ତୃତୀୟ ଦିନର ନାଟକ 'ଜନନୀ ଜନ୍ମଭୂମିଶ୍ଚ', ଡାଇନାମିକ୍ ପ୍ଲାଟଫର୍ମ ପକ୍ଷରୁ ପରିବେଷଣ ହୋଇଛି । ଯାହାର ପରିକଳ୍ପନା ଓ ନିର୍ଦ୍ଦେଶନା ଦେଇଛନ୍ତି ଦେବବ୍ରତ ପଟ୍ଟନାୟକ ଏବଂ ନବୀନ କୁମାର ପରିଡା ରଚନା କରିଛନ୍ତି । ଅର୍ଥ, ପ୍ରତିଷ୍ଠା ଏବଂ ପ୍ରଭୁତ୍ୱ ପାଇବା ପାଇଁ ସମାଜରେ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଦିନ ନାନା ପ୍ରକାରର ସଂଘର୍ଷ ଘଟିଚାଲିଛି । କେତେବେଳେ ଦେଶ ଦେଶ ମଧ୍ୟରେ ତ ପୁଣି କେତେବେଳେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ । ଆଜି ସବୁ ସ୍ଥାନରେ ଗୋଷ୍ଠି ସଂଘର୍ଷ, କେତେବେଳେ ଧର୍ମକୁ ଆଧାର କରି ତ ପୁଣି କେତେବେଳେ ଆଦର୍ଶକୁ ଆଧାର କରି । କିନ୍ତୁ ପ୍ରକୃତରେ ସେ ସବୁ ମୁଖ୍ୟତଃ ହେଲା ଅହଂକାର ଏବ ପ୍ରଭୁତ୍ୱ ବିସ୍ତାର କରିବାର ଗୋଟିଏ ଗୋଟିଏ କୌଶଳ । ଆଜିର ନାଟକ ମହାଭାରତରେ ବର୍ଣ୍ଣିତ ସେମିତି ଏକ ଆକର୍ଷଣୀୟ କାହାଣୀକୁ ଆଧାର କରି ଗଢ଼ି ଉଠିଛି । ଯାହା ଏକ ପୌରାଣିକ ଉପାଖ୍ୟାନ ଭଳି ମନେ ହୋଇପାରେ ମାତ୍ର ପ୍ରକୃତରେ ତାହା ପ୍ରତ୍ୟେକ ମଣିଷର ଆଭ୍ୟନ୍ତରିଣ ମନୋବୃତ୍ତର ଏକ ନିଛକ ନଗ୍ନ ବିଶ୍ଳେଷଣ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ସନ୍ଧ୍ୟାରେ ପୂର୍ବତନ ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଉତ୍କଳ ସଂସ୍କୃତି ମହାବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ ସ୍ୱାଇଁ, ନିର୍ଦ୍ଦେଶକ ନବୀନ ପରିଡା, ମନନ ସଂସ୍ଥାର ସମ୍ପାଦକ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁଇଟି ହାଇୱା ଜବତକଲା ପୁଲିସ

**ଭୁବନେଶ୍ୱର (ପିପିଏସ୍):** ରାତିରେ ଜଙ୍ଗଲରୁ ବେଆଇନ୍ ମାଟିଚାଲାଣ ହେଉଥିବା ଖବରପାଇ ଚନ୍ଦକା ଥାନା ପୁଲିସ ଚଢଉ କରିଛି । ଚଢଉ ବେଳେ ପୁଲିସ ୨ଟି ହାଇୱା ଜବତ କରିବା ସହ ୨ ଜଣ ଡ୍ରାଇଭରଙ୍କୁ ଗିରଫ କରିଥିବା ଜଣାପଡ଼ିଛି ।

ସୂଚନାଯୋଗ୍ୟ, ରାତ୍ରି ପାଟ୍ରୋଲିଂ ଡ୍ୟୁଟି ସମୟରେ ଚନ୍ଦକା ଥାନା ପୁଲିସ ଗୋଠପାଟଣା ଜଙ୍ଗଲ ଜମିରୁ ମାଟି ଚୋରା ଚାଲାଣ ନେଇ ଖବର ପାଇଥିଲା । ଲାଟେରାଇଟ୍ ମାଟି ବୋଝେଇ ହୋଇଥିବା ଏକ ହାଇୱା ଟ୍ରକ୍‌କୁ ଗୋଠପାଟଣା ସହାୟତା ପୋଷ୍ଟ ନିକଟରେ ଅଟକାଯାଇଥିଲା । ଉକ୍ତ ଗାଡ଼ିର ଡ୍ରାଇଭର ବେଆଇନ ଭାବେ ଲାଟେରାଇଟ୍ ମାଟି ଖନନ ଏବଂ ପରିବହନ କରିଥିବା ତଦନ୍ତରୁ ଜଣାପଡ଼ିଥିଲା । ଆଉ ଏକ ହାଇୱା ଟ୍ରକ୍‌କୁ ଆଇଆଇଟି ଛକ ନିକଟରେ ଅଟକାଯାଇଥିଲା । ଉଭୟ ଗାଡ଼ି ଗୋଠପାଟଣା ଜଙ୍ଗଲ ଜମିରୁ ଖନନ କରାଯାଇଥିବା ଲାଟେରାଇଟ୍ ମାଟିର ବେଆଇନ ପରିବହନରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା । ତେବେ ମାଟି ଖୋଳିବା ଏବଂ ହାଇୱାରେ ଲୋଡ୍ କରିଥିବା ପ୍ରୋକ୍ଲିନ୍ କିମ୍ବା ଜେସିବି ମେସିନ୍‌କୁ ଏପର୍ଯ୍ୟନ୍ତ ପୁଲିସ ଠାବ କରିବାରେ ବିଫଳ ହୋଇଛି ।

# 'ଅପେକ୍ଷା'ର ଅଡିଓ ଓ ଟ୍ରେଲ୍ ରିଲିଜ୍



**ଭୁବନେଶ୍ୱର (ପିପିଏସ୍):** ଷ୍ଟୁଡିଓ ଥ୍ରୀ ସିକ୍ସଟି ଫାଇଭ୍ ବ୍ୟାନରରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ଅପେକ୍ଷା'ର ଅଡିଓ ଏବଂ ଟ୍ରେଲର ଲୋକାର୍ପଣ ଉତ୍ସବ ସ୍ଥାନୀୟ ପ୍ରେସ୍‌କ୍ଲବରେରେ ଅନୁଷ୍ଠିତ ହୋଇଯାଇଛି । କଣ୍ଠଶିଳ୍ପୀ ସ୍ୱର୍ଗତଃ ହ୍ୟୁମାନ ସାଗର ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ପ୍ରଯୋଜକ ରମେଶ ବାରିକ, ଶ୍ରୀଧର ମାର୍ଥା ଏବଂ ହିନ୍ଦୁସ୍ଥାନ ଆଡଭରଟାଇଜିଙ୍ଗ ଏଜେନ୍ସିର ନିର୍ଦ୍ଦେଶକ ସୁଜିତ କୁମାର ରାଉତ ଯୋଗଦେଇ ଥିଲେ । ଡ. କେ. ତମନ୍ନାଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଭାର ଆନନ୍ଦ କୁମାର ସମ୍ଭାଳିଥିବା ବେଳେ ସାର୍ଥକ, ଶୁଭାଙ୍ଗୀ, ସୌମ୍ୟ ବନ୍ଦନା ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି । ସେହିପରି ଚୌଧୁରୀ ବିକାଶ ଦାସ, ପ୍ରଦୀପ ଦେବତା, ଶକ୍ତି ବରାଳ, ପୁଷ୍ପା ପଣ୍ଡା, ଅଲିଭା ଦାଶ, ଐଶ୍ୱର୍ଯ୍ୟା , ଗୁଡୁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି । ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ବୈଦ୍ୟନାଥ ଦାଶ ଦେଇଥିବା ବେଳେ ଚିରାଗଦୀପ ପଣ୍ଡା, ହ୍ୟୁମାନ ସାଗର, ଅସୀମା ପଣ୍ଡା, ଇପସିତା ସାହୁ, ଉମାକାନ୍ତ ବାରିକ କଣ୍ଠଦାନ କରିଛନ୍ତି । ସମ୍ପାଦନା ଦାୟିତ୍ୱରେ ରଞ୍ଜନ ଖଟେଇ ଏବଂ ନୃତ୍ୟ ନିର୍ଦ୍ଦେଶନାରେ ବବି ଇସଲାମ ରହିଥିବା ବେଳେ ଶୈଳେନ୍ଦ୍ର ପରିଡାଙ୍କ ଦ୍ୱାରା ନିର୍ଦ୍ଦେଶିତ ଆକ୍ସନ ଦୃଶ୍ୟ ଏବଂ ସୃଜନ ଫିଲ୍ମସର ପୋଷ୍ଟ ପ୍ରଡକ୍ସନ ଫିଲ୍ମଟିକୁ ଅଧିକ ଆକର୍ଷଣୀୟ କରିଥିବା ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି । ଆଜିର ଏହି ଏହି ଅଡିଓ ଲୋକାର୍ପଣ ଉତ୍ସବରେ ପ୍ରଯୋଜକ, ଫିଲ୍ମର କ୍ରିଏଟିଭ ପବ୍ଲିସିଟି ଡିଜାଇନର ଶ୍ୟାମା ପ୍ରସାଦ ମିଶ୍ରଙ୍କ ସମେତ ଫିଲ୍ମର ପୂରା ଟିମ୍ ଉପସ୍ଥିତ ଥିଲେ । ଫିଲ୍ମଟି ଆସନ୍ତା ଫେବୃଆରୀ ୬ ତାରିଖରେ ମୁକ୍ତିଲାଭ କରିବ ।

# ପ୍ରମୋଦ ପତିଙ୍କ ଶ୍ରାଦ୍ଧ ଦିବସ

**ଭୁବନେଶ୍ୱର (ପିପିଏସ୍):** ଭାରତୀୟ ଚଳଚ୍ଚିତ୍ର ଜଗତର ଅଭିନବ ଚିତ୍ର ନିର୍ମାତା ପ୍ରମୋଦ ପତିଙ୍କ ୫୦ ତମ ଶ୍ରାଦ୍ଧ ଦିବସ ବାପୁଜୀ ନଗରସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଛି । ଟ୍ରଷ୍ଟର ଅଧ୍ୟକ୍ଷ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଚଳଚ୍ଚିତ୍ର ପ୍ରେମୀ, କଳାନୁରାଗୀ ତଥା ଜନସାଧାରଣ ଯୋଗଦେଇ ପ୍ରମୋଦ ପତିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ତାଙ୍କର ସ୍ମୃତି ରକ୍ଷା ପାଇଁ ଭୁବନେଶ୍ୱରରେ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପ୍ରଦତ୍ତ ପ୍ରସ୍ତାବକୁ କାର୍ଯ୍ୟାନ୍ୱୟନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏଥିସହିତ ତାଙ୍କର ଜୀବନୀ ରଚନା ପାଇଁ ଟ୍ରଷ୍ଟର ସମ୍ପାଦକ ଗୋଲକ ବିହାରୀ ସିଂହଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଏହି ସଭାରେ ଉପସ୍ଥିତ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ, ଲଳିତ କୁମାର ସାହୁ, ବଦ୍ରି ପ୍ରସାଦ ଷଡ଼ଙ୍ଗୀ, ଅଶୋକ କୁମାର ମହାନ୍ତି, ସୁନୀଲ କୁମାର ଡାକୁଆ ପ୍ରମୁଖ ପ୍ରମୋଦଙ୍କ ଦାୟିତ୍ୱ ଓ ଅନୁଭୂତି ସମ୍ପର୍କରେ ନିଜ ନିଜ ମତ ଉପସ୍ଥାପିତ କରିଥିଲେ । ଶେଷରେ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ରଥ ଧନ୍ୟବାଦ ଦେଇଥିଲେ ।

# ଥର୍ ଦୁର୍ଘଟଣା: ଶେଷ ଭୋଜି ପରେ ଶେଷଯାତ୍ରା



**ଭୁବନେଶ୍ୱର (ପିପିଏସ୍):** ଇନ୍‌ଫୋଭ୍ୟାଲି ଥାନା ୧୬ ନମ୍ବର ଜାତୀୟ ରାଜପଥ ଗଙ୍ଗପଡ଼ା ପୁରୁଣା ଟୋଲ ଗେଟ ନିକଟରେ ଥର କାର ଦୁର୍ଘଟଣାରେ ମୃତକଙ୍କ ପରିଚ଼ୟ ମିଳିଛି । ମୃତକମାନେ ହେଲେ ଦେଓଗଡ଼ ଜିଲ୍ଲା ରିଆମାଳ ଥାନା ତାରଙ୍ଗ ଗ୍ରାମର ଜୋଗେଶ୍ୱର ସାହୁଙ୍କ ପୁଅ ଜଗଦ୍ଦେବ ରାକୁଲା ଓରଫ ସାହୁ (୧୭), ଇନ୍‌ଫୋଭ୍ୟାଲି ଥାନା କାଇମାଟିଆ ଜି-ନେଷ୍ଟ ଆପାର୍ଟମେଣ୍ଟରେ ରହୁଥିବା ପ୍ରକାଶ ଚ଼ନ୍ଦ୍ର ରଥଙ୍କ ପୁଅ ହର୍ଷ ରଥ (୨୧) ଓ ଖୋର୍ଦ୍ଧା ମଡେଲ ଥାନା ଅନ୍ତର୍ଗତ ମୁକୁନ୍ଦ ପ୍ରସାଦର ବୀର କିଶୋର ବେହେରାଙ୍କ ପୁଅ କରନବୀର ବେହେରା (୨୧) ଓ ଗୁରୁତର ଆହତ ହୋଇଥିବା ଯୁବକ ଜଣକ ହେଲେ ପ୍ରିୟାଂଶୁ (୨୦) । ସୂଚ଼ନା ଅନୁସାରେ ମୃତାହତ ୪ ଜଣ ଛାତ୍ର ପରସ୍ପର ସାଙ୍ଗ । ଜଗଦ୍ଦେବ ଗତ କିଛିଦିନ ତଳେ ଏକ ନୂଆ ଥାର କାର କିଣିଥିଲେ । ଗୁରୁବାର ତାଙ୍କ ସାଙ୍ଗଙ୍କୁ ଡାକି ଇନ୍‌ଫୋଭ୍ୟାଲି ଥାନା ମଦନପୁର ଅଞ୍ଚଳରେ ଏକ ଭୋଜି କରିଥିଲେ । ଭୋଜି ପରେ ରାତି ପ୍ରାୟ ୯ଟା ବେଳେ ଯାଁଳା ପେଟ୍ରୋଲ ପମ୍ପରେ ତେଲ ପକାଇ ମୁକୁନ୍ଦ ପ୍ରସାଦର ସାଙ୍ଗ କରନବିରକୁ ଛାଡିବା ପାଇଁ ଯାଉଥିଲେ । ଯିବା ବେଳେ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ନିକଟରେ ଏକ ଟ୍ରଲର ବ୍ରେକ ଡାଉନ ହୋଇ ଠିଆହୋଇଥିଲା । ଥାର ଗାଡିଟି ଦ୍ରୁତଗତିରେ ଆସି ଟ୍ରଲର ପଛରେ ପିଟିଥିଲା । ଏତେ ଯୋର ଦୁର୍ଘଟଣା ଥିଲା ଯେ ଥର କାରଟି ସମ୍ପୂର୍ଣ ଭାଙ୍ଗିରୁଜି ଯାଇଥିଲା । ଫଳରେ ଘଟଣାସ୍ଥଳରେ ଜଗଦ୍ଦେବ, ହର୍ଷ ଓ କରନବୀରଙ୍କ ଜୀବନ ଚ଼ାଲିଯାଇଥିଲା । ପ୍ରୀୟାଂଶୁଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା । ସ୍ଥାନୀୟ ଲୋକ ଦୁର୍ଘଟଣା ଶବ୍ଦ ଶୁଣି ଘଟଣା ସ୍ଥଳରୁ ଦୌଡ଼ି ଆସି ମୃତାହତଙ୍କୁ ଉଦ୍ଧାର କରିଥିଲେ । ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ଗୁରୁତର ଆହତ ପ୍ରିୟାଂଶୁଙ୍କୁ ଚ଼ିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଥିଲେ । ମୃତକଙ୍କୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟକୁ ପଠାଇଥିଲେ । ଆଜି ପୁଲିସ ମୃତକ ମାନଙ୍କ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି । ଘଟଣାର ତଦନ୍ତ ଚ଼ଳାଇଛି । ସୂଚ଼ନା ଥାଉକି ରାଜପଥରେ ବେଆଇନ ପାର୍କିଂ ବଢୁଥିବାରୁ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି ।

## ଉଚ୍ଚସ୍ତରୀୟ କମିଟିକୁ ଲାଇବ୍ରେରିଆନ ସଂଘର ଦାବିପତ୍ର

**ଭୁବନେଶ୍ୱର (ପିପିଏସ୍):** ଶିକ୍ଷା ଓ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟି ସହ କଲେଜ ଲାଇବ୍ରେରୀଆନ ସଂଘର କର୍ମକର୍ତ୍ତାମାନେ ବୁଧବାର ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ସମୟରେ ସଂଘର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କମିଟିକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ତେବେ ଦାବିଗୁଡ଼ିକ ମଧ୍ୟରେ ରହିଛି ଗ୍ରାଣ୍ଟ-ଇନ୍-ଅର୍ଡର ୨୦୧୭ ଅନୁଯାୟୀ ଜିଆଇଏ ଦରମା ପ୍ରାପ୍ତି ପରେ ଲାଇବ୍ରେରିଆନମାନଙ୍କୁ ସେବା ସର୍ତ୍ତାବଳୀ ଏବଂ ଅବସରକାଳୀନ ସୁବିଧା କାର୍ଯ୍ୟକାରୀ କରିବା, ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି, ୦୧.୦୬.୨୦୦୮ ରୁ ୩୧.୧୨.୨୦୧୮ ପର୍ଯ୍ୟନ୍ତ ଅଣସରକାରୀ ସାହାଯ୍ୟପ୍ରାପ୍ତ କଲେଜଗୁଡ଼ିକରେ ଜି.ବି. ଦ୍ୱାରା ନିଯୁକ୍ତ ଲାଇବ୍ରେରିଆନମାନଙ୍କୁ ଜିଆଇଏର ସମ୍ପ୍ରସାରଣ, ଓଆରଏସପି ନିୟମ ୨୦୦୮ ଅନୁଯାୟୀ ୪୨୦୦ ଟଙ୍କା ସମାନ ଗ୍ରେଡ୍ ପେ ପାଉଥିବା ଜୁନିଅର ଲାଇବ୍ରେରିଆନ୍, ନନସ୍ନାତକୋତ୍ତର ଲାଇବ୍ରେରିଆନ୍, ସହକାରୀ ଲାଇବ୍ରେରିଆନ୍ ଏବଂ ସ୍ନାତକ ଲାଇବ୍ରେରିଆନ୍ ଭଳି ବିଭିନ୍ନ ପଦବୀରେ ନିଯୁକ୍ତ ଲାଇବ୍ରେରିଆନଙ୍କ ନାମକରଣରେ ପରିବର୍ତ୍ତନ, ସପ୍ତମ ବେତନ ଓଆରଏସପି ନିୟମ ୨୦୧୭ ଅନୁଯାୟୀ ୦୧.୦୧.୨୦୧୬ରୁ ୩୦.୦୯.୨୦୧୭ ପର୍ଯ୍ୟନ୍ତ ପାର୍ଥକ୍ୟ ବକେୟା ଦରମା ପ୍ରଦାନ, ରାଜ୍ୟର ଅଣସରକାରୀ ସାହାଯ୍ୟପ୍ରାପ୍ତ କଲେଜଗୁଡ଼ିକର ଲାଇବ୍ରେରିଆନମାନଙ୍କ କ୍ଷେତ୍ରରେ ପଦୋନ୍ନତିର ମାର୍ଗକୁ ବିସ୍ତାର କରିବା ପାଇଁ କ୍ୟାଡର ନିୟମ ଗଠନ ସହ ପାଠାଗାର ପୁସ୍ତକର ଭୌତିକ ଯାଞ୍ଚ ଏବଂ ପୁସ୍ତକ ହଜିବା ପାଇଁ ଭାରତ ସରକାରଙ୍କ ସାଧାରଣ ଆର୍ଥିକ ନିୟମ ୨୦୧୭ର କାର୍ଯ୍ୟକାରୀତା କରିବା ଭଳି ବିଭିନ୍ନ ଦାବି ସମ୍ବଳିତ ପତ୍ର ଓସିଏଲଏ ସାଧାରଣ ସମ୍ପାଦକ ତ୍ରିଲୋଚନ ପଣ୍ଡା, ଓସିଏଲଏ ରାଜ୍ୟ ଗଣମାଧ୍ୟମ ସଂଯୋଜକ ହିମାଂଶୁ ଭୂଷଣ ଚମ୍ପତିରାୟ ଓ ଅନ୍ୟ କର୍ମକର୍ତ୍ତାମାନେ ଉଚ୍ଚସ୍ତରୀୟ କମିଟିକୁ ପ୍ରଦାନ କରିଛନ୍ତି ।

## ଆକ୍ରମଣକାରୀଙ୍କୁ ଜରିମାନା ଦଣ୍ଡାଦେଶ

**ଭୁବନେଶ୍ୱର (ପିପିଏସ୍):** ଆକ୍ରମଣକାରୀଙ୍କୁ ୨ହଜାର ଜରିମାନା ଦଣ୍ଡାଦେଶ ଦେଇଛନ୍ତି ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୪ଙ୍କ ଅଦାଲତ । କୋର୍ଟ ଅମୂଲ୍ୟ କୁମାର ଦାସଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ଜୋରିମାନା ଅନାଦେୟ ହେଲେ ଅତିରିକ୍ତ ୩୦ ଦିନର ସରଳ କାରାଦଣ୍ଡ ଭୋଗ କରିବାକୁ ଆଦେଶ ଦେଇଛନ୍ତି । ପୁଲିସ ସୂଚନା ମୁତାବକ, କଳ୍ପନା ଷ୍ଟାଣ୍ଡର ସଦସ୍ୟ ଶିବରାମ ବିଶ୍ୱାଳଙ୍କୁ ଅମୂଲ୍ୟ ଆକ୍ରମଣ କରିଥିଲେ । ଟଙ୍କା ଦେବାକୁ ଅସ୍ୱୀକାର କରିବାରୁ, ଆସାମୀ ଅମୂଲ୍ୟ କୁମାର ଦାସ ତାଙ୍କ ମୁହଁ ଏବଂ ମୁଣ୍ଡରେ ବାଡ଼ିଦ୍ୱାରା ଆକ୍ରମଣ କରି ଆଘାତ ଦେଇଥିଲେ, ଯାହାର ଫଳରେ ଅଭିଯୋଗକାରୀଙ୍କ ପ୍ରବଳ ରକ୍ତସ୍ରାବ ହୋଇଥିଲା । ଏହି ସମ୍ପର୍କରେ ଅଭିଯୋଗକାରୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବଡଗଡ଼ ଥାନାରେ ମାମଲା ରୁଜୁ କରିଥିଲେ ।

# ରାଜଧାନୀରେ ମା' ବାଗ୍‌ଦେବୀଙ୍କ ପୂଜାର୍ଚ୍ଚନା





**ଭୁବନେଶ୍ୱର (ପିପିଏସ୍):** ରାଜଧାନୀ ଓ ଏହାର ଉପକଣ୍ଠ ଅଞ୍ଚଳରେ ମା' ବାଗ୍‌ଦେବୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି । ବିଶେଷକରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀ ମା'ଙ୍କ ପୂଜା କରିବା ସହ ଆଶୀର୍ବାଦ କାମନା କରିଛନ୍ତି । ବିଭିନ୍ନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପିଲାମାନେ ନିଜେ ପ୍ରତ୍ୟକ୍ଷ ପୂଜା କରିବାର ଅନୁଭୂତି ଲାଭ କରିଛନ୍ତି । କୌଣସି ପୂଜକ ନଆସି ସେମାନେ ନିଜେ ନିଜେ ଘରୁ ସରସ୍ୱତୀଙ୍କ ଫଟୋ ଓ ପୂଜା ସାମଗ୍ରୀ ଧରି ଆସି ସ୍କୁଲରେ ସମୂହ ବସି ନିଜେ ନିଜେ ପୂଜା କରିଥିଲେ । ସେହିପରି ବିଭିନ୍ନ ସ୍କୁଲ ଓ କଲେଜରେ ମଧ୍ୟ ମିଳିତ ଭାବେ ପୂଜା କରାଯାଇଥିଲା । ସକାଳୁ ଏଥିପାଇଁ ପିଲାମାନେ ଫୁଲ, ଧୂପ, ଦୁବ, ବରକୋଳିପତ୍ର, ନଡ଼ିଆ, କଦଳୀ ଆଦି ପୂଜା ସାମଗ୍ରୀ ଧରି ସ୍କୁଲକୁ ଆସିଥିଲେ । ସେଠାରେ ପୂଜା ପରେ ପୁଷ୍ପାଞ୍ଜଳି ଦେଇ ପ୍ରସାଦ ସେବନ କରିଥିଲେ ।

# ଗବେଷକ ନଟବର ଷଡ଼ଙ୍ଗୀଙ୍କ ମୃତ୍ୟୁରେ ସିପିଆଇଏମ୍‌ର ଶୋକ



**ଭୁବନେଶ୍ୱର (ପିପିଏସ୍):** ଜୈବ କୃଷି ବିଶେଷଜ୍ଞ, ପ୍ରଖ୍ୟାତ କୃଷି ଗବେଷକ ଓ ବରିଷ୍ଠ ସମାଜ ବିଜ୍ଞାନୀ ନଟବର ଷଡ଼ଙ୍ଗୀଙ୍କ ଆକସ୍ମିକ ବିୟୋଗରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ), ଓଡ଼ିଶା ରାଜ୍ୟ କମିଟି ଗଭୀର ଶୋକ ପ୍ରକାଶ କରୁଛି । ନଟବର ଷଡ଼ଙ୍ଗୀ କେବଳ ଜଣେ କୃଷି ବିଶାରଦ ନୁହେଁ, ସେ ମାଟି, ବିହନ ଓ ଚ଼ାଷୀଙ୍କ ସହ ନିଜ ଜୀବନକୁ ଏକାତ୍ମ କରିଥିବା ଏକ ଦୃଢ଼ ସଙ୍କଳ୍ପବଦ୍ଧ ସଂଗ୍ରାମୀ ଥିଲେ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଜୈବ ଓ ପ୍ରାକୃତିକ କୃଷିର ପ୍ରଚ଼ାର, ପ୍ରସାର ଓ ଗବେଷଣାରେ ନିରନ୍ତର ସକ୍ରିୟ ଥିଲେ । ନିଜର ଉଦ୍ୟମରେ ସେ ଓଡ଼ିଶା ସହିତ ରାଜ୍ୟ ବାହାରୁ ୭୦୦ ଶହରୁ ଅଧିକ ଦେଶୀ ପାରମ୍ପାରିକ ଧାନ ବିହନ ସଂଗ୍ରହ କରି ସେଗୁଡ଼ିକର ସଂରକ୍ଷଣ ଓ ପୁନଃଚ଼ାଷକୁ ବ୍ୟାପକ କରିବାରେ ଏକ ପ୍ରୟୋଗଶାଳା ପ୍ରତିଷ୍ଠା କରି ଅଗ୍ରଣୀ ଭୂମିକା ନେଇଥିଲେ । ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ନଟବର ଷଡ଼ଙ୍ଗୀ ତ୍ୟାଗ ସଙ୍ଘର୍ଷ ଓ ସାଧନାର ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ଏବଂ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ପ୍ରିୟଜନ ମାନଙ୍କ ପ୍ରତି ଆନ୍ତରିକ ସମବେଦନା ଜଣାଯାଇଛି ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚ଼ତୁର୍ଥ ବାର୍ଷିକ ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ଭାକରସାହିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚ଼ତୁର୍ଥ ବାର୍ଷିକ ଉତ୍ସବ ବୁଧବାର ପୂର୍ବାହ୍ଣରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉପଜିଲ୍ଲାପାଳ ମନୋରଞ୍ଜନ ସାହୁ ଯୋଗଦେଇ ଶିକ୍ଷା ବ୍ୟବସ୍ଥାର ବିକାଶ ସହିତ ସମାଜକୁ ଦିଗଦର୍ଶନ ଦେବାଭଳି ପ୍ରତିଭା ସୃଷ୍ଟି ହେବା ଦରକାର୍ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢୀ, ବେଣୁପୁର୍ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ସାମଲ,ସମାଜସେବୀ ଜ୍ୟୋତିରଂଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ କୃତ୍ତି ଛାତ୍ର ଛାତ୍ରୀଙ୍କୁ ପ୍ରମାଣ ପତ୍ର ବଣ୍ଟନ ପରେ କୁନି କଳାକାରମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରି ମନୋରଞ୍ଜନ କରିଥିଲେ । ପ୍ରିୟଦର୍ଶନୀ ଦାସ, ସଂଗୀତା ବିଶ୍ୱାଳ, ପୂଜାରାଣୀ ସାହୁ, ବର୍ଷାରାଣୀ ଦଳାଇ କାର୍ଯ୍ୟକ୍ରମ ଉପସ୍ଥାପନା ଓ ଶିକ୍ଷକ ଶେଷଦେବ ପରିଡ଼ା, ରାକେଶ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ସରସୀ ଦାସ, ସସ୍ମିତା ସାହୁ, ସୁଧୀର ପ୍ରଧାନ, ସର୍ବେଶ୍ୱର ବୈଠାରୁ, ସାବିତ୍ରୀ ପ୍ରଧାନ, ସୁଭଙ୍କରୀ ବେହେରା,ରାଜଶ୍ରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ସଫଳତାରେ ସହଯୋଗ କରିଥିଲେ ।

## ହେରୋଇନ୍ ଜବତ; ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ହେରୋଇନ୍ ଚୋରା ଚାଲାଣ ଅଭିଯୋଗରେ ଅବକାରୀ ଥାନା ପୁଲିସ ବିରେନ୍ କୁମାର ନାୟକ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତାଙ୍କ ଠାରୁ ୬୨ଗ୍ରାମ୍‌ର ହେରୋଇନ୍ ଜବତ ହୋଇଛି । ଯାହାର ମୂଲ୍ୟ ୬ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ଅବକାରୀ ଅତିରିକ୍ତ ସୁପରିନ୍‌ଟେଣ୍ଡେଣ୍ଟ ରାଜଶେଖର ସ୍ୱାଇଁଙ୍କ ସୂଚନା ମୁତାବକ ବିରେନ୍ ମଞ୍ଚେଶ୍ୱର ଥାନା ଧିରୁକୁଟି ବସ୍ତି ଅଞ୍ଚଳରେ ନିଶା କାରବାର କରୁଥିଲେ । ଏସମ୍ପର୍କରେ ଜଣାପଡ଼ିବା ପରେ ତାଙ୍କୁ ଧରିବାକୁ ଅବକାରୀ ବିଭାଗ ମୋବାଇଲ୍ ୟୁନିଟ୍ ଇନ୍ସପେକ୍ଟର କୃଷ୍ଣ ଚନ୍ଦ୍ର ପରିଡ଼ା ଜାଲ ବିଛାଇ ଥିଲେ । ଛଦ୍ମ ବେଶରେ ଅବକାରୀ ପୁଲିସ ନିଶା କିଣିବାକୁ ଗ୍ରାହକ ବେଶରେ ଯାଇଥିଲା । ସେ ହେରୋଇନ୍ ବିକ୍ରି କରୁଥିଲା ବେଳେ ତାଙ୍କୁ ମାଡି ବସିଥିଲା । ଯାଞ୍ଚ ବେଳେ ତାଙ୍କ ଠାରୁ ହେରୋଇନ୍ ଜବତ ହୋଇଥିଲା ।

## ଉପରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଟ୍ରାଫିକ କଟକଣା

**ଭୁବନେଶ୍ୱର (ପିପିଏସ୍):** ଆଜି ଉପ ରାଷ୍ଟ୍ରପତି ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହାକୁ ନଜରରେ ରଖି କମିଶନରେଟ୍ ପୁଲିସ ପକ୍ଷରୁ ଟ୍ରାଫିକ କଟକଣା କରାଯାଇଛି । ବିଶେଷ କରି ଉପରାଷ୍ଟ୍ରପତି କଟକରେ ବିଭିନ୍ନ କାର୍ଯ୍ୟକ୍ରମର ଯୋଗଦେବେ । ଭୁବନେଶ୍ୱର ଏବଂ କଟକର ବିଭିନ୍ନ ସ୍ଥାନରେ ଗାଡ଼ି ଚ଼ଳାଚ଼ଳ ବନ୍ଦ ରହିବ । ଉପ ରାଷ୍ଟ୍ରପତି ଯିବା ସମୟରେ ବିମାନ ବନ୍ଦର ଛକ, କ୍ୟାପିଟାଲ ହସ୍ପିଟାଲ ଏବଂ ଏଜିଛକ ଦେଇ ଲୋକ ଭବନ ଛକରେ ପହଞ୍ଚିବେ । ଏହାପରେ ପାୱାର ହାଉସ ଛକ ଦେଇ ଜୟବିହାର ନିକଟରେ ପହଞ୍ଚିବେ । ସେଠାରୁ ଉପରାଷ୍ଟ୍ରପତିଙ୍କ କାରକେଡ୍ ୟୁଟର୍ଣ୍ଣ ନେଇ ଜୟଦେବ ବିହାର ଫ୍ଲାଏ ଓଭର ଦେଇ ଆଚ଼ାର୍ଯ୍ୟବିହାର, ସତସଂଘ ବିହାର ନିକଟରେ ପହଞ୍ଚିବ । ଭିଏସ୍‌ଏସ୍ ନଗର ଛକ, ପଳାଶୁଣି ଛକ ଦେଇ ହାଇଟେକ୍ ନିକଟରେ ପହଞ୍ଚିବେ । ସେଠାରୁ ଶିଖରପୁର, କାଳିଆବୁଦା ଭିୟୁପି ଦେଇ ଜୋବ୍ରା ଛକ, ମାତା ମଠ ଛକ ଦେଇ ମଧୁସୁଦନ ମୂର୍ତ୍ତି ଛକ ଦେଇ ସମାଜ ଅଫିସ, ବକ୍ସିବଜାର ଛକ, ବରପଥର ଛକ, ତିନିକୋଳିଆ ବଗିଚ଼ା ଛକ ଏବଂ ଜେଲରୋଡ଼ ଛକ ଦେଇ ଉପ ରାଷ୍ଟ୍ରପତି ଯିବାର କାର୍ଯ୍ୟକ୍ରମ ରହିଛି ।

ସେହିପରି ରାଷ୍ଟ୍ରପତି ଯିବା ସମୟରେ ଭାରିଯାନ ଚ଼ଳାଚ଼ଳ ଉପରେ ରୋକ୍ ଲଗାଯାଇଛି । କଟକ ମହାନଦୀ ରିଙ୍ଗ ରୋଡ୍‌ରେ ଶିଖରପୁର ଛକ ଠାରୁ ଚ଼ହଟା ପର୍ଯ୍ୟନ୍ତ ଏବଂ ଏହାକୁ ସଯୋଗ କରୁଥିବା ସମସ୍ତ ରାସ୍ତାରେ ବାରିଯାନ, ଟ୍ରକ୍, ଟ୍ରାକ୍ଟର, ଆମ ବସ୍' ଚ଼ଳାଚ଼ଳ ସକାଳ ୭ଟାରୁ କାର୍ଯ୍ୟକ୍ରମ ଶେଷ ହେବା ପର୍ଯ୍ୟନ୍ତ ଗାଡ଼ି ଚ଼ଳାଚ଼ଳ ବନ୍ଦ ରହିବ । ସେହିପରି ଉପ ରାଷ୍ଟ୍ରପତି ଗ୍ରସ୍ତ ସମୟରେ ଜାତୀୟ ରାଜପଥ-୧୬ରେ ଭାରୀଯାନର ଗତିପଥ ପରିବର୍ତ୍ତନ କରାଯିବ ବୋଲି କମିଶନରେଟ୍ ପୁଲିସ ପକ୍ଷରୁ ପ୍ରେସ ବିବୃତ୍ତି ଜରିଆରେ ସୂଚ଼ନା ଦେଇଛନ୍ତି ।

# ଆଇଜି ପାର୍କ ପରିଦର୍ଶନ କଲେ ନଗର ଉନ୍ନୟନ ମନ୍ତ୍ରୀ



**ଭୁବନେଶ୍ୱର (ପିପିଏସ୍):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଆଇଜି ବା ଇନ୍ଦିରା ଗାନ୍ଧୀ ପାର୍କ ଗୁରୁବାର ଅଚାନକ ପରିଦର୍ଶନ କରି ସେଠାରେ ଜନସାଧାରଣଙ୍କ ପାଇଁ ଉପଲବ୍ଧ ସୁବିଧା ଏବଂ ପାର୍କର ସାମଗ୍ରିକ ରକ୍ଷଣାବେକ୍ଷଣର ସମୀକ୍ଷା କରିଛନ୍ତି ।

ଆଇଜି ପାର୍କକୁ ପ୍ରତିଦିନ ବହୁ ସଂଖ୍ୟାରେ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦା ଆସୁଥିବାରୁ ଏହାର ଯତ୍ନ ଏବଂ ପରିମଳ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ । ପରିଦର୍ଶନ ସମୟରେ ମନ୍ତ୍ରୀ ସେଠାକୁ ଆସିଥିବା ପର୍ଯ୍ୟଟକମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କୁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ । ପାର୍କର ଅବ୍ୟବସ୍ଥା, ବିଶେଷ କରି ଶୌଚାଳୟ ଏବଂ ପରିସ୍ରାଗାରର ଶୋଚନୀୟ ଅବସ୍ଥା ଦେଖି ଡ଼. ମହାପାତ୍ର ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ ।

ପାର୍କର ତୁରନ୍ତ ସୁଧାର ଆଣିବା ସହ ଉପଯୁକ୍ତ ପରିମଳ, ନିୟମିତ ରକ୍ଷଣାବେକ୍ଷଣ ଏବଂ ସେବା ମାନରେ ଉନ୍ନତି ଆଣିବାକୁ ସେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଯଦି ଏହି ଅବହେଳା ଜାରି ରହେ, ତେବେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି । ମନ୍ତ୍ରୀଙ୍କ ଏହି ପରିଦର୍ଶନ ସମୟରେ ଭୁବନେଶ୍ୱର ମହାନଗର ନିଗମର ଡେପୁଟି କମିସନର ଏନ୍. ଗଣେଶ ବାବୁ ଉପସ୍ଥିତ ରହିଥିଲେ ।

ପାର୍କକୁ ସବୁବେଳେ ସ୍ୱଚ୍ଛ, ନିରାପଦ ଏବଂ ପରିଦର୍ଶକ-ଅନୁକୂଳ କରିବା ପାଇଁ ଅଧିକାରୀ ଓ ରକ୍ଷଣାବେକ୍ଷଣ କର୍ମଚାରୀମାନଙ୍କୁ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ପରେଡ୍ ଅଭ୍ୟାସ ପାଇଁ ଟ୍ରାଫିକ୍ କଟକଣା କଡ଼ାକଡ଼ି



**ଭୁବନେଶ୍ୱର (ପିପିଏସ୍):** ଆଗାମୀ ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ ଉପଲକ୍ଷେ ଭୁବନେଶ୍ୱର ସ୍ଥିତ ମହାତ୍ମା ଗାନ୍ଧୀ ମାର୍ଗରେ ସାଧାରଣତନ୍ତ୍ର ଦିବସ ପରେଡ୍ ଅନୁଷ୍ଠିତ ହେବ । ୨୨ ଓ ୨୩ ତାରିଖ ଦିନ ଅପରାହ୍ଣ ୧ରୁ ୬ଟା ପର୍ଯ୍ୟନ୍ତ ଅଭ୍ୟାସ ପରେଡ୍ ସହ ୨୪ ତାରିଖ ସକାଳ ୬ ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ପୂର୍ଣ୍ଣ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହେବ । ସେହିପରି ୨୬ ତାରିଖ ଦିନ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍ ସକାଳ ୬ଟାରୁ ସରିବା ଯାଏଁ ଚାଲିବ । ଏହାକୁ ଦୃଷ୍ଟିରେ ରଖଳ ସର୍ବସାଧାରଣଙ୍କ ସୁଗମନାଗମନ ଓ ପାର୍କିଂ ନିମନ୍ତେ ଓଡ଼ିଶା ସହରାଞ୍ଚଳ ଆଇନ ୨୦୦୩ର ଧାରା ୨୮ (ଓଡ଼ିଶା ଆକ୍ଟ ୨୦୦୭ ର ଧାରା ୮) ଏବଂ ଭୁବନେଶ୍ୱରକଟକ ପୁଲିସ କମିଶନରେଟ୍ (ଟ୍ରାଫିକ୍ ଓ ପବ୍ଲିକ୍ ଅର୍ଡ଼ର) ୨୦୦୮ର ଧାରା ୩୬ ଓ ୩୭କୁ ଆଧାର କରି କଟକଣା ଲାଗୁ କରାଯାଇଛି । ଜାରି କଟକଣା ମଧ୍ୟରେ କୌଣସି ପ୍ରକାର ଭାରୀଯାନ ରାମମନ୍ଦିର ଏବଂ ରାଜମହଲ ଛକ ପଟୁ ମାଷ୍ଟରକ୍ୟାଣ୍ଟିନ୍ ଛକକୁ ଯିବାକୁ ଦିଆଯିବ ନାହିଁ । କେବଳ ଦୁଇଚକିଆ ତଥା ହାଲୁକା ଯାନ ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଆଡ଼କୁ ଆସିପାରିବେ । କିନ୍ତୁ ପିଏମଜି ଛକ ଆଡ଼କୁ ଯିବାପାଇଁ ଅନୁମତି ଦିଆଯିବ ନାହିଁ । ହାଉସିଂବୋର୍ଡ ଛକ ପଟୁ ରବିନ୍ଦ୍ରମଣ୍ଡପ ଆଡ଼କୁ ଆସୁଥିବା ଯାନବାହାନ କେଶରୀ ଟକୀଜରୁ ଆଗକୁ ନଯାଇ ସେହିଠାରୁ ବାମପଟ ଲେନ୍ ଦେଇ ଯାଇପାରିବେ । ସେହିପରି ଏଜି ଛକରୁ ପିଏମଜି ଛକ ଆଡ଼କୁ ଆସୁଥିବା ସମସ୍ତ ଯାନବାହାନ ଜୟଦେବ ଭବନ ଗଳି ଦେଇ ଇଡକଲ୍ ଅଡିଟୋରିୟମ୍ ପଟକୁ ଯିବେ । ୧୨୦ ବାଟାଲିୟନ୍ ଛକରୁ ରବିନ୍ଦ୍ରମଣ୍ଡପ ଆଡ଼କୁ ଆସୁଥିବା ସମସ୍ତ ଯାନବାହାନ ଏମ୍‌ଏଲ୍‌ଏ କଲୋନୀ ରାସ୍ତା ଦେଇ ୪ ନମ୍ବର ଆଡ଼କୁ ଯିବେ । ମହାବା ଗାନ୍ଧୀ ମାର୍ଗ ସଂଲଗ୍ନ ସମସ୍ତ ଲେନ୍ ଓ ବାଇଲେନରେ ଯାନବାହାନ ଚଳାଚଳ ବନ୍ଦ ରହିବ । କେବଳ ପଦଚାରୀ ମାନେ ଚାଲିକରି ମହାତ୍ମା ଗାନ୍ଧୀ ମାର୍ଗକୁ ଆସିପାରିବେ ବୋଲି କମିଶନରେଟ୍ ପୁଲିସ୍ କହିଛି । ଜନସାଧାରଣଙ୍କ ଯାନବାହାନ ରଖିବା ଲାଗି ରହିଥିବା ସ୍ଥାନ ମଧ୍ୟରେ ରେଳଷ୍ଟେସନ ପାଖ ବିଡ଼ିଏ ବସଷ୍ଟାଣ୍ଡ, କଂଗ୍ରେସ ଭବନ ପାଖ ଖୋଲା ସ୍ଥାନ, ଇଡକଲ୍ ଅଡିଟୋରିୟମ୍ ପାଖ ଖୋଲା ସ୍ଥାନ, ଜୟଦେବ ଭବନ ସାମ୍ନାରେ ଥିବା ଖୋଲା ସ୍ଥାନ, ରବିନ୍ଦ୍ରମଣ୍ଡପ ହତା ଭିତର ଖୋଲା ସ୍ଥାନ, ୩ ନମ୍ବର ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ସାମ୍ନାରେ ଥିବା ଖୋଲା ସ୍ଥାନ ଏବଂ ୨ ନମ୍ବର ସରକାରୀ ବାଳିକା ବିଦ୍ୟାଳୟ ପଡ଼ିଆରେ ବ୍ୟବସ୍ଥା କରିଛି । ଅପରପକ୍ଷରେ ୨୬ ତାରିଖ ସକାଳ ୬ରୁ ପରେଡ୍ ସରିବା ପର୍ଯ୍ୟନ୍ତ ପିଏମଜି ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ମଧ୍ୟରେ ଗ୍ୟାସ ବେଲୁନ୍ ବିକ୍ରି ନିଷେଧ କରାଯାଇଛି ।

## ଭାରତ-ନ୍ୟୁଜିଲାଣ୍ଡ ୨ୟ ଟ୍ୱେଣ୍ଟି-୨୦

# ଭାରତକୁ ୨୦୯ ରନ୍‌ର ବିଜୟ ଲକ୍ଷ୍ୟ



ରାୟପୁର : ରାୟପୁରର ସହିଦ ବୀରନାରାୟଣ ସିଂ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଆଜି ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳାଯିବ। ପ୍ରଥମ ମ୍ୟାଚ ଜିତିଥିବା ଭାରତ ଏହି ମ୍ୟାଚକୁ ଜିତି ଶୃଙ୍ଖଳାରେ ନିଜର ଅଗ୍ରଣୀ ସ୍ଥିତିକୁ ଜାରି ରଖିବାକୁ ଉଦ୍ୟମ କରିବ। ନ୍ୟୁଜିଲାଣ୍ଡ ବି ଏହି ମ୍ୟାଚକୁ ଜିତି ଶୃଙ୍ଖଳାକୁ ବରାବର କରିବାକୁ ଉଦ୍ୟମ କରିବ।

ଆଜିର ମ୍ୟାଚରେ ଭାରତୀୟ ଦଳ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ବିଶ୍ରାମ ଦେବାର ସମ୍ଭାବନା ରହିଛି। ପ୍ରଥମ ମ୍ୟାଚରେ ସେ ବୋଲିଂ କରିବା ସମୟରେ ସାମାନ୍ୟ ଆହତ ହୋଇ ପଡ଼ିଆ ଛାଡ଼ିଥିଲେ। ନ୍ୟୁଜିଲାଣ୍ଡର ଡାରିଲ୍ ମିଚେଲଙ୍କୁ ବୋଲିଂ କରିବା ସମୟରେ ତାଙ୍କ ଅଙ୍ଗୁଳିରେ ଆଘାତ ଲାଗିଥିଲା। ଏହା ପରେ ସେ ଓଭର ପୂରଣ ନ କରି ପଡ଼ିଆ ଛାଡ଼ିଥିଲେ। ତାଙ୍କର ଅବଶିଷ୍ଟ ଓଭର ଅଭିଷେକ ଶର୍ମା ପୂରଣ କରିଥିଲେ। ଏଣୁ ଅକ୍ଷର ଶୁକ୍ରବାରର ମ୍ୟାଚ ଖେଳିବା ସମ୍ଭାବନା କମ୍। ତାଙ୍କ ସ୍ଥାନରେ ଭାରତୀୟ ଦଳ କୁଳଦୀପ ଯାଦବଙ୍କୁ ଖେଳାଇବାର ସମ୍ଭାବନା ରହିଛି। ଭାରତ ପାଖରେ ରବି ବିଷ୍ଣୋଇ ମଧ୍ୟ ଜଣ ବିକଳ୍ପ ଅଛନ୍ତି। କିନ୍ତୁ କୁଳଦୀପଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିପାରେ। ବ୍ୟାଟିଂରେ ଭାରତର ଅଭିଷେକ ଶର୍ମାଙ୍କ ଉପରେ ସମସ୍ତଙ୍କ ନଜର ରହିବ। ପ୍ରଥମ ମ୍ୟାଚରେ ସେ ୮୪ ରନର ଏକ ବିସ୍ଫୋରକ ଇନିଂସ ଖେଳିଥିଲେ।

ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ନିର୍ଭିକ କ୍ରିକେଟ୍ ଖେଳି ବିଶ୍ୱର ପ୍ରାୟ ସମସ୍ତ ଦଳଙ୍କୁ ଧୂଳି ଚଟାଇ ପାରିଛି। ଅକ୍ଷର ପଟେଲ ଓ ହାର୍ଦିକ ପାଣ୍ଡ୍ୟାଙ୍କ ଭଳି ଦକ୍ଷ ଅଲ୍‌ରାଉଣ୍ଡର ଭାରତୀୟ ଦଳରେ ଥିବାରୁ ଦଳର ଶକ୍ତି ବହୁତ ବୃଦ୍ଧିପାଇଛି। ପୁଣି ବରୁଣ ଚକ୍ରବର୍ତ୍ତୀଙ୍କ ପରି ସ୍ପିନର ପ୍ରାୟ ସମସ୍ତ ମ୍ୟାଚ୍‌ରେ ୱିକେଟ୍ ନେଇଥାଆନ୍ତି। ସେଥିପାଇଁ ବରୁଣ ବିଶ୍ୱର ୧ନଂ ଟ୍ୱେଣ୍ଟି୨୦ ବୋଲର। ଗତ ଦୁଇ ବର୍ଷ ହେଲା ଅଭିଷେକ ଶର୍ମା ବିଶ୍ୱର ସମସ୍ତ ବୋଲରଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଛନ୍ତି। ପାଖାପାଖି ୨୦୦ ଷ୍ଟ୍ରାଇକ୍‌ରେଟ୍‌ରେ ସେ ରନ୍ କରୁଛନ୍ତି। ପ୍ରଥମ ମ୍ୟାଚ୍‌ରେ ଅଭିଷେକ ୩୫ ବଲ୍‌ରୁ ୮୪ ରନ୍ କରି ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ। ସଞ୍ଜୁ ସାମ୍‌ସନ ଓ ଇଶାନ କିଷନ୍ ବିଫଳ ହୋଇଥିଲେ ହେଁ ଉଭୟଙ୍କୁ ରାୟପୁରରେ ଖେଳିବାର ସୁଯୋଗ ମିଳିବ। ଫର୍ମ ପାଇଁ ସଂଘର୍ଷ କରୁଥିବା ସୂର୍ଯ୍ୟକୁମାର ୨୨ ବଲ୍‌ରୁ ୩୨ ରନ୍‌କରି ଫର୍ମକୁ ଫେରିବା ଭଳି ମନେ ହୋଇଥିଲେ। ରିଙ୍କୁ ସିଂହଙ୍କ ପ୍ରଦର୍ଶନ ବେଶ୍ ପ୍ରଭାବଶାଳୀ ଥିଲା। ରିଙ୍କୁ ୨୦ ବଲ୍‌ରୁ ଅପରାଜିତ ୪୪ ରନ୍ କରିବାରୁ ଦଳ ଶେଷ ୪ ଓଭରରେ ୫୧ ରନ୍ କରି ପାରିଥିଲା। ଭାରତୀୟ ଏକାଦଶରେ ପରିବର୍ତ୍ତନର ସମ୍ଭାବନା କମ୍।

ନ୍ୟୁଜିଲାଣ୍ଡ ବୋଲରଙ୍କୁ ଆରମ୍ଭରୁ ୱିକେଟ୍ ନେବାକୁ ପଡ଼ିବ। ବିଶେଷକରି ୨୦୨୫ରେ ଅନ୍ୟତମ ସଫଳ ବୋଲର ଜାକବ୍ ଡଫିଙ୍କୁ ନୂଆ ବଲ୍‌ରେ ୱିକେଟ୍ ନେବାକୁ ପଡ଼ିବ। କାଏଲ୍ ଜେମିସନ୍ କିମ୍ବା କ୍ରିଷ୍ଟିଆନ୍ କ୍ଲାର୍କଙ୍କ ସ୍ଥାନରେ ମ୍ୟାଟ୍ ହେନ୍‌ରି ଖେଳିପାରନ୍ତି। ପୁଣି ଅଲ୍ ?ରାଉଣ୍ଡର ମାଇକେଲ ବ୍ରେସ୍‌ୱେଲ ଫିଟ୍ ହୋଇଥିବାରୁ ସେ ଇସ୍ ସୋଢ଼ିଙ୍କ ସ୍ଥାନ ନେଇପାରନ୍ତି। ଦିନିକିଆ ଶୃଙ୍ଖଳାର ହିରୋ ଡ୍ୟାରିଲ ମିଚେଲଙ୍କୁ ଉପର ଅର୍ଡରରେ ବ୍ୟାଟିଂ ମିଳିପାରେ। ଗ୍ଲେନ୍ ଫିଲିପ୍ ?ସଙ୍କ ସହ ମାର୍କ ଚାପ୍‌ମ୍ୟାନଙ୍କ ବ୍ୟାଟିଂ ନ୍ୟୁଜିଲାଣ୍ଡକୁ ଉତ୍ସାହିତ କରିଛି। ମୋଟ୍ ? ଉପରେ ବ୍ୟାଟିଂ ଅପେକ୍ଷା ବୋଲିଂକୁ ନେଇ ନ୍ୟୁଜିଲାଣ୍ଡ ଚିନ୍ତିତ। ରାୟପୁର ପିଚ୍‌ରେ ମଧ୍ୟ ଅଧିକ ରନ୍ ସ୍କୋର ହେବ। ଉଭୟ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଚାହିଁବେ।

## ପୁଣି ଥରେ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସରଫରାଜଙ୍କ ଉଦ୍ୟମ

# ୨୦୬ ବଲ୍‌ରୁ କଲେ ଦ୍ୱିଶତକ



ହାଇଦ୍ରାବାଦ : ହାଇଦ୍ରାବାଦର ରାଜୀବ ଗାନ୍ଧି ଅନ୍ତର୍ଜାତୀୟ ଷ୍ଟାଡିୟମଠାରେ ମୁମ୍ବାଇ ଓ ହାଇଦ୍ରାବାଦ ମଧ୍ୟରେ ଖେଳାଯାଉଥିବା ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ-ଡିର ଏକ ମ୍ୟାଚରେ ଦ୍ୱିଶତକ ଅର୍ଜନ କରିଛନ୍ତି ମୁମ୍ବାଇ ବ୍ୟାଟର ସରଫରାଜ୍ ଖାଁ। ପ୍ରଥମ ଶ୍ରେଣୀ କ୍ରିକେଟରେ ଏହା ତାଙ୍କର ୫ମ ଦ୍ୱିଶତକ। ସେ ମାତ୍ର ୨୦୬ଟି ବଲରୁ ଏହି ଦ୍ୱିଶତକ ହାସଲ କରିଛନ୍ତି। ତାଙ୍କର ଏହି ଦ୍ୱିଶତକ ସହ ସେ ପୁଣି ଥରେ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଉଦ୍ୟମ କରିଛନ୍ତି।

ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ହାଇଦ୍ରାବାଦ ଟସ୍ ଜିଣି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ସରଫରାଜଙ୍କ ଦ୍ୱିଶତକ ଓ ଶିଦ୍ଧେଶ ଲାଡ୍‌ଙ୍କ ଦ୍ୱିଶତକ ବଳରେ ୫୬୦ ରନ କରି ଅଲଆଉଟ ହୋଇଯାଇଥିଲା। ସରଫରାଜ ୨୨୭ ରନ କରିଥିବାବେଳେ ଶିଦ୍ଧେଶ ୧୦୪ ରନ କରିଥିଲେ। ସେହିପରି ଆକାଶ ଆନନ୍ଦ ଓ ମୁକେଶ ଅଙ୍କୋଲେକର ୩୫ ରନ୍ ଲେଖାଏଁ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ସିଟିଏଲ୍ ରକ୍ଷନ୍ ୪ଟି ୱିକେଟ ନେଇଥିବାବେଳେ ରୋହିତ ରାୟଡୁ ୨ଟି ୱିକେଟ୍ ନେଇଥିଲେ। ମୁମ୍ବାଇର ୫୬୦ ରନ ଜବାବରେ ବ୍ୟାଟିଂ କରିବାକୁ ବ୍ୟାଟିଂ ଆରମ୍ଭ କରିଥିବା ହାଇଦ୍ରାବାଦ ସର୍ବଶେଷ ସୂଚନା ଅନୁସାରେ ୨ ୱିକେଟ୍ ହରାଇ ୪୬ ରନ କରିଛି।

**ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ୫୦୦୦ ରନ୍ ପୂରଣ :** ଏହି ଲଢୁଆ ଦ୍ୱିଶତକ ସହ ସରଫରାଜ୍ ପ୍ରଥମ ଶ୍ରେଣୀ କ୍ରିକେଟରେ ୫୦୦୦ ରନ୍ ପୂରଣ କରିଛନ୍ତି। ସେ ପ୍ରଥମ ଶ୍ରେଣୀରେ ୬୧ଟି ମ୍ୟାଚ ଖେଳିବା ସହ ୧୭ଟି ଶତକ ଓ ୧୬ଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ନିଜର ଏହି ଚମତ୍କାର ଫର୍ମ ବଜାୟ ରଖି ସେ ପୁଣି ଥରେ ଜାତୀୟ ଟେଷ୍ଟ ଦଳ ପାଇଁ ନିଜର ଦାବି ଉପସ୍ଥାପନ କରିଛନ୍ତି। ଶେଷ ଥର ପାଇଁ ସେ ୨୦୨୪ ନଭେମ୍ବରରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳା ଖେଳିଥିଲେ। ସେହି ମ୍ୟାଚର ଦ୍ୱିତୀୟ ଇନିଂସରେ ସେ ୧୫୦ ରନ କରିଥିଲେ ବି ଭାରତ ୮ୱିକେଟରେ ପରାଜିତ ହୋଇଥିଲା।

## ସର୍ବଭାରତୀୟ ଅନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହକି ଆରମ୍ଭ

# କିଟ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟ ବିଜୟୀ



ରାଉରକେଲା, (ପିପିଏସ୍): ଗୁରୁବାରଠାରୁ ସର୍ବଭାରତୀୟ ଅନ୍ତଃବିଶ୍ୱବିଦ୍ୟାଳୟ ପୁରୁଷ ହକି ପ୍ରତିଯୋଗିତା ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିନରେ ମୋଟ ୮ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୫-୨ ଗୋଲ୍ ?ରେ ଏମ୍‌ଏସ୍ ବିଶ୍ୱବିଦ୍ୟାଳୟ (ତାମିଲନାଡୁ)କୁ ପରାସ୍ତ କରିଥିବା ବେଳେ ପଞ୍ଜାବ ବିଶ୍ୱବିଦ୍ୟାଳୟ ୯-୪ ଗୋଲ୍‌ରେ ସାବିତ୍ରୀ ବାଈ ଫୁଲେ ପୁନେ ବିଶ୍ୱବିଦ୍ୟାଳୟକୁ, ଏଲ୍‌ଏନ୍‌ଆଇପିଇ (ଗ୍ୱାଲିୟର) ୩-୧ ଗୋଲ୍‌ରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟକୁ, ଜୈନ ବିଶ୍ୱବିଦ୍ୟାଳୟ ୩-୨ ଗୋଲ୍‌ରେ ବୀର ବାହାଦୁର ସିଂହ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟକୁ, ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠ ୬-୧ ଗୋଲ୍‌ରେ ଗୁରୁକୁଳ କାଙ୍ଗ୍ରି ବିଶ୍ୱବିଦ୍ୟାଳୟକୁ, କିଟ୍ ବିଶ୍ୱବିଦ୍ୟାଳୟ ୧-୦ ଗୋଲ୍‌ରେ ବେଙ୍ଗାଲୁରୁ ସିଟି ୟୁନିଭର୍ସିଟିକୁ ଏବଂ ଲଭ୍‌ଲି ପ୍ରଫେସ୍‌ନାଲ ୟୁନିଭର୍ସିଟି ୮-୨ ଗୋଲ୍‌ରେ ରବୀନ୍ଦ୍ର ନାଥ ଟେଗୋର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ତେବେ ଏସ୍.ଆର.ଏମ୍.ବିଶ୍ୱବିଦ୍ୟାଳୟ ଓ ବର୍କାତୁଲ୍ଲା ବିଶ୍ୱବିଦ୍ୟାଳୟ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨-୨ ଗୋଲ୍‌ରେ ଅମୀମାଂସିତ ରହିଥିଲା।

# ବିଶ୍ୱକପରୁ ବିଦା ହେଲା ବାଂଲାଦେଶ, ସ୍କଟଲ୍ୟାଣ୍ଡକୁ ମିଳିଲା ସୁଯୋଗ



ନୂଆଦିଲ୍ଲୀ : ବାଂଲାଦେଶ ଟି-୨୦ ବିଶ୍ୱକପରୁ ବାଦ ପଡ଼ିଛି। ନିଷ୍ପତ୍ତି ନେବା ପାଇଁ ଆଇସିସି ବାଂଲାଦେଶକୁ ୨୪ ଘଣ୍ଟା ସମୟ ଦେଇଥିଲା। ଗୁରୁବାର ଢାକାରେ ବିସିବି ଏବଂ ବାଂଲାଦେଶ ସରକାରଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ନିଷ୍ପତ୍ତି ନିଆଯାଇଥିଲା ଯେ ବାଂଲାଦେଶ କ୍ରିକେଟ ଦଳ ଭାରତରେ କୌଣସି ଟି-୨୦ ବିଶ୍ୱକପ ମ୍ୟାଚ ଖେଳିବ ନାହିଁ। ଆଇସିସି ଏବେ ବାଂଲାଦେଶ ବଦଳରେ ସ୍କଟଲ୍ୟାଣ୍ଡକୁ ଟି-୨୦ ବିଶ୍ୱକପରେ ସ୍ଥାନ ଦେବ।

ବାଂଲାଦେଶ ଆଇସିସିକୁ ବିଫଳ ବୋଲି କହିଛି : ସରକାରଙ୍କ ସହ ବୈଠକ ପରେ, ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ଘୋଷଣା କରିଛନ୍ତି ଯେ ତାଙ୍କ ଦଳ ଭାରତରେ ଗୋଟିଏ ବି ମ୍ୟାଚ ଖେଳିବ ନାହିଁ। ସେ ଏହାକୁ ଆଇସିସିର ବିଫଳତା ବୋଲି କହିଛନ୍ତି। ବିସିବି ସଭାପତି କହିଛନ୍ତି, "ଆଇସିସି ଆମର ମ୍ୟାଚ ଭାରତରୁ ସ୍ଥାନାନ୍ତର କରିନାହିଁ। ଆମେ ବିଶ୍ୱ କ୍ରିକେଟ ବିଷୟରେ ଜାଣୁ ନାହୁଁ, ଏବଂ ଏହାର ଲୋକପ୍ରିୟତା ହ୍ରାସ ପାଉଛି। ଆଇସିସି ୨୦ କୋଟି ଲୋକଙ୍କୁ ନିରାଶ କରିଛି। କ୍ରିକେଟ ଏବେ ଅଲିମ୍ପିକ୍ସକୁ ଯାଉଛି, କିନ୍ତୁ ଯଦି ଆମ ଭଳି ଦେଶ ସେଠାକୁ ଯାଉନାହିଁ, ତେବେ ଏହା ଆଇସିସିର ବିଫଳତା।'

ଲଢ଼େଇ ଜାରି ରହିବ: ବିସିବି : ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ଆହୁରି କହିଛନ୍ତି ଯେ ସେମାନେ ଲଢ଼େଇ ଜାରି ରଖିବେ। ସେ ଆଇସିସି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଓଉଉ ବୈଠକରେ ଭୁଲ ନିଷ୍ପତ୍ତି ନିଆଯାଇଛି। ବିସିବି ସଭାପତିଙ୍କ ଅନୁଯାୟୀ, ଓଉଉ ବୈଠକରେ କେବଳ ଇଉଉଓର ମତାମତ ଉପରେ ବିଚାର କରାଯାଇଥିଲା।

'ବାଂଲାଦେଶୀ ଖେଳାଳିମାନଙ୍କ ପାଇଁ ଭାରତ ଅସୁରକ୍ଷିତ' : ବାଂଲାଦେଶ କ୍ରିକେଟ ବୋର୍ଡ ପୁଣି ଥରେ ଭାରତକୁ ଅସୁରକ୍ଷିତ ଘୋଷଣା କରିଛି। ଜଣେ ବାଂଲାଦେଶୀ ଅଧିକାରୀ କହିଛନ୍ତି ଯେ ସମଗ୍ର ବାଂଲାଦେଶ ଦଳ ଭାରତରେ ବିପଦରେ ଅଛି। ସେ କହିଛନ୍ତି, 'ଆମେ ବିଶ୍ୱକପ ଖେଳିବାକୁ ଚାହୁଁଛୁ, କିନ୍ତୁ ଆମର ଖେଳାଳିମାନଙ୍କ ପାଇଁ ସୁରକ୍ଷା ସମସ୍ୟା ରହିଛି। ଓଉଉ ସୁରକ୍ଷା ପ୍ରସଙ୍ଗରେ ଯାହା ଇଚ୍ଛା କହିପାରିବ। କିନ୍ତୁ ଆମର ଜଣେ ଖେଳାଳିଙ୍କୁ ସେମାନଙ୍କ ଟୁର୍ଣ୍ଣାମେଣ୍ଟରୁ ବହିଷ୍କାର କରାଯାଇଛି। ଭାରତ ବିଶ୍ୱକପ ଆୟୋଜନ କରୁଛି। ଯଦି ସେମାନେ ମୁସ୍ତାଫିଜୁରଙ୍କୁ ସୁରକ୍ଷା ପ୍ରଦାନ କରିନଥିଲେ, ତେବେ ସେମାନେ ଆମ ଦଳକୁ କିପରି ସୁରକ୍ଷା ପ୍ରଦାନ କରିବେ? ଆମେ ଆମର ଖେଳାଳିମାନଙ୍କୁ ବିପଦରେ ପକାଇପାରିବୁ ନାହିଁ।'


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧୮-୨୪ ଜାନୁଆରୀ- ୨୦୨୬

ଯୁଦ୍ଧମୁହାଁ ବିଶ୍ୱ




**ଜାତୀୟ:** ଇଡି ବନାମ ମମତା

**ଅନ୍ତର୍ଜାତୀୟ:** ଆମେରିକା ଭୟରେ ଦେଶ ଛାଡ଼ିବେ ଇରାନ ସୁପ୍ରିମ ଲିଡର !

**ବିଶେଷ ପ୍ରସଙ୍ଗ:** କ୍ଷମତା ପାଇଁ କଂଗ୍ରେସ-ବିଜେପି ଏକାଠି

**ନାରୀ:** : ସୁନ୍ଦର ଦିଶିବାର ସାତ ସୂତ୍ର

**କ୍ଷୁଦ୍ରଗଳ୍ପ:** ସପନିର ସପ୍ନ

**ଚଳଚ୍ଚିତ୍ର:** ଚର୍ଚ୍ଚାରେ 'ବର୍ଡର-୨' ଅଭିନେତା
ଅମୀରଙ୍କ ପୁଅଙ୍କ ଖେଳ ବିଗାଡ଼ି ଦେଲେ ସଲମାନ

**ଖେଳ:** ଏସ୍‌ଜିଏଫ୍‌ଆଇ ତୀରନ୍ଦାଜ ପ୍ରତିଯୋଗିତାରେ ଓଡ଼ିଶା ଛାତ୍ରଛାତ୍ରୀଙ୍କ ଐତିହାସିକ ସଫଳତା

**ମୀନାବଜାର:** ପ୍ରେମ, ଚର୍ଚ୍ଚାରେ: ପୁଅ ପିଲାଙ୍କୁ ହାପ୍‌ପ୍ୟାଣ୍ଟ ମନା, ବିଜ୍ଞାନ: ଏମିତି ଦେଶ, ଯେଉଁଠି ବିବାହ ପୂର୍ବରୁ ବରକନ୍ୟାଙ୍କ ଡାକ୍ତରୀ ପରୀକ୍ଷା ବାଧ୍ୟତାମୂଳକ, ପର୍ଯ୍ୟଟନ: ଶିମିଳିପାଳରେ ବଣଭୋଜି, ବାସ୍ତୁ: ଘର ସଜେଇବାକୁ ନକଲି ପ୍ଲାଷ୍ଟିକ ଫୁଲ ବ୍ୟବହାର କରୁଛନ୍ତି କି ? ଭଳି ଏଥିରେ ରହିଛି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ସୂର୍ଯ୍ୟକୁମାରଙ୍କ ନିଆରା ଶତକ



ଇନ୍ଦୋର: ଭାରତୀୟ ଟ୍ୱେଣ୍ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତାଙ୍କ ଘଟଣା ବହୁଳ ସୀମିତ ଓଭର କ୍ରିକେଟ୍ ଜୀବନରେ ସଫଳତାର ଆଉ ଏକ ଅଧ୍ୟାୟ ଯୋଡ଼ିଛନ୍ତି। ବୁଧବାରର ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍ ଅବସରରେ ଚତୁର୍ଥ ଭାରତୀୟ ଭାବେ ସେ ୧୦୦ କିମ୍ବା ତାଠାରୁ ଅଧିକ ଅନ୍ତର୍ଜାତୀୟ ଟ୍ୱେଣ୍ଟି-୨୦ ଖେଳିବାର ଗୌରବ ଅର୍ଜନ କରିଛନ୍ତି। ୩୫ ବର୍ଷୀୟ ସୂର୍ଯ୍ୟକୁମାର ଏଥିସହିତ ହିଟ୍‌ମ୍ୟାନ୍ ରୋହିତ ଶର୍ମା (୧୫୯ ମ୍ୟାଚ୍), ହାର୍ଦିକ ପାଣ୍ଡ୍ୟା (୧୨୫ ମ୍ୟାଚ୍) ଓ ବିରାଟ କୋହଲି (୧୨୫ ମ୍ୟାଚ୍)ଙ୍କୁ ନେଇ ଗଠିତ ଏଲିଟ୍ କ୍ଲବ୍‌ରେ ଯୋଗ ଦେଇଛନ୍ତି। ଏମାନଙ୍କ ମଧ୍ୟରୁ ସର୍ବାଧିକ ଟ୍ୱେଣ୍ଟି-୨୦ ଖେଳିବାର ରେକର୍ଡ ରୋହିତଙ୍କ ନାଁରେ ରହିଛି।

ସୂର୍ଯ୍ୟ ଏବେ ୧୦୦ ଟ୍ୱେଣ୍ଟି-୨୦ ଖେଳି ୯୩ ପାଳିରୁ ୩୫.୨୯ ହାରରେ ୨୭୮୮ ରନ୍ କରିଛନ୍ତି। ସେଥିମଧ୍ୟରେ ରହିଛି ଚାରିଟି ଶତକ ଓ ୨୧ ଅର୍ଦ୍ଧଶତକ। ଟ୍ୱେଣ୍ଟି-୨୦ରେ ସର୍ବାଧିକ ରନ୍ ହାସଲ କରିବା ଭାରତୀୟ ତାଲିକାରେ ସଂପ୍ରତି ସେ ତୃତୀୟ ସ୍ଥାନରେ ରହିଛନ୍ତି। ଗତ କିଛି ମାସ ହେବ ଏହି ଷ୍ଟାଇଲିସ୍ ଡାହାଣହାତୀ ବ୍ୟାଟର ଖରାପ ଫର୍ମ ଦେଇ ଗତିକରି ଆସୁଥିଲେ।

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଲଢ଼େଇରେ ୨୨ ବଲ୍‌ରୁ ୩୨ ରନ୍ କରି ଫର୍ମକୁ ଫେରିବାର ସମ୍ୟକ ସୂଚନା ଦେଇଛନ୍ତି। ସେଥିମଧ୍ୟରେ ସେ ଚାରିଟି ଚୌକା ଓ ଗୋଟିଏ ଦର୍ଶନୀୟ ଛକା ମାରିଥିଲେ। ଏହା ପୂର୍ବରୁ ସୂର୍ଯ୍ୟ ୧୯ ପାଳି ଖେଳି ୧୩.୬୨ର ଅତ୍ୟନ୍ତ ନୈରାଶ୍ୟଜନକ ହାରାହାରି ସହ ମାତ୍ର ୨୧୮ ରନ୍ କରିଥିଲେ। ସେଥିମଧ୍ୟରେ ତାଙ୍କ ଷ୍ଟ୍ରାଇକ୍ ରେଟ୍ ଥିଲା କେବଳ ୧୨୩.୧୬। ସେହିଭଳି ଗତବର୍ଷ ସେ ଗୋଟିଏ ହେଲେ ବି ଅର୍ଦ୍ଧଶତକ ଅର୍ଜନ କରିପାରି ନଥିଲେ।

## ସର୍ବଭାରତୀୟ ନୟାଗଡ଼ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସେମି ଫାଇନାଲରେ ମଙ୍ଗଳା କ୍ଲବ୍ କଟକ



ନୟାଗଡ଼, (ପିପିଏସ୍): ନୟାଗଡ଼ କପ୍ ଫୁଟବଲ୍ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ୫ ମ ଦିନର ଖେଳରେ ଉତ୍କଳ ସ୍ପୋର୍ଟିଂ ଜଟଣୀ ଏବଂ ମଙ୍ଗଳା ଏଫ୍ ସି କଟକ ପରସ୍ପରକୁ ଭେଟିଥିଲେ। ଆରମ୍ଭରୁ କଟକ ଦଳ ଆକ୍ରମଣ ଆରମ୍ଭ କରିଥିଲା। ପ୍ରଥମାର୍ଦ୍ଧରେ କଟକ ଦଳର ୮ ନମ୍ବର ଜର୍ଶିରେ ଥିବା ଖେଳାଳି ପବିତ୍ର ପ୍ରଧାନ ଖେଳର ୬ ମିନିଟ୍ ସମୟରେ, ୩୩ ମିନିଟ୍ ସମୟରେ ଏବଂ ୭୦ ମିନିଟ୍ ସମୟରେ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ ଏବଂ ଶେଷ ମୁହୂର୍ତ୍ତରେ ପବିତ୍ର ଆଉ ଏକ ଗୋଲ୍ ଦେଇ ଥିଲେ। ସେହି କଟକ ଦଳର ୨୩ ନମ୍ବର ଜର୍ସିର ଖେଳାଳି ସୁନିଲ ସୋରେନ ଆଉ ଏକ ଗୋଲ୍ ଦେଇଥିଲେ। ଆଜି ମଞ୍ଚରେ ବିଶିଷ୍ଟ ସମାଜସେବୀ ଇରାନୀ ରାୟ, ନୟାଗଡ଼ ବ୍ଲକ୍ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁ, ଚଳଚ୍ଚିତ୍ର ପ୍ରଯୋଜକ, ବିଶିଷ୍ଟ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଦୀପ୍ତ କୁମାର ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟ ରେଫରି ଭାବେ ରାଜୁ ମହାନ୍ତି ଆଜିର ଖେଳ ପରିଚାଳନା କରିଥିଲେ। ଏଥି ସହିତ ରେଫରି ପ୍ରସନ୍ନ ନାୟକ,ସରୋଜ ମହାରଣା ଲାଇନରେ ଜ୍ୟୋତି ପ୍ରକାଶ ସ୍ୱାଇଁ ୪ ନମ୍ବର ରେପାରୀ ଭାବେ କାର୍ଯ୍ୟ କରିଥିଲେ। ୭୮୬ ୟୁଥ୍ କ୍ଲବ୍ ର ସଭାପତି ଶେଖ୍ ୟୁଶୁବ୍,ସଂଗଠନ ସମ୍ପାଦକ ହଜରତ ଅଲ୍ଲୀ ଖାଁ, ଶରିଫ ଖାଁ, ଶେଖ୍ ନାଇମୁ, ସମ୍ପାଦକ ଅନାୱର୍ ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରିଥିଲେ। ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ଧାରା ବିବରଣୀ ପ୍ରଚାର କରିଥିଲେ। ମୋଟାମୋଟି ଭାବେ ଆଜିର ଖେଳ ଏକ ତରଫା ହୋଇଥିଲା ଏବଂ( ୫-୦) ଗୋଲ୍ ରେ ମଙ୍ଗଳା କ୍ଲବ୍ କଟକ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରି ଥିଲା। ଆସନ୍ତାକାଲି ଏଠାରେ ୨ ୟ ସେମି ଫାଇନାଲରେ ଓ ଉଃଡ଼ିଶା ପୋଲିସ କଟକ ସହ ଦଳର ମୁକାବିଲା ହେବ। ଆଜିର ଖେଳରେ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଲାଭ କରିଥିଲେ ମଙ୍ଗଳା କ୍ଲବ୍ କଟକ ଦଳର ୮ ନମ୍ବର ଯାର୍ଶିରେ ଥିବା ଖେଳାଳି ପବିତ୍ର ପ୍ରଧାନ।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583